

ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
-ଶ୍ରୀଚୈତନ୍ୟ



# ଅନିଶ୍ଚିତତାରେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଭାଗ୍ୟ

**କଟକ ଅଫିସ୍, ୧୧।୩**

ଓଡ଼ିଶାରେ ଚିଟ୍‌ଫଣ୍ଡ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଚିଟ୍‌ଫଣ୍ଡ ଅସ୍ତ୍ରକୁ ପୂର୍ବରୁ ବ୍ୟବହାର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୩ ଜୁଲାଇ ୯ରେ ତଦନ୍ତ କମିଶନ ଗଠନ କରିଥିଲେ ଏବଂ ୩ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। କୁହାଗଲା ତଦନ୍ତ ହେବ, କ୍ଷତିଗ୍ରସ୍ତମାନେ ଟଙ୍କା ଫେରସ୍ତ ପାଇବେ। ଇତିମଧ୍ୟରେ ପ୍ରଥମ ଦଫାରେ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୨୨ଶହ ଜଣ ଟଙ୍କା ଫେରସ୍ତ ପାଇଥିବାବେଳେ କମିଶନଙ୍କ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଛି। ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ୍ ମଦନ ମୋହନ ଦାସଙ୍କ କାର୍ଯ୍ୟକାଳ ଆଉ ବଢ଼ା ଗଲାନାହିଁ। ଫଳରେ ମାର୍ଚ୍ଚ ୩ତାରିଖଠାରୁ କମିଶନ ଶୁଣାଣି ବନ୍ଦ କରିଦେଇଛନ୍ତି। ଏନେଇ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ନୋଟିସ ମରାଯାଇଛି। ଫଳରେ ଯେଉଁ ଲକ୍ଷାଧିକ ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ରଖିଥିଲେ ତାହା ମଉଳି ଯାଇଛି। ଅନ୍ୟପକ୍ଷରେ କମିଶନ୍ ଗଠନ ପରଠୁ ୨୦୧୯ ଜୁଲାଇ ସୁଦ୍ଧା ୫କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭାରେ ଅର୍ଥମନ୍ତ୍ରୀ ଉତ୍ତର ରଖିଥିଲେ। ଏତେ ଟଙ୍କା ଖର୍ଚ୍ଚ ହେବା ପରେ ଏବେ ହଠାତ୍ ବନ୍ଦ କରିଦେବାକୁ ନେଇ ପ୍ରଶ୍ନ ଉଠିଛି।

ଚିଟ୍‌ଫଣ୍ଡ ଠକେଇକୁ ନେଇ ସାରା ରାଜ୍ୟରେ ହଇଚଇ ହେବା ପରେ ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଷ୍ଟିସ୍ ରାଧାକୃଷ୍ଣ ପାତ୍ର କମିଶନ୍ ଗଠନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତିରେ ୫ଟି ଟର୍ମ ଅଫ୍ ରେଫରେନ୍ସ ଜାରି କରାଯାଇଥିଲା। ଚିଟ୍‌ଫଣ୍ଡ ଠକେଇରେ କେଉଁ ସଂସ୍ଥା ଓ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, କେଉଁମାନେ ଏହାକୁ ପ୍ରୋତ୍ସାହନ ଦେଉଥିଲେ, କ୍ଷତିଗ୍ରସ୍ତ ଜମାକାରୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇପାରିବ, ଭବିଷ୍ୟତରେ ଜମାକାରୀଙ୍କୁ କିଭଳି ଆର୍ଥିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ଜମାକାରୀଙ୍କ ସହିତ ସମ୍ପୃକ୍ତ ଯେକୌଣସି ପ୍ରସଙ୍ଗରେ କମିଶନ ତଦନ୍ତ କରିପାରିବେ। ତେବେ ତଦନ୍ତ ମଝିରେ ଜଷ୍ଟିସ ପାତ୍ରଙ୍କ ପରଲୋକ ହୋଇଥିଲା। ତାଙ୍କ ସ୍ଥାନରେ ଜଷ୍ଟିସ୍ ମଦନମୋହନ ଦାସଙ୍କୁ ସରକାର ୨୦୧୫ ଫେବୃୟାରୀ ୫ରେ ନିଯୁକ୍ତ କରିଥିଲେ। ଏହାର କିଛି ଦିନ ପରେ ଅର୍ଥାତ୍ ୨୦ ତାରିଖରେ ସରକାର ଏକ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ ଜାରି କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ କର୍ପସ ଫଣ୍ଡରୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଟଙ୍କା ଫେରସ୍ତ ଦିଆଯିବ ସେ ନେଇ ସୁପାରିସ କରିବା ବ୍ୟବସ୍ଥା ଯୋଡ଼ାଯାଇଥିଲା। ୨୦୧୯ ଡିସେମ୍ବର ୧୧ରେ ସରକାର ପୁଣିଥରେ ସଂଶୋଧନ ଆଣି କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ ବ୍ୟବସ୍ଥା କରିଥିଲେ। ୧୦ ହଜାର କିମ୍ବା ତା'ଠାରୁ କମ୍ ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଗଣନା କରାଯିବ ବୋଲି କୁହାଯାଇଥିଲା।

**■ ବଢ଼ିଲାନି ତଦନ୍ତ କମିଶନଙ୍କ କାର୍ଯ୍ୟକାଳ**

**■ ଖତ ଖାଉଛି ୭ଲକ୍ଷ ସତ୍ୟପାଠ**



OFFICE OF THE COMMISSION OF INQUIRY ON UNAUTHORISED COLLECTION OF PUBLIC DEPOSITS BY HON'BLE SHRI JUSTICE MADAN MOHAN DAS, AT- SPECIAL BRANCH OFFICE CAMPUS, RESERVE POLICE LINE, BUXI BAZAR, CUTTACK-753 001.

Notice No. Date: 03.03.2020

In view of non-receipt of orders of the Government extending the tenure of the Commission till date, Hon'ble Commission shall not hold sittings from 03.03.2020 until further orders.

It is for information of all concerned.

Secretary to Commission.

କମିଶନଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ

ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କ ପକ୍ଷରୁ ୮ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେସବୁକୁ ତର୍ଜମା କରି କମିଶନ ସରକାରଙ୍କୁ ୭ଟି ଅନ୍ତରୀଣ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ୪ ଲକ୍ଷ ୯୭ ହଜାର ୮୪୪ ଜଣଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେଥିରୁ ମାତ୍ର ୨୨ଶହ ଜଣଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ ସତ୍ୟପାଠ କମିଶନଙ୍କ ହସ୍ତଗତ ହୋଇଥିଲା। ସେସବୁର ଡିଜିଟାଇଜେଶନ୍ କାର୍ଯ୍ୟ ଚାଲିଥିବାବେଳେ ଶୁଣାଣି ଆରମ୍ଭ ହୋଇନାହିଁ। କମିଶନ ଅଷ୍ଟମ ଅନ୍ତରୀଣ ରିପୋର୍ଟ କାର୍ଯ୍ୟ ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀ ୪ରେ ଶେଷ ହୋଇଥିଲା। ଏନେଇ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏହାର ପ୍ରାୟ ୧ ମାସ ପରେ ମଧ୍ୟ ସରକାର କାର୍ଯ୍ୟକାଳ ନ ବଢ଼ାଇବାରୁ କମିଶନ ତାଙ୍କ ଶୁଣାଣି ମାର୍ଚ୍ଚ ୩ରେ ବନ୍ଦ କରିଦେଇଥିଲେ।

ସୂଚନାଥାଉ କି ସରକାର ଆରମ୍ଭରୁ ପ୍ରତି ୩ ମାସ କିମ୍ବା ୬ ମାସକୁ ଥରେ କମିଶନଙ୍କ କାର୍ଯ୍ୟକାଳ ବଢ଼ାଇ ଆସୁଥିଲେ। ପୂର୍ବରୁ ଜଷ୍ଟିସ୍ ପାତ୍ରଙ୍କ କାର୍ଯ୍ୟକାଳ ତିନିଥର ବଢ଼ିଥିଲା। ୨୦୧୯ ଅଗଷ୍ଟ ୪ରେ ଜଷ୍ଟିସ୍ ଦାସଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ଏହାର ୨ ଦିନ ପୂର୍ବରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଥିଲେ। ଏହି ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏ ଦିଗରେ ସରକାର ଆଉ ଆଗ୍ରହ ଦେଖାଇନାହାନ୍ତି।

ଜମାକାରୀ ସୁବାସ ବେହେରା କହିଛନ୍ତି ଯେ, ୩ଟି ବଣ୍ଡରେ ୫ ଲକ୍ଷ ୧୦ ହଜାର ଟଙ୍କା ସି-ଶୋର ସଂସ୍ଥାରେ ଜମା ରଖିଥିଲି। ମ୍ୟାଚ୍ୟୁରିଟି ଟଙ୍କାରେ ଝିଅ ବିବାହ କରାଇବି ବୋଲି ଲକ୍ଷ୍ୟ ଥିଲା। ହେଲେ ହଠାତ୍ ସଂସ୍ଥା ବୁଡ଼ିଯିବା ପରେ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଏବେ ବହୁକଷ୍ଟରେ ଝିଅ ବିବାହ ଶେଷ କରିଛି। ମୋ ଭଳି ଅନେକ ଲୋକ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ବୋଲି ବେହେରା କହିଛନ୍ତି। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, କମିଶନକୁ ଅଧାରୁ ବନ୍ଦ କରିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। କାରଣ ଠିକ୍ ତଦନ୍ତ ହୋଇଥିଲେ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଯାହା ସରକାର ଚାହୁଁନାହାନ୍ତି। କମିଶନଙ୍କ କାର୍ଯ୍ୟକାଳ ବଢ଼ିଲେ ଜମାକାରୀମାନେ ଫାଇଦା ପାଇବେ। କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ହୋଇପାରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଲାଗି ବୁଧବାର କଟକ ସ'ମିଲ୍‌ରୁ ଚିରଟ ହୋଇ ଆସିଥିବା କାଠ ରଥଖଳାରେ କଢ଼ାଯାଉଛି।

## ସଂକ୍ଷେପରେ

### ଜଳିଗଲା ମୋଟର ପାର୍ଟସ ଦୋକାନ

**କଟକ ରୋଡ୍,୧୧।୩(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଧୀନ ଓକିଲବାଗ ନିକଟରେ ଥିବା ପର୍ଶୁରାମ ପଟ୍ଟନାୟକଙ୍କ ମୋଟର ପାର୍ଟସ ଦୋକାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ରେ ଦୋକାନ ଜଳୁଥିବା ନେଇ କଲ୍ପନା ଅଗ୍ନିଶମ କେନ୍ଦ୍ରକୁ ସୂଚନା ମିଳିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ବେହେରା କହିଛନ୍ତି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ତଦନ୍ତ ପାଇଁ ଦୋକାନ ମାଲିକ ପଟ୍ଟନାୟକ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି।

### କରୋନା ଭୟ: ରଙ୍ଗ ବଦଳରେ ହଳଦୀରେ ହୋଲି

**ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ.ଏ.)-** ଭୟଙ୍କର କରୋନା ଭାଇରସ ସଂକ୍ରମିତ ହେବାର ଆଶଙ୍କାରେ ପୁରୁଣା ଭୁବନେଶ୍ୱରର ଯୁବକମାନେ ନିଆରା ଢଙ୍ଗରେ ପାଳିଛନ୍ତି ହୋଲି। ମଙ୍ଗଳବାର ପୂର୍ବାହ୍ନ ୧୨ଟାରେ ସ୍ଥାନୀୟ ଅଞ୍ଚଳ ଯୁବକମାନେ ଡାକବଙ୍ଗଳା ଛକଠାରେ ପାଳନ କରିଥିଲେ ହୋଲି ଉତ୍ସବ। କରୋନା ଭାଇରସର ସଂକ୍ରମିତ ଆଶଙ୍କାରେ ଯୁବକମାନେ ରଙ୍ଗ ବଦଳରେ ପ୍ରାୟ ୫୦ କେଜି ହଳଦୀ ଗୁଣ୍ଡ ପାଣିରେ ହୋଲି ଖେଳିବା ସହ ଶୁଭେଚ୍ଛା ଜଣାଇଥିଲେ। ପରେ ହାଣ୍ଡିଭଙ୍ଗା ଲଉଡ଼ି ଖେଳ ମଧ୍ୟ ହୋଇଥିଲା। ଏଥିରେ ଆୟୋଜକ ଜଗେଶ୍ୱରୀ କ୍ଲବ ସମ୍ପାଦକ ଶିବପ୍ରସାଦ ବେହେରା, ପପୁ ସ୍ୱାଇଁ, ଟୁନା ବେହେରା, ବାପୁନି ସାହୁ, ପ୍ରଦୀପ ବେହେରା, ଜଗନ୍ନାଥ ବେହେରା ପ୍ରମୁଖଙ୍କ ସହ ସାହି ବାସିନ୍ଦା ସାମିଲ ହୋଇଥିଲେ।



ବୁଧବାର ସଂସ୍କୃତି ବିଭାଗରେ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ' ପାଳନ ଅବସରରେ ଅତିଥିମାନେ 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଓ 'କାର୍ଯ୍ୟାଳୟ ନଥି'କୁ ଲୋକାର୍ପଣ କରୁଛନ୍ତି।

# ଭାଷା ପ୍ରତିଷ୍ଠାନର 'କାର୍ଯ୍ୟାଳୟ ନଥି', 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଲୋକାର୍ପିତ

**୬ଷ୍ଠ ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ**

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଓଡ଼ିଆ ଭାଷାର ବ୍ୟବହାରକୁ ସୀମିତ କରାଯିବା ଉଚିତ ନୁହେଁ। ଏହାକୁ ଅଧିକ ବୁଦ୍ଧିମନ୍ତ କରିବା ସହିତ ସବୁ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ଉପରେ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଆ ଭାଷାକୁ ଜ୍ଞାନଭଣ୍ଡାରର ଭାଷା ଭାବରେ ପ୍ରତିଷ୍ଠିତ କରିବା ଲାଗି ବୁଦ୍ଧିଜୀବୀ, ଗବେଷକ ଓ ବିଶେଷଜ୍ଞମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ବୁଧବାର 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ' ପାଳିତ ହୋଇଛି। ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାର ୬ଷ୍ଠ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ପାଣିଗ୍ରାହୀ ଭାଷାର ବିକାଶ ଉପରେ ଗୁରୁତ୍ୱ ଦେବା ସହ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଓ 'କାର୍ଯ୍ୟାଳୟ ନଥି'କୁ ଲୋକାର୍ପଣ କରିଥିଲେ।

ଏହି ଅବସରରେ ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବିଭିନ୍ନ ଭାଷା ମଧ୍ୟରେ ରହିଥିବା ସାମ୍ୟ ଓ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଗବେଷକ ଓ ବିଦ୍ୱାନ ଡ. ରଜତ କୁମାର କର, ସମାଲୋଚକ ପ୍ରଫେସର ଡ. ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ଓଡ଼ିଆ ଭାଷାର ଅଭିବୃଦ୍ଧି ଓ ପ୍ରସାର ନିମନ୍ତେ ବହୁମୁଖୀ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ତମସାରାଣୀ ଦାସମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ଆନ୍ତଃବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟାଳୟ ତତ୍ତ୍ୱାବଧାରକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ନାକା ଗେଟ୍ ଅଞ୍ଚଳରୁ ହଟିଲା ୫୨ ଜବରଦଖଲ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଖଣ୍ଡଗିରି ନାକା ଗେଟ୍ ଅଞ୍ଚଳରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସ ମିଳିତ ଭାବେ ଉଚ୍ଛେଦ କରାଯାଇଛି। ଏଥିରେ ୫୨ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କ ଦ୍ୱାରା ଦିଆଯାଇଥିବା ଚିଠି ସଂଖ୍ୟା ୫୩୬କୁ ଭିତ୍ତି କରି ମିଳିତ ଦଳ ଏହି ଉଚ୍ଛେଦ କରିଥିବା ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ଉଚ୍ଛେଦରେ ୨୨ କ୍ୟାବିନ୍, ୫ ବାଉଁଶ ବନ୍ଧା ଘର, ୨ ଲୁହା ଫାଟକ, ୩ ଫାଷ୍ଟଫୁଡ୍ ଦୋକାନ, ୩ ପରିବା ଦୋକାନ, ୮ ଆଡଭରଟାଇଜିଂ ବୋର୍ଡ ଓ ୯ ଆଜବେଷ୍ଟସ ଘର ଭଙ୍ଗାଯାଇଛି। ପର୍ଯ୍ୟାପ୍ତ ସମୟ ନ ଥିବାରୁ ନାକା ଗେଟ୍ ଅଞ୍ଚଳରେ ଉଚ୍ଛେଦ କାର୍ଯ୍ୟକୁ ବୁଧବାର ବନ୍ଦ କରାଯାଇଛି। ଆଗକୁ ମଧ୍ୟ ଉଚ୍ଛେଦ ଚାଲିବ ବୋଲି ଯୋଗସୂତ୍ର ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଉଚ୍ଛେଦରେ ଗୋଟିଏ ଜେସିବି ବ୍ୟବହୃତ ହୋଇଥିବା ବେଳେ ଉଚ୍ଛେଦ ଅଧିକାରୀ ୨ ପ୍ରମୋଦ କୁମାର ପାତ୍ର ଓ ଅନ୍ୟ ଉଚ୍ଛେଦ ଦଳ ଉପସ୍ଥିତ ଥିବା ଜଣାପଡ଼ିଛି।

### ରଙ୍ଗ ନ ଖେଳି କଲେ ଗାଁ ମେଳଣ ପଡ଼ିଆ ସଫେଇ

**ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ.ଏ.)**

ଚଳିତବର୍ଷ କରୋନା ପାଇଁ ହୋଲିରେ ସେତେ ଉତ୍ସୁକତା ନ ଥିଲା। ଭୁବନେଶ୍ୱର ବ୍ଲକ ଅଧୀନ ଟିକରପଡ଼ା ପଞ୍ଚାୟତର ବସନ୍ତପୁର ଗାଁରେ ଦେଖାଦେଇଥିଲା ନିଆରା ମାହୋଲ । ୬୦ରୁ ଊର୍ଦ୍ଧ୍ୱ ଯୁବକମାନେ ରଙ୍ଗ ନ ଖେଳି ରଙ୍ଗର କୁପ୍ରଭାବ ନେଇ ସଚେତନ ସୃଷ୍ଟି କରିବା ସହ ସଫେଇ କାର୍ଯ୍ୟରେ ଲାଗି ପଡ଼ିଥିଲେ। ବୁଧବାର ପଞ୍ଚୁଦୋଳ ପାଇଁ ସେମାନେ ଗାଁର ମେଳଣ ପଡ଼ିଆ ଏବଂ ଗ୍ରାମଦେବ ପୀଠ ସଫେଇ କରି ଗ୍ରାମବାସୀଙ୍କ ହୃଦୟ ଜିଣି ପାରିଥିଲେ। ସମସ୍ତ ଗ୍ରାମବାସୀ ଯୁବକମାନଙ୍କ ଏହି କାର୍ଯ୍ୟରେ ଖୁସି ବ୍ୟକ୍ତି କରିବା ସହ ସେମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ସହ ସ୍ୱାଇଲ କ୍ଲବ ଏବଂ ଉତ୍ସାହୀ ଯୁବକମାନେ ଏଥିରେ ସାମିଲ ହୋଇଥିଲେ।

### ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ

**ବାଲିପାଟଣା, ୧୧।୩(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ମଙ୍ଗଳବାର ବିଧାୟକ ଡ.ଅରବିନ୍ଦ ଢାଲି ରାସ୍ତା ଓ ବିଭିନ୍ନ ସମସ୍ୟା ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉଜ୍ଜ୍ୱଳ ଯୋଜନାରେ ଦୋଳବେଦୀଠାରେ ୨ଲକ୍ଷ ଟଙ୍କା ବିନିୟମରେ ନିର୍ମିତ ହୋଇଥିବା ହାଇମାଷ୍ଟ ଲାଇଟ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ ଥିବା ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ ପାଇଁ ପ୍ରୟାସ କରିବେ ବୋଲି ବିଧାୟକ କହିଛନ୍ତି। ଏହି ଉଦ୍‌ଘାଟନୀ ବେଳେ ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟ ଉପସ୍ଥିତ ଥିଲେ।

# ମହିଳାଙ୍କୁ ରାସ୍ତାରେ ମାଡ଼ ମାରିବା ଘଟଣାରେ ୨ ଅଟକ

**ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ୍.ଏ.)**

ଜମିବାଡିକୁ କେନ୍ଦ୍ରକରି ଶ୍ରୀଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାପାର୍ଶ୍ୱରେ ଥିବା ତରଙ୍ଗ କ୍ଲବ ନିକଟରେ ସବିତା ସେଠୀଙ୍କୁ କେତେଜଣ ଯୁବକ ବିଚ୍ ରାସ୍ତାରେ ମାଡ ମାରିଥିଲେ। ଏ ସମ୍ପର୍କରେ ସବିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ ଜଣଙ୍କୁ ବୁଧବାର ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦଫା ୩୪୧, ୩୨୩, ୨୯୪,୩୩୬, ୩୫୬ ସେକସନ୍ (୩) ଏସ୍‌ସି, ଏସ୍‌ଟି ଆକ୍ଟ ଅନୁଯାୟୀ ନଂ. ୪୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ସବିତାଙ୍କୁ ଆକ୍ରମଣ ହୋଇଥିଲା। ତରଙ୍ଗ କ୍ଲବ ନିକଟରେ ଥିବା ସବିତାଙ୍କ ଜମିର ସୀମାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ତିକ୍ତତା ଲାଗି ରହିଥିଲା। ସବିତା ଚାଲି ଚାଲି ଯାଉଥିବାବେଳେ ଯୋଜନାବଦ୍ଧ ଭାବେ ଜଗି ରହିଥିବା ୫ରୁ ଊର୍ଦ୍ଧ୍ୱ ଯୁବକ ସବିତାଙ୍କୁ ଜନଗହଳିପୂର୍ଣ୍ଣ ରାସ୍ତାରେ ଘେରି ଯାଇ ମାଡ଼ ମାରିଥିଲେ। ସବିତାଙ୍କ କହିବା ଅନୁଯାୟୀ ମାଡରୁ ବର୍ତ୍ତିବା ପାଇଁ ସେ ଧାଇଁଥିଲେ ହେଁ ଯୁବକମାନେ ତାଙ୍କୁ ଗୋଡାଇ ଗୋଡାଇ ଠିଆ ଗୋଇଠା ଓ ଚାପୁଡା ମାରି ଚାଲିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକେ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ଖବରପାଇ ପୋଲିସ ମଧ୍ୟ ଘଟଣାସ୍ଥଳକୁ ଆସି ନ ଥିଲା ବୋଲି ସବିତା କହିଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ଫଟୋଚିତ୍ର ନିକଟରେ ଥିବା ସିସିଟିଭିରେ କଏଦ ହୋଇଛି। ଘଟଣାର ତଦନ୍ତକାରୀ ଅଫିସର ଏସିପି ଥିବା ବେଳେ ଅନୁସନ୍ଧାନ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# କେନାଲରେ ବୁଡ଼ି ମହିଳା ମୃତ

**ବାଲକାଟୀ/ବାଲିଅନ୍ତା, ୧୧।୩(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାର ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ଗାଧୋଇବାବେଳେ ବୁଡ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୀନା ଗୋଚ୍ଛାୟତ(୫୦)। ସୂଚନା ମୁତାବକ, ସତ୍ୟଭାମାପୁର ପଞ୍ଚାୟତ ରଙ୍ଗବଜାର ନିକଟରେ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଜଣେ ଶ୍ରମିକ ଭାବେ ରୀନା କାର୍ଯ୍ୟ କରନ୍ତି। ତେବେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସ୍ଥାନୀୟ କେନାଲକୁ ରୀନା ଗାଧୋଇବାକୁ ଯାଇଥିଲେ। କିନ୍ତୁ ଅପରାହ୍ନ ସମୟରେ ସ୍ଥାନୀୟ ଲୋକେ କେନାଲକୁ ଯାଇଥିବାବେଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ଖବରପାଇ ବାଲିଅନ୍ତା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ପୋଲିସ ନଂ.୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

# ବରଙ୍କୁ ବେଦିରୁ ଉଠାଇନେଲା ପୋଲିସ

**ଖୋର୍ଦ୍ଧା ଅଫିସ, ୧୧।୩**

ପ୍ରଥମ ସ୍ତ୍ରୀ ଥାଇ ୨ୟ ବିବାହ କରୁଥିବା ଅଭିଯୋଗରେ ସ୍ୱାମୀକୁ ବାହାବେଦିରୁ ଉଠାଇ ନେଇଛି ପୋଲିସ। ଏ ନେଇ ସ୍ୱାମୀ ହଟହଟା ହେବା ସହ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୋଲିସ୍ ସୂଚନା ଅନୁସାରେ, ବୋଲଗଡ ଥାନା ମାଗୁରା ଗାଁର ଶିବ ପ୍ରସାଦ ମଙ୍ଗରାଜ(୩୫)। ଗତ ଦେଢ଼ବର୍ଷ ତଳେ ଫତେଗଡ ଥାନା ନାକଟେଇଁ ଗାଁର ରମା ପରିଡାଙ୍କ ଝିଅ ଲୋପାମୁଦ୍ରାଙ୍କୁ ଶିବ ପ୍ରସାଦ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଯାଇଥିଲା। ସ୍ତ୍ରୀଙ୍କ ଉପରେ ବାରମ୍ବାର ଯୌତୁକ ନିର୍ଯାତନା ଦେଇ ଆସୁଥିଲେ ଶିବ। ଏ ନେଇ ଅସହ୍ୟ ହୋଇ ଲୋପାମୁଦ୍ରା ବୋଲଗଡ ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ପୋଲିସ ନଂ. ୫୫/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶିବପ୍ରସାଦ ବୁଧବାର ଅପରାହ୍ନ ସମୟରେ ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଧୀନ ଧବଳେଶ୍ୱର ମନ୍ଦିର ପରିସରରେ ଆଉ ଜଣେ କନ୍ୟାଙ୍କୁ ବିବାହ କରୁଥିଲେ। ଖବରପାଇ ରମା ଆସି ଧଳାପଥର ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଅଶୋକ ପଣ୍ଡା ବିବାହସ୍ଥଳରେ ପହଁଚି ବରଙ୍କୁ ଉଠାଇ ଆଣି ବୋଲଗଡ ଥାନା ଜିମା ଦେଇଥିଲେ। ଏଣେ କନ୍ୟାପକ୍ଷ ହଟହଟା ହୋଇ ଫେରି ଯାଇଥିଲେ। ଏ ସମ୍ପର୍କରେ ବୋଲଗଡ ଥାନା ଅଧିକାରୀ କୁହନ୍ତି, ଯୁବକଙ୍କୁ ଅଟକ ରଖି ତଦନ୍ତ କରାଯାଉଛି।



ଧଳାପଥର ଫାଣ୍ଡିରେ ଅଟକ ଥିବା ବର ଶିବପ୍ରସାଦ ମଙ୍ଗରାଜ।

**ସ୍ତ୍ରୀ ଥାଇ ୨ୟ ବିବାହ**

# ସୁନା ଲୋଭ ଦେଖାଇ କନ୍‌ଷ୍ଟେବଲଙ୍କଠାରୁ ୬ ଲକ୍ଷ ଠକେଇ

**କଟକ ରୋଡ୍,୧୧।୩(ଡି.ଏନ୍.ଏ.)**

ସୁନା ଲୋଭ ଦେଖାଇ ଜଣେ କନ୍‌ଷ୍ଟେବଲଙ୍କ ଠାରୁ ୬ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସାମ ରାଜ୍ୟ ଧୁବରୀ ଜିଲାର ଫକୀରଚାନ ଖାନ, ନିଜାମୁଦ୍ଦିନ ଫକିର, ମନୋହର ଅଲ୍ଲି ଓ ମୁଜାମ ଅଲ୍ଲି। ଏମାନଙ୍କ ନିକଟରୁ ୬ ଲକ୍ଷ ଟଙ୍କା ଓ ନକଲି ସୁନା ଜବତ ହୋଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଖଇରିପୁର ଗ୍ରାମର ଦୈତାରୀ ମଲ୍ଲିକ ସିଆରପିଏଫ୍ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିବା ବେଳେ ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ଫକୀର ଚାନ ଜଣେ ମାଛ ବ୍ୟବସାୟୀ ହୋଇଥିବା ବେଳେ ଦୈତାରୀଙ୍କୁ ମାଛ ଦିଅନ୍ତି। ଦୀର୍ଘଦିନ ଭଳି ଏଭଳି ବ୍ୟବସାୟ ଚାଲିବା ପରେ ଫକୀରଚାନଙ୍କ ନିକଟରେ ୭୫୦ଗ୍ରାମ ସୁନା ରହିଛି ଓ ସେ ଏହାକୁ ବିକ୍ରି କରିବାକୁ ଚାହୁଁଥିବା ଦୈତାରୀଙ୍କ ସ୍ତ୍ରୀ ରାଧାମଣୀଙ୍କୁ ଜଣାଇଥିଲେ। ପରେ ଏ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗତ ଜାନୁୟାରୀ ୧୧ରେ ଦୈତାରୀ ଓ ତାଙ୍କ ସ୍ତ୍ରୀଙ୍କ ସହ ଫକୀରଚାନ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଅପେକ୍ଷା କରିଥିବା ଅନ୍ୟ ଅଭିଯୁକ୍ତ ନିଜାମୁଦ୍ଦିନ ଏକ ସୁନା ମୁଣ୍ଡା ଦୈତାରୀଙ୍କୁ ଦେବା ପରେ ସେମାନଙ୍କଠାରୁ ୬ଲକ୍ଷ ଟଙ୍କା ନେଇଥିଲେ। ୧୨ତାରିଖରେ ଦୈତାରୀ ଉକ୍ତ ସୁନା ମୁଣ୍ଡା ନେଇ ଗହଣା ଦୋକାନରେ ଦେଖାଇବା ପରେ ଏହା ନକଲି ବୋଲି ଜଣାପଡିଥିଲା। ଏ ନେଇ ଦୈତାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧/୨୦) ରୁଜୁ କରିଥିଲା। ନିଜାମୁଦ୍ଦିନ ଫୋନ ନମ୍ବର ପୋଲିସ ଟ୍ରାକିଂ କରିବା ପରେ ଝାରପଡ଼ା କେନାଲ ରୋଡରୁ ମାଛ ବ୍ୟବସାୟୀ ଫକୀର ଚାନ ଓ ନିଜାମୁଦ୍ଦିନଙ୍କୁ ଧରିଥିଲା। ଅନ୍ୟ ଦୁଇ ଜଣ ଉକ୍ତ ଅଞ୍ଚଳରେ ଏଭଳି ସୁନା ବିକ୍ରି ପାଇଁ ଚାହୁଁଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୋଲିସ ସେମାନଙ୍କୁ ଧରି ଜେରା କରିବା ପରେ ଅନ୍ୟତମ ସହଯୋଗୀ ମନୋହର ଓ ମୁଜାମଙ୍କୁ ଗିରଫ କରିଥିଲା।



ଗିରଫ ୪ ଅଭିଯୁକ୍ତ।



ନକଲି ସୁନା, ଟଙ୍କା ଓ ମୋବାଇଲ।

**ନକଲି ସୁନା ଜବତ, ୪ ଗିରଫ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ମାର୍ଚ୍ଚ,୨୦୨୦

**ଆଜି ରାଜ୍ୟ ସଭାରେ ଦିଲ୍ଲୀ ହିଂସା ଆଲୋଚନା**

ଦିଲ୍ଲୀ ହିଂସାକୁ ନେଇ ଆଲୋଚନା କରିବାକୁ ସରକାର ଓ ବିରୋଧୀ ଦଳଗୁଡ଼ିକ ରାଜି ହୋଇଥିବା ବେଳେ ଏନେଇ ଗୁରୁବାର ଆଲୋଚନା କରାଯିବାକୁ ସ୍ଥିର ହୋଇଛି। ବୁଧବାର ଏନେଇ ବିରୋଧୀ ଦଳ ପକ୍ଷରୁ ଆଲୋଚନା କରାଯିବାକୁ ଦାବି କରାଯାଇଥିଲେ ହେଁ ଦିନକ ଲାଗି ଗୃହକାର୍ଯ୍ୟ ବାତିଲ କରାଯାଇଥିଲା। ପାଟିତୁଣ୍ଡ ମଧ୍ୟରେ ଗୃହକାର୍ଯ୍ୟ ୩.୪୦ରେ ପୁଣି ଆରମ୍ଭ ହୋଇଥିଲେ ହେଁ ଉପାଧ୍ୟକ୍ଷ ହରିବଂଶ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ମତ ରଖିବାକୁ କହିଥିଲେ। ଜୋଷୀ ଗୁରୁବାର ପୂର୍ବାହ୍ନରେ ଏଜେଣ୍ଡାରେ ଥିବା ୨ ଅଧ୍ୟାଦେଶ ଉପରେ ପ୍ରଥମେ ଆଲୋଚନା କରାଯାଇ ତା'ପରେ ଦିଲ୍ଲୀ ହିଂସା ସମ୍ପର୍କରେ ଆଲୋଚନା କରାଯିବ ବୋଲି ମତ ରଖିଥିଲେ।

# ସାରା ଭାରତରେ କରୋନା ଆତଙ୍କ

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୧।୩(ପି.ଟି.)**

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୬୦ରେ ପହଞ୍ଚିଛି। କର୍ଣ୍ଣାଟକର କଲାବୁର୍ଗୀରେ ଜଣେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ମହମ୍ମଦ ହୁସେନ ସିଦ୍ଦିକୀ ନାମକ ବ୍ୟକ୍ତିଙ୍କର ମଙ୍ଗଳବାର ସରକାରୀ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ବେଙ୍ଗାଲୁରୁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସିଦ୍ଦିକୀ ନିକଟରେ ସୌଦି ଆରବରୁ ଫେରିଥିଲେ। ଅନ୍ୟପକ୍ଷରେ କରୋନା ଭୂତାଣୁ ସଂକ୍ରମଣରେ ସିଦ୍ଦିକୀଙ୍କ ମୃତ୍ୟୁ ଖବରକୁ ରାଜ୍ୟ ସରକାର ଖଣ୍ଡନ କରିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ଗଣମାଧ୍ୟମରେ ଗୁଜବ ପ୍ରଚାର ହେଉଥିବା ରାଜ୍ୟ ସ୍ୱାସ୍ଥ୍ୟ କମିଶନର ପଙ୍କଜ କୁମାର ପାଣ୍ଡେ କହିଛନ୍ତି। ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ବୁଧବାର ଦିଲ୍ଲୀ ଓ ରାଜସ୍ଥାନରୁ ଜଣେ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଭାରତରେ ଏହି ଭୂତାଣୁ ସଂକ୍ରମିତ ରୋଗୀ ସଂଖ୍ୟା ୬୦ରେ ପହଞ୍ଚିଛି। ବୁଧବାର ସୁଦ୍ଧା ଦିଲ୍ଲୀରେ ମୋଟ ୫ ଜଣ ସଂକ୍ରମିତ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ୬୦ ଜଣଙ୍କ ମଧ୍ୟରେ ୧୬ ଜଣ ଇଟାଲୀୟ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ୪, ମହାରାଷ୍ଟ୍ରରେ ୨ ଓ ଲଦାଖରେ ଜଣ କୋଭିଡ୍-୧୯ରେ ସଂକ୍ରମିତ। ସେହିପରି ରାଜସ୍ଥାନ, ତେଲଙ୍ଗାନା, ତାମିଲନାଡୁ, ଜମ୍ମୁ-କଶ୍ମୀର ଓ ପଞ୍ଜାବରେ ଜଣେ ଲେଖାଏ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। କେରଳରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କଠାରେ କରୋନା ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଭଲ ହୋଇ ଘରକୁ ଫେରିଲେଣି। ଡେଲ୍ ଓ ମାଇଣ୍ଡଟ୍ରି ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିବା ୨ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି। ଡେଲ୍ କର୍ମଚାରୀ ଆମେରିକା ଓ ଟେକ୍ସାସ ଗସ୍ତ କରିଥିବାବେଳେ ମାଇଣ୍ଡଟ୍ରି କର୍ମଚାରୀ ଜଣକ ବିଦେଶ ଗସ୍ତରେ ଯାଇଥିଲେ।

ସତର୍କତା ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ମଙ୍ଗଳବାର ଆଉ ୩ଟି ଦେଶର ନାଗରିକଙ୍କ ଭାରତ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ନାଗରିକଙ୍କ ନିୟମିତ ତଥା ଇ-ଭିଜାକୁ ସ୍ଥଗିତ କରାଯାଇଛି। ପୂର୍ବରୁ ଚାଇନା, ଇଟାଲୀ, ଇରାନ, ଦକ୍ଷିଣ କୋରିଆ, ଜାପାନ ନାଗରିକଙ୍କ ଭିଜା ସ୍ଥଗିତ ରଖାଯାଇଥିଲା। ଉପରୋକ୍ତ ଦେଶକୁ ଭ୍ରମଣରେ ନ ଯିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶବାସୀଙ୍କୁ ପରାମର୍ଶ ଦିଆଯାଇଛି।

**କେରଳ ସର୍ବାଧିକ ପ୍ରଭାବିତ**



- ୬୦ ଟପିଲା ସଂକ୍ରମିତଙ୍କ ସଂଖ୍ୟା
- କର୍ଣ୍ଣାଟକରେ ଜଣେ ମୃତ, କରୋନା ସନ୍ଦେହ
- ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ନାଗରିକଙ୍କ ପ୍ରବେଶ ଉପରେ କଟକଣା
- ବିଦେଶୀଙ୍କ ଇ-ଭିଜାକୁ ସ୍ଥଗିତ ରଖିଲା ଭାରତ

## ୧୨୧ ଦେଶରେ ଭୂତାଣୁ ସଂକ୍ରମଣ

- ୪୩୮୨ ମୃତ
- ୧,୨୧,୭୩୮ ସଂକ୍ରମିତ
- ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା

**ନୂଆଦିଲ୍ଲୀ,୧୧।୩**

ଚାଇନାର ଉହାନ ସହରରେ ପ୍ରଥମେ ଦେଖାଦେଇଥିବା ମାରାତ୍ମକ କରୋନା ଭୂତାଣୁ ଏବେ ୧୨୧ ଦେଶକୁ ବ୍ୟାପିଲାଣି। ଏଥିରେ ମୋଟ ୧,୨୧,୭୩୮ ଜଣ ସଂକ୍ରମିତ ହୋଇଥିବାବେଳେ ୪୩୮୨ ଜଣଙ୍କ ମୃତ୍ୟୁ ହେଲାଣି। ୬୬,୯୪୩ ଜଣ ଆରୋଗ୍ୟ ଲାଭ କରିଥିବା ଜଣାପଡିଛି। ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୦,୭୯୦ ହୋଇଥିବାବେଳେ ସେଠାରେ ୩୧୫୮ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଇଟାଲୀରେ ୧୦,୧୪୯ ସଂକ୍ରମିତ ଓ ୬୩୧ ଜଣଙ୍କ ମୃତ୍ୟୁ ହେଲାଣି। ଇରାନରେ ୯,୦୦୦ କରୋନା ସଂକ୍ରିତ ହୋଇଥିବାବେଳେ ୩୫୪ ଜଣଙ୍କ ମୃତ୍ୟୁ ହୋଇଛି। ଦକ୍ଷିଣ କୋରିଆରେ ରୋଗୀସଂଖ୍ୟା ୭,୭୫୫ ହୋଇଥିବାବେଳେ ମୃତକଙ୍କ ସଂଖ୍ୟା ୬୧ ରହିଛି। ସ୍ପେନ୍‌ରେ ୨,୧୮୨ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୪୯ ପ୍ରାଣ ହରାଇଛନ୍ତି। ଅଧିକ ପ୍ରଭାବିତ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଫ୍ରାନ୍ସରେ ୧,୭୮୪, ଆମେରିକାରେ୧,୦୧୬ ଜଣ, ସ୍ୱିଜରଲାଣ୍ଡରେ ୬୫୨, ଜାପାନରେ ୫୮୭ ଜଣ, ନେଦରଲାଣ୍ଡସ୍‌ରେ ୫୦୩, ବ୍ରିଟେନରେ ୪୫୬, ଅଷ୍ଟ୍ରେଲିଆରେ ୧୨୭, ହଂକଂରେ ୧୨୬ ଓ ଇରାକରେ ୭୧ ଜଣ କରୋନା ଆକ୍ରାନ୍ତ। ଫ୍ରାନ୍ସରେ କରୋନା ଜନିତ ମୃତ୍ୟୁସଂଖ୍ୟା ୩୩ ହୋଇଥିବାବେଳେ ଆମେରିକାରେ ୩୧, ସ୍ୱିଜରଲାଣ୍ଡରେ ୪, ଜାପାନରେ ୧୨, ନେଦରଲାଣ୍ଡସ୍‌ରେ ୫, ବ୍ରିଟେନରେ ୬, ଅଷ୍ଟ୍ରେଲିଆରେ ୩, ହଂକଂରେ ୩ ଓ ଇରାକରେ ୭ ରହିଛି। ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ନାଡିନେ ଡୋରିସ୍ କରୋନାରେ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡିବା ପରେ ସେ ନିଜକୁ ଘରେ ଅନ୍ୟମାନଙ୍କଠାରୁ ଅଲଗା ରଖିଛନ୍ତି। ତେବେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡୋରିସ୍ ଯୋଗଦେଇଥିବାରୁ ଅନ୍ୟ ଏମ୍‌ପିଙ୍କୁ ଏହି ଭୂତାଣୁ ସଂକ୍ରମିତ ହୋଇଥିବା ନେଇ ଚିନ୍ତା ପ୍ରକଟ କରାଯାଇଛି।

**ଇତିହାସର ଆଇନାରେ**

**ମାର୍ଚ୍ଚ ୧୨ର ପ୍ରମୁଖ ଘଟଣା**

୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ ଦାଣ୍ଡି ଅଭିଯାନ ଆରମ୍ଭ କରିଥିଲେ। ଇଂରେଜ ସରକାରଙ୍କ ଦ୍ୱାରା ଦେଶରେ ଲାଗୁ ହୋଇଥିବା ଲୁଣ ଆଇନକୁ ଉଲ୍ଲଂଘନ କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଆନ୍ଦୋଳନ ଲବଣ ସତ୍ୟାଗ୍ରହ ଭାବରେ ପରିଚିତ। ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ।

୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇରେ ସିରିଜ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୩୧୭ ଜଣ ପ୍ରାଣ ହରାଇଥିଲେ। ପ୍ରାୟ ୧୪ ଶହ ଜଣ ଆହତ ହୋଇଥିଲେ। ଡି' କମ୍ପାନୀର ସହଯୋଗୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅଫିସ, ବ୍ୟାଙ୍କ, ପେଟ୍ରୋଲ ଟାଙ୍କି, ମାର୍କେଟକୁ ଟାର୍ଗେଟ କରି କାର୍ ଓ ସ୍କୁଟର ବୋମା ବିସ୍ଫୋରଣ କରାଯାଇଥିଲା।

## ଶିବକୁମାର କର୍ଣ୍ଣାଟକ କଂଗ୍ରେସ ମୁଖ୍ୟ



**ବେଙ୍ଗାଲୁରୁ, ୧୧।୩:** କର୍ଣ୍ଣାଟକ କଂଗ୍ରେସ ଅଧ୍ୟକ୍ଷ ଭାବେ ଦଳର ବରିଷ୍ଠ ନେତା ଡି. କେ. ଶିବକୁମାରଙ୍କୁ ନିଯୁକ୍ତି ମିଳିଛି। ଏହି ପଦରେ ଥିବା ଦୀନେଶ୍ ଗୁଣ୍ଡୁ ରାଓ ଗତବର୍ଷ ଡିସେମ୍ବରରେ ହୋଇଥିବା ଉପନିର୍ବାଚନରେ ଦଳର ଶୋଚନୀୟ ପରାଜୟ ଲାଗି ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ସେତେବେଳେ କଂଗ୍ରେସ ଓ ଜେଡିଏସ୍‌ର ପୂର୍ବତନ ବିଦ୍ରୋହୀମାନେ ୧୧ ଆସନ ଦଖଲ କରିଥିଲେ। ଶିବକୁମାରଙ୍କ ବିରୋଧରେ ମନିଲଣ୍ଡରିଂ ଅଭିଯୋଗ ଆସିବା ପରେ ତାଙ୍କୁ ତିହାର ଜେଲ ଯିବାକୁ ପଡ଼ିଥିଲା। ଏବେ ଶିବକୁମାରଙ୍କ ନେତୃତ୍ୱରେ ଦଳ ମଜଭୁତ ହୋଇପାରିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଭାବେ ଯୁବନେତା ଅନିଲ ଚୌଧୁରୀଙ୍କୁ ନିଯୁକ୍ତି ମିଳିଛି। ଦିଲ୍ଲୀ କଂଗ୍ରେସ ଉପାଧ୍ୟକ୍ଷ ଭାବେ ଅଭିଷେକ୍ ଦତ୍ତ, ଶିବାନୀ ଚୋପ୍ରା, ଜୟକିଷାନ, ମୁଦିତ୍ ଅଗ୍ରୱାଲ ଏବଂ ଅଲି ହାସନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳର ଶୋଚନୀୟ ପରିସ୍ଥିତି ଲାଗି ନିଜକୁ ଦାୟୀ କରି କଂଗ୍ରେସ ମୁଖ୍ୟ ପଦରୁ ସୁଭାଷ ଚୋପ୍ରା ଇସ୍ତଫା ଦେଇଥିଲେ।

## ଇଟାଲି, ଇରାନରୁ ଭାରତୀୟଙ୍କୁ ଫେରାଇ ଅଣାଯିବ

**ନୂଆଦିଲ୍ଲୀ, ୧୧।୩:** କରୋନା ପ୍ରଭାବିତ ଇଟାଲି, ଇରାନ ଆଦି ଦେଶରୁ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଫେରାଇ ଅଣାଯିବା ଲାଗି କେନ୍ଦ୍ର ସରକାର ଅଗ୍ରାଧିକାର ଦେଉଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି। ଇରାନରୁ ୫୨୯ ଲୋକଙ୍କଠାରୁ ସାମ୍ପଲ ଅଣାଯାଇ ସାରିଥିବା ସେ କହିଛନ୍ତି। ରାଜ୍ୟ ସଭାରେ ଜୟଶଙ୍କର କହିଛନ୍ତି, ୫୮ ଭାରତୀୟଙ୍କୁ ଇରାନରୁ ଅଣାଯାଇ ସାରିଛି। ଅଧିକ ଭାରତୀୟଙ୍କୁ ଆଣିବା ଲାଗି ଇରାନ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛି। ଭାରତୀୟଙ୍କ ଜୀବନରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଇରାନରେ ସଂକ୍ରମିତଙ୍କ ସଂଖ୍ୟା ୯ ହଜାର ଟପିଛି। ଇଟାଲିରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଟପିଲାଣି। ଏହାକୁ ଦେଖି କେନ୍ଦ୍ର ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣଦୃଷ୍ଟି ରଖିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦୈନିକ ସମୀକ୍ଷା କରୁଛି ବୋଲି ଜୟଶଙ୍କର ପ୍ରକାଶ କରିଛନ୍ତି।



କରୋନାର କେନ୍ଦ୍ରସ୍ଥଳ କୁହାଯାଉଥିବା ଉହାନସ୍ଥିତ ଏକ ସ୍ୱତନ୍ତ୍ର ହସ୍ପିଟାଲ ପରିଦର୍ଶନରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍।

## ବେଜିଂକୁ ଦୋଷଦେଲେ କେନ୍ଦ୍ରମନ୍ତ୍ରୀ

**ଭାରତ-ଚାଇନା ସୀମା ବିବାଦ**

**ନୂଆଦିଲ୍ଲୀ, ୧୧।୩**

ଅରୁଣାଚଳ ପ୍ରଦେଶ, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ବହୁବାର ସ୍ପଷ୍ଟ ଭାବେ ଚାଇନାକୁ ବୁଝାଯାଇଛି। ତଥାପି ବେଜିଂ ଜାଣିଶୁଣି ସୀମାବିବାଦକୁ ବଢ଼ାଇବା ଲାଗି ପ୍ରୟାସ କରୁଛି ବୋଲି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ଲୋକ ସଭାରେ ବୁଧବାର ପ୍ରକାଶ କରିଛନ୍ତି। ପୂର୍ବ ଭାଗରେ ବେଜିଂ ଅରୁଣାଚଳ ପ୍ରଦେଶର ପ୍ରାୟ ୯୦ ହଜାର ସ୍କୋୟାର କି.ମି. ନିଜର ବୋଲି ଦାବି କରୁଛି। ସେହିଭଳି ଲଦାଖରେ ଚାଇନା ୩୮ ହଜାର ସ୍କୋୟାର କି.ମି. ଜବରଦଖଲ କରି ରଖିଛି ବୋଲି ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି। ୧୯୬୩ରେ ପାକିସ୍ତାନ- ଚାଇନା ସୀମା ଚୁକ୍ତିରେ ଭାରତର ୫,୧୮୦ ସ୍କୋୟାର କି.ମି. (ପିଓକେ) ଅଞ୍ଚଳକୁ ପାକିସ୍ତାନ ଦେଇଥିବା ସେ ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଲଦାଖର ସମସ୍ତ ଅଞ୍ଚଳ ଭାରତର ବୋଲି ସରକାର ବେଜିଂକୁ କହିଆସୁଥିଲେ ହେଁ ଚାଇନା ଜାଣିଶୁଣି ସୀମାବିବାଦ ସୃଷ୍ଟି କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି।

## ୩ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୧।୩**

ଜମ୍ମୁ-କଶ୍ମୀରର କୁପଓ୍ୱାଡ଼ାରୁ ୩ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ରାଜ୍ୟ ପୋଲିସ ଏବଂ ୫ ବିହାର ରେଜିମେଣ୍ଟ ପକ୍ଷରୁ ସୂଚନା ପାଇ ସ୍ଥାନୀୟ କ୍ରାଲ୍‌ପୋରା ଅଞ୍ଚଳରେ ଅତର୍କିତ ଚଢାଉ କରାଯାଇଥିଲା। ଗିରଫ ଆତଙ୍କବାଦୀ ହିଜବୁଲ କମାଣ୍ଡର ବାଶିର ପୀର ଓରଫ ଇମ୍‌ତିୟାଜ୍ ଆଲାମ୍‌ର ସହଯୋଗୀ ବୋଲି ଜଣାପଡ଼ିଛି। ଗତ ୮ ମାସ ହେବ ଏମାନେ ସକ୍ରିୟ ରହି ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛି। କୁପଓ୍ୱାଡ଼ାରେ ଏମାନେ ଯୁବକମାନଙ୍କୁ ଆତଙ୍କବାଦୀ ଭାବେ ନିଯୁକ୍ତି ଦେଇଆସୁଥିଲେ। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପ୍ରକାଶ।

**ରାଜ୍ୟ ଖବର**

## ବିଳମ୍ବିତ ନିଯୁକ୍ତି ୨୦୨୧ ଜୁନ୍ ସୁଦ୍ଧା ସାରିବା ପାଇଁ ଜିଏ ଷ୍ଟାଣ୍ଡିଂ କମିଟିର ପରାମର୍ଶ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା କରାଯାଉଥିବା ନିଯୁକ୍ତି ପ୍ରକ୍ରିୟାକୁ ପ୍ରତିବର୍ଷ ନିୟମିତ ସମୟରେ ସମାପ୍ତ କରାଯାଉ। ପୂର୍ବରୁ ବିଳମ୍ବିତ ହୋଇଥିବା ପ୍ରକ୍ରିୟା ୨୦୨୧ ଜୁନ୍ ସୁଦ୍ଧା ସମାପ୍ତ ହେଉ। ରାଜ୍ୟରେ ଓପିଏସ୍‌ସି, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ବିଭିନ୍ନ ପରୀକ୍ଷା କରାଯାଉଛି। କୌଣସି ସରକାରୀ ଚାକିରି ପାଇଁ ଲିଖିତ ପରୀକ୍ଷା କରିସାରିବା ପରେ ଶାରୀରିକ ପରୀକ୍ଷା କରାଯିବା ନେଇ ସଂଶୋଧନ ଆଣିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ କରାଯାଇଛି। ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚମାନଙ୍କ ବଦଳରେ ଆର୍‌ଆଇମାନଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନ କରାଯାଉ ବୋଲି ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ପ୍ରତି ଜିଲାର ସ୍ୱତନ୍ତ୍ର ଗେଜେଟ୍ ପ୍ରସ୍ତୁତ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ଏମ୍‌ସକୁ ଅଧିକ ଅର୍ଥ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅପରାଜିତାଙ୍କ ଅନୁରୋଧ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ଏମ୍ସ ହସ୍ପିଟାଲ ଲାଗି ଅଧିକ ଅର୍ଥ ବରାଦ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଅନୁରୋଧ କରିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଅପରାଜିତା କହିଛନ୍ତି ଯେ, ବିଭିନ୍ନ ପ୍ରକାର କାର୍ଯ୍ୟ ସକାଶେ ଏମ୍‌ସକୁ ଅର୍ଥ ଆବଶ୍ୟକ। ହସ୍ପିଟାଲ ଲାଗି ବ୍ୟାପକ ଉପକରଣ କିଣିବାର ଆବଶ୍ୟକତା ଅଛି। ଲୋକମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ମଧ୍ୟ ବହୁତ କିଛି ଆବଶ୍ୟକ। ଏଥିଲାଗି ହସ୍ପିଟାଲ ନିର୍ଦ୍ଦେଶକ ମଧ୍ୟ ଏକ ପ୍ରସ୍ତାବ ମାର୍ଚ୍ଚ ୨ ତାରିଖରେ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାବହୁତ ଜରୁରୀ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଏହାସହ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ହେଲ୍‌ଥ କ୍ୟାମ୍ପ ବସାଇବାକୁ ଅନ୍ୟ ଅଧିକାରୀମାନଙ୍କୁ କହିବାକୁ ସେ କହିଛନ୍ତି।

# ଦ୍ୱିତୀୟାର୍ଦ୍ଧରେ ୨୮ ମିନିଟ୍ ଚାଲିଲା ଗୃହ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଅର୍ଥରାଶି ୟେସ୍ ବ୍ୟାଙ୍କ୍‌ରେ ଜମା ରଖିବା ପ୍ରସଙ୍ଗରେ ପ୍ରଥମାର୍ଦ୍ଧ ପ୍ରଭାବିତ ହୋଇଥିଲା। ପୁନର୍ବାର ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଜୟ ଜଗନ୍ନାଥ କହି ନିଜ ଆସନରେ ଛିଡ଼ା ହୋଇଥିଲେ। ଜଗନ୍ନାଥଙ୍କ ଟଙ୍କା ଘରୋଇ ବ୍ୟାଙ୍କ୍‌ରେ ରହିବା ପ୍ରସଙ୍ଗରେ କହିବାକୁ ଆରମ୍ଭ କରିଥିଲେ। ଏହାପରେ ବାଚସ୍ପତି ଗୁରୁବାର ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସାଲୁଜା ନିଜ ଆସନରେ ଛିଡାହୋଇ ରହିଲେ। ଏହା ଦେଖି ବାଚସ୍ପତି ସୂର୍ଯ୍ୟ ପାତ୍ର ତାଙ୍କୁ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ୩ରୁ ୪ ମିନିଟ୍ କହିବାକୁ ସୁଯୋଗ ଦେଇଥିଲେ। ସାଲୁଜାଙ୍କ ପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜଗନ୍ନାଥଙ୍କ ସମ୍ପତ୍ତି ପରି ଇଡ୍‌କୋର ସମ୍ପତ୍ତି ଘରୋଇ ବନ୍ଧନ ବ୍ୟାଙ୍କ୍‌ରେ ରଖାଯାଇଥିବା ପ୍ରଦୀପ୍ତ ଅଭିଯୋଗ ଆଣିଥିଲେ। ଏହାପରେ ବାଚସ୍ପତି ପାତ୍ର ତାଙ୍କୁ କେନ୍ଦୁପତ୍ର ତୋଳାଳିଙ୍କ ପ୍ରସଙ୍ଗ ପରବର୍ତ୍ତୀ ଦିନର ଶୂନ୍ୟକାଳରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ବିରୋଧୀ ଦଳ ନେତା କହିବା ପରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷମାନେ ୨୦୨୦-୨୧ ବର୍ଷ ପାଇଁ ରିପୋର୍ଟ ଉପସ୍ଥାପନ କରିଥିଲେ। ସେମାନେ ହେଉଛନ୍ତି- କିଶୋର କୁମାର ମହାନ୍ତି, ନୃସିଂହ ଚରଣ ସାହୁ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ନରସିଂହ ମିଶ୍ର, ପ୍ରଦୀପ ଅମାତ, ମୋହନ ମାଝି। ସେହିପରି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଥିବା ଦେବୀ ପ୍ରସାଦ ମିଶ୍ର ଏବଂ ସୁବ୍ରତ ତରାଇ ଅନୁପସ୍ଥିତ ଥିବାରୁ ତାଙ୍କ ବଦଳରେ ଯଥାକ୍ରମେ ଅଶୋକ ବଳ ଓ ଚନ୍ଦ୍ରସାରଥି ବେହେରା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାପରେ ବାଚସ୍ପତି ଅପରାହ୍ନ ୩ଟା ୨୮ ମିନିଟ୍‌ରୁ ଗୁରୁବାର ୧୦ଟା ୩୦ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ବିଶ୍ୱଭାରତୀରେ କବି ଗୋପାଳକୃଷ୍ଣ ରଥ ଜାତୀୟ ସମ୍ମାନ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୧।୩ (ବ୍ୟୁରୋ)**

ବିଶ୍ୱଭାରତୀ ଓଡ଼ିଆ ବିଭାଗ ଆନୁକୂଲ୍ୟରେ କବି ଗୋପାଳକୃଷ୍ଣ ରଥଙ୍କ କବିତା ଆଧାରିତ ଦୁଇଦିନିଆ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରଫେସର କଇଳାଶ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ସମ୍ମାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ଗୋପାଳକୃଷ୍ଣ ଫାଉଣ୍ଡେସନର ଅଧ୍ୟକ୍ଷା ଡ. କିରଣବାଳା ରଥ ଓ କବି ମନୁ ଦାଶ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ।

ଉଦ୍‌ଘାଟକ ଡ. ମଲ୍ଲିକ ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ ଯେ, କବି ଗୋପାଳକୃଷ୍ଣଙ୍କ କବିତାରେ ମାନବୀୟ ଚେତନାର ଯେଉଁ କ୍ରମୋତ୍ତରଣ ଘଟିଛି, ତାହା ତାଙ୍କ ସମକାଳରେ ବିରଳ। ଆଧ୍ୟାତ୍ମିକତା ତାଙ୍କର ଧ୍ୟେୟ ହେବା ସତ୍ତ୍ୱେ ରାଜନୈତିକ ଶ୍ଳେଷର ବହୁ ନିଦର୍ଶନ ତାଙ୍କର କେତେକ କବିତାରେ ଦେଖିବାକୁ ମିଳିଥାଏ। ମୁଖ୍ୟଅତିଥି ଡ. ପଟ୍ଟନାୟକ କହିଥିଲେ ଯେ, ଗୋପାଳକୃଷ୍ଣଙ୍କ କବିତା ଥିଲା ସାଧାରଣ ମଣିଷର ଚେତନାଠାରୁ ଊର୍ଦ୍ଧ୍ୱରେ। ସମ୍ମାନିତ ଅତିଥି ଡ. ରଥ କବିଙ୍କସହ ବିତାଇଥିବା ତାଙ୍କ ଜୀବନାଭୂତିର ଅତି ଅନ୍ତରଙ୍ଗ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ମନୁ ଦାଶ ତାଙ୍କ ବକ୍ତବ୍ୟରେ ଗୋପାଳକୃଷ୍ଣଙ୍କ କବିତାର ସର୍ଜନାତ୍ମକ ବୈଶିଷ୍ଟ୍ୟ ଉଲ୍ଲେଖ କରିଥିଲେ। ସମ୍ମାନର ସଂଯୋଜନା କରିଥିଲେ ବିଭାଗୀୟ ପ୍ରାଧ୍ୟାପକ ଡ. ଶରତ କୁମାର ଜେନା।

ଉଦ୍‌ଯାପନୀ ସମାରୋହରେ ଭାରତୀ ନନ୍ଦୀଙ୍କ ଦ୍ୱାରା ବଙ୍ଗାନୁଦିତ କବି ହୃଷୀକେଶ ମଲ୍ଲିକଙ୍କ କବିତା ପୁସ୍ତକ 'ଠାକୁରଦା ନା-ଦେଖା ଭାରତବର୍ଷ'କୁ ପାଠକାର୍ପିତ କରିଥିଲେ ବିଶିଷ୍ଟ ବଙ୍ଗୀୟ କବି ପ୍ରଫେସର ଅମଲ ପାଲ। ବିଭିନ୍ନ ଅଧିବେଶନରେ ନିବନ୍ଧ ପାଠ ଓ ବକ୍ତବ୍ୟ ପ୍ରଦାନ କରିଥିଲେ ପ୍ରଫେସର ଚିରବାଳା ମହାନ୍ତି, ପ୍ରଫେସର ମନୋରଞ୍ଜନ ପ୍ରଧାନ, ପ୍ରଫେସର ସବିତା ପ୍ରଧାନ, ଡ. ହୃଷୀକେଶ ପଣ୍ଡା, ଡ. ରବୀନ୍ଦ୍ର କୁମାର ଦାସ, ଡ. ପ୍ରମିଳା ପାତ୍ରଲିଆ, ଡ. ଗୋପୀନାଥ ବାଗ, ଡ. ଶ୍ୟାମ ଭୋଇ, ଡ. ଅର୍ଜୁନ କୁମାର, ଡ. ସୁମେଧ ରଣବୀର ଭଗବାନ, ଡ. ଅତୁଲ ବଳ, ଅଖିଳ ବିଶ୍ୱାଳ, ଦୀପକ ପୁହାଣ, କବିତା ତିଆଡି ଓ ଇନ୍ଦ୍ରମଣି ସାହୁ ପ୍ରମୁଖ। ଡ. ରବୀନ୍ଦ୍ର କୁମାର ଦାସଙ୍କ ସଂଚାଳନରେ ଅନୁଷ୍ଠିତ ଗୋପାଳକୃଷ୍ଣଙ୍କ କବିତା ଆବୃତ୍ତି ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଓଡିଶୀ, ମଣିପୁରୀ ଓ ଆସାମର ବିହୁ ନୃତ୍ୟ ଉପଭୋଗ୍ୟ ହୋଇଥିଲା।

## ଏସଏଚଜି ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ରାଜ୍ୟର ଅତି ଭିତିରିଆ କେତେଗୁଡିଏ ଗାଁର ୬୯,୨୬୦ କିମିରୁ ୩୦,୮୦୪କିମି ରାସ୍ତାକୁ କଂକ୍ରିଟ କରାଯାଇସାରିଛି। ସେଥିରୁ ଆଉ ୩୮,୪୫୬କିମି ରାସ୍ତା ହେବାକୁ ବାକି ରହିଛି, ଯାହା ଅତ୍ୟନ୍ତ ଜରୁରୀ ଅଟେ। ଏହିସବୁ ସ୍ଥାନରେ ଜଳ ନିଷ୍କାସନ ପାଇଁ ଡ୍ରେନ୍‌ର ଆବଶ୍ୟକତା ରହିଛି। ଏହି ଯୋଜନା ଲାଗି ଚଳିତ ବଜେଟ୍‌ରେ ୩୦୦କୋଟି ଟଙ୍କାକୁ ବୃଦ୍ଧି କରି ୭୦୦କୋଟି ଟଙ୍କା କରାଯାଉ। ଫଳରେ ପର୍ଯ୍ୟାୟକ୍ରମେ ବାକି ରହିଯାଇଥିବା ୩୮,୪୫୬କିମି ଗ୍ରାମାଞ୍ଚଳ ରାସ୍ତାକୁ କଂକ୍ରିଟ କରାଯାଇପାରିବ। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ରାଜ୍ୟ ଜୀବିକା ମିଶନ ଅଧୀନରେ ବିଭିନ୍ନ ଜିନିଷର ପ୍ରଦର୍ଶନ କରୁଛନ୍ତି। ମାତ୍ର ଉକ୍ତ ଜିନିଷଗୁଡିକର ପ୍ରଚାର ଏବଂ ବିକ୍ରୟ କରିବାରେ ସେତେଟା ସକ୍ଷମ ହୋଇପାରୁନାହାନ୍ତି। ଏଥିପାଇଁ କମିଟି ଅନୁରୋଧ କରିଛି ଯେ, ଏକ ଉପଯୁକ୍ତ ବଜାର ଲିଙ୍କ ସୃଷ୍ଟି କରିବା ସହିତ ଇକୋ-ସିଷ୍ଟମ ସହିତ ଏସଏଚଜିର ଭିନ୍ନଭିନ୍ନ ଜିନିଷ ବିକ୍ରି କରିବା ପାଇଁ ସୁବିଧା ହେବ ବୋଲି କହିଛନ୍ତି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ ପକ୍କାଘର ଯୋଜନାରେ ଅତି କମ୍‌ରେ ୧୦୦ ଘର ଯୋଗାଯାଉ। ବହୁ ଯୋଗ୍ୟ ହିତାଧିକାରୀ ଯେଉଁମାନେ ଏଥିରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ସୁବିଧା ମିଳିପାରିବ। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ୨୦୧୯-୨୦ ଯୋଜନାରେ ଯେଉଁମାନେ ପାଇଖାନା ଲାଗି କମ୍ ଅର୍ଥ ପାଇଥିଲେ ସେମାନଙ୍କୁ ବର୍ତ୍ତମାନ ହିସାବରେ ଟଙ୍କା ଯୋଗାଇ ଦିଆଯାଉ ବୋଲି କମିଟି କହିଛି।

## ୧୦ ପ୍ରସ୍ତାବ କାର୍ଯ୍ୟକାରୀ ଲାଗି ବାଣିଜ୍ୟ, ପରିବହନ ବିଭାଗୀୟ କମିଟିର ସୁପାରିସ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ବିଧାନସଭା ବାଣିଜ୍ୟ ବିଭାଗୀୟ କମିଟି ରିପୋର୍ଟରେ ୩ଟି ପ୍ରସ୍ତାବକୁ ୨୦୨୦-୨୧ ଆର୍ଥିକବର୍ଷ ବଜେଟରେ ଗୃହୀତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଲୋକମାନଙ୍କ ସୁବିଧା ପାଇଁ ପାରାଦୀପଠାରେ ଏକ ପାସେଞ୍ଜର ବର୍ଥ କରିବା ଲାଗି ଏକ ପ୍ରସ୍ତାବ ଆଗତ କରାଯାଉ। ସେହିପରି କେନ୍ଦୁଝର ପ୍ରେସ୍‌ର ଉନ୍ନତୀକରଣ ଲାଗି ବଜେଟରେ ପ୍ରସ୍ତାବ ଆସିବା ଜରୁରୀ। ଅନ୍ୟପଟେ ଯାତ୍ରୀମାନଙ୍କ ସୁବିଧା ଏବଂ ପର୍ଯ୍ୟଟନର ବିକାଶ ପାଇଁ ଏକ ଯାତ୍ରୀବାହୀ କ୍ରୁଜ ଚାନ୍ଦବାଲି-ତଳଚୁଆଁ-ରାଜନଗର-ଭିତରକନିକା-ଆଳି ପାଇଁ କରିବା ଆବଶ୍ୟକ। ଏଥିପାଇଁ ପର୍ଯ୍ୟଟନ ବିକାଶ ବିଭାଗ ସହ ଆଲୋଚନା କରିବାକୁ ହେବ। ସେହିଭଳି ବିଧାନସଭାର ପରିବହନ ବିଭାଗୀୟ କମିଟି ୭ ପ୍ରସ୍ତାବକୁ ଚଳିତ ବଜେଟରେ ଗୃହୀତ କରିବା ପାଇଁ କୁହାଯାଇଛି। ଲୋକମାନଙ୍କ ସୁବିଧା ଲାଗି ରାଜ୍ୟରେ ଥିବା ଟୋଲ୍‌ଗେଟ୍‌ଗୁଡିକ ନିକଟରେ ବସ୍ ରହଣି ସ୍ଥାନ, ଶୌଚାଳୟ ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଉ। ଏଥିଲାଗି ପୂର୍ତ୍ତ ବିଭାଗ ଏବଂ ଏନ୍‌ଏଚ୍‌ଏଆଇ ସହ ଯୋଗାଯୋଗ କରାଯାଇଥିବା ବେଳେ ବଜେଟ ରୂପରେଖ ପ୍ରସ୍ତୁତ ପାଇଁ କୁହାଯାଇଛି।

## ଜଳସେଚନ ପ୍ରକଳ୍ପ କାମ ଠିକ୍ ସମୟରେ ଶେଷ ହେଉ

**ଜଳସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି ସୁପାରିସ**

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକ ପାଇଁ ପୂର୍ବାପେକ୍ଷା ଅନୁଦାନ ହ୍ରାସ ପାଇଛି। ତେଣୁ ଏଥିରେ ଅନୁଦାନ ରାଶିକୁ ବୃଦ୍ଧି କରିବା ପାଇଁ ବିଭାଗୀୟ ସ୍ଥାୟୀ କମିଟି ପ୍ରସ୍ତାବ ଦେଇଛି। ନଦୀ-ଏମ୍ବ୍ୟାଙ୍କମେଣ୍ଟ ଏବଂ କେନାଲ ସର୍ଭିସକୁ ସଂଯୋଗ କରୁଥିବା ରାସ୍ତାଗୁଡିକର ଅପଗ୍ରେଡେଶନ୍ ପାଇଁ ନାହିଁ। ତେଣୁ ଏହି ପ୍ରସଙ୍ଗକୁ ଜଳସମ୍ପଦ ବିଭାଗ ପକ୍ଷରୁ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥ ବିଭାଗର ସହଯୋଗରେ ସମାଧାନ ପାଇଁ ଉଦ୍ୟମ କରାଯାଉ ବୋଲି କମିଟି ପକ୍ଷରୁ କୁହାଯାଇଛି। ବିଭାଗ ଦ୍ୱାରା ଜାରି ରହିଥିବା କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ରିହାବିଲିଟେଶନ୍ ପ୍ରୋଗ୍ରାମ (ସିଏଲ୍‌ଏସ୍‌ଆରପି) ଅଧୀନରେ ଅଧିକ ସଂଖ୍ୟକ କେନାଲକୁ ଅଣାଯିବା ସବ ବଜେଟ୍ ବ୍ୟବସ୍ଥା କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି।

ସୌରଶକ୍ତି ସାହାଯ୍ୟରେ ବୋର୍‌ୱେଲ ଏବଂ ସାଲୋ ଟ୍ୟୁବ୍‌ୱେଲ ନିର୍ମାଣ କରାଯାଉ। ହାତକୁ ନିଆଯାଇଥିବା ମଧ୍ୟମ ଏବଂ ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକୁ ୩ରୁ ୪ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉ। ମାଟି ତଳେ ପାଇପ ବିଛାଇ ଜଳସେଚନ କରିବାକୁ ପ୍ରସ୍ତାବ ରହିଛି। ଅନେକ ପ୍ରକଳ୍ପ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ପ୍ରଭାବିତ ହେଉଥିବାରୁ ଏପରି ପ୍ରସ୍ତାବ ଦିଆଯାଇଥିବା କୁହାଯାଇଛି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ ସମାପ୍ତ ହୋଇନାହିଁ। ତେଣୁ ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକୁ ସାରିବା ପାଇଁ ପ୍ରସ୍ତାବ ଦିଆଯାଇଛି।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସୁରକ୍ଷା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର, ଗାୟତ୍ରୀ ଶକ୍ତିପୀଠ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ସକାଳ ୯ଟା ୩୦।
- ଓଡ଼ିଶା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦିନିକିଆ ସମ୍ମିଳନୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ପକ୍ଷରୁ ଧାରଣା, ଟ୍ରେଜେରି ଅଫିସ ସମ୍ମୁଖ, ଅପରାହ୍ନ ୧ଟା ୩୦।
- ବଂଶୀଧର ଓ ଇଲା ପଣ୍ଡା ପକ୍ଷରୁ ସମ୍ମାଭି ପୁରସ୍କାର, ଦି କ୍ରାଉନ ହୋଟେଲ, ଅପରାହ୍ନ ୪ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଜାତୀୟସ୍ତରୀୟ କଳା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ସନ୍ଧ୍ୟା ୬ଟା।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ ୧୪ଶ ଗୁରୁ ପ୍ରଣାମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନାଟ୍ୟାଧାରା ପକ୍ଷରୁ ନାଟକ ପରିବେଷଣ, ଭଞ୍ଜକଳା ମଣ୍ଡପ, ରାତି ୭ଟା ୧୫।

## ରଙ୍ଗ ଲଗାଇ ଅସଦାଚରଣ, ଜେଲ ଗଲେ ଭିଣୋଇ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ):** ହୋଲିରେ ଯୁବତୀଙ୍କୁ ରଙ୍ଗ ଲଗାଇବା ବାହାନାରେ ଅସଦାଚରଣ କରିଛନ୍ତି ଭିଣୋଇ। ଏନେଇ ଅଭିଯୋଗ ହେବା ପରେ ଖାରବେଳନଗର ଥାନା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ନୟାଗଡ଼ ଜିଲା ଶରଣକୂଳ ଅଞ୍ଚଳରେ ହୋଇଥିବାବେଳେ ସେ ଖାରବେଳନଗର ଥାନା ଅନ୍ତର୍ଗତ ଭାଗବତ ବସ୍ତିରେ ରହୁଥିଲେ। ହରିଜନ ବସ୍ତିରେ ଯୁବତୀ ଜଣକ ରୁହନ୍ତି। ଅଭିଯୁକ୍ତ ତାଙ୍କୁ ରଙ୍ଗ ଲଗାଇବାବେଳେ ଅସଦାଚରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ୭୫/୨୦ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ହୋଲିକୁ ଫିକା କଲା କରୋନା

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

କରୋନା ଭୟରେ ଏଥର ଫିକା ପଡ଼ିଥିଲା ହୋଲି। ତେବେ ଓଡ଼ିଶାରେ ଏପର୍ଯ୍ୟନ୍ତ କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିବାରୁ ଲୋକେ ଧୁମ୍‌ଧାମରେ ରଙ୍ଗ ପର୍ବକୁ ସ୍ୱାଗତ କରିଥିବାବେଳେ ଅଧିକାଂଶ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶକୁ ମାନି ଘରୁ ବାହାରକୁ ବାହାରି ନ ଥିଲେ କି ରଙ୍ଗ ଖେଳି ନ ଥିଲେ। ସେହିଭଳି କେତେକ ସ୍ଥଳେ କରୋନା ଭୟରେ ଏଥର ଲୋକେ ହର୍ବାଲ ହୋଲି ଖେଳିଥିବା ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ହଳଦୀ ଓ ଚାଉଳ ଗୁଣ୍ଡ ଭଳି ପ୍ରାକୃତିକ ରଙ୍ଗରେ ହୋଲି ଖେଳିଥିଲେ।

ପ୍ରତିବର୍ଷ ଭଳି ଏଥର ମଧ୍ୟ କୋଣାର୍କ ଓ ପୁରୀରେ ବିଭିନ୍ନ ଦେଶରୁ ଆସିଥିବା ପର୍ଯ୍ୟଟକ ହୋଲି ଉତ୍ସବରେ ସାମିଲ ହୋଇଥିଲେ। ଭାରତର ଏହି



ନିଆରା ପରମ୍ପରା ସମ୍ପର୍କରେ ଅବଗତ ହେବାସହ ରଙ୍ଗ ଖେଳି ପର୍ବ ପାଳନ କରିଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଆସିଥିବା ଏହି ବିଦେଶୀ ପର୍ଯ୍ୟଟକମାନେ ଭାରତୀୟ ବେଶଭୂଷାରେ ସଜେଇ ହୋଇ ଅବିର ଖେଳୁଥିବା ଦେଖିବାକୁ ମିଳିଥିଲା।

ସେହିଭଳି ବିଭିନ୍ନ ରାଜନୈତିକ ଦଳର ନେତାମାନେ ରଙ୍ଗ ଖେଳି ହୋଲି ପାଳନ କରିଥିଲେ। କଂଗ୍ରେସ ଭବନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସୁର ରାଉତରାୟ ପ୍ରମୁଖ ହୋଲି ଖେଳିବା ସହ ରାଜ୍ୟବାସୀଙ୍କୁ ହୋଲିର ଅଭିନନ୍ଦନ ଜଣାଇଥିଲେ। ସେହିଭଳି ବିଭିନ୍ନ ମନ୍ତ୍ରୀ ନେତାମାନେ ନିଜ ନିଜ ସମର୍ଥକଙ୍କ ସହ ରଙ୍ଗ ଖେଳୁଥିବା ଦେଖିବାକୁ ମିଳିଥିଲା। ଏପଟେ ହୋଲି ରଙ୍ଗରୁ କରୋନା ବ୍ୟାପିବା ଏବଂ ଚାଇନା ଆସୁଥିବା ପିଚ୍‌କାରୀରୁ କରୋନା ଭୂତାଣୁ ବାହାରିବା ଭଳି ସୋସିଆଲ ମିଡ଼ିଆ ଗୁଜବରେ ବିଶ୍ୱାସ କରି ଅନେକ ହୋଲି ଖେଳୁ ନ ଥିବା ମଧ୍ୟ ଦେଖିବାକୁ ମିଳିଥିଲା।

## ହଳଦୀ, ଚନ୍ଦନ, ଅବିରରେ ହୋଲି

**ସଚେତନ କରି କରୋନା ସଂକ୍ରମଣକୁ ଏଡ଼ାଇଲେ ୱାର୍ଡ ୩୯ ବାସିନ୍ଦା**

**ଭୁବନେଶ୍ୱର, ୧୧।୩(ବ୍ୟୁରୋ):** କରୋନା ଭାଇରସ୍‌ର ସଂକ୍ରମଣକୁ ଏଡାଇବା ସହ ଚାଇନାର କୌଣସି ରଙ୍ଗକୁ ବ୍ୟବହାର ନ କରି କେବଳ ହଳଦୀ, ଚନ୍ଦନ ଓ ଅବିରରେ ହୋଲି ଖେଳିଲେ ୱାର୍ଡ ନଂ. ୩୯ର ବାସିନ୍ଦା। ହୋଲିରେ କୌଣସି ରସାୟନିକ ପଦାର୍ଥର ବ୍ୟବହାର ନ କରିବାକୁ ମହାବୀର ସାମାଜିକ ସଙ୍ଗଠନ, ବାଲିତୋଟା ସାହି ଓନୋର୍ସ ଆସୋସିଏଶନ୍, ନୂଆସାହି ବରିଷ୍ଠ ନାଗରିକ ସଂଘ ଓ ଲାଫିଙ୍ଗ କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ସଚେତନତା କରାଯିବା ପରେ ୱାର୍ଡବାସୀ ଏହିପରି ନିଆରା ଢ଼ଙ୍ଗରେ ହୋଲି ଖେଳିଛନ୍ତି। ସଚେତନ କରିବା ଉଦ୍ଦେଶ୍ୟରେ ହୋଲିରେ ଏକ ସାମୂହିକ ସଭାର ଆୟୋଜନ କରାଯିବା ସହ ସମସ୍ତ ସଙ୍ଗଠନର ସଦସ୍ୟ ନିଜ ଘର ତଥା ନିଜ ପଡ଼ୋଶୀଙ୍କୁ ଏ ନେଇ ସଚେତନ କରିବେ ବୋଲି ପ୍ରକାଶ କରିଥିଲେ। ପରେ ସେମାନେ ଓ ସେମାନଙ୍କ ପଡ଼ୋଶୀମାନେ ମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ମହାବୀର ସାମାଜିକ ସଙ୍ଗଠନର ସମ୍ପାଦକ ମିଳନ କୁମାର ପାଇକରାୟ କହିଛନ୍ତି।



ଭୁବନେଶ୍ୱରଠାରେ ହଳଦୀ ଓ ଚନ୍ଦନରେ ହୋଲି ଖେଳୁଛନ୍ତି।

# ଭୟ ଭିତରେ ପୁରୀରେ ଜମିଲା

■ ହୋଲି ଖେଳିଲେ ବିଦେଶୀ

■ ଭାବବିହ୍ୱଳ ହେଲେ ଭିକ୍ଷୁକ

**ପୁରୀ ଅଫିସ,୧୧।୩**

ଭାରତରେ କାୟା ବିସ୍ତାର କରୁଛି କରୋନା। ଓଡ଼ିଶାରେ ବି କରୋନା ଭାଇରସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲାଣି। ଏହି ପ୍ରାଣଘାତୀ ଭାଇରସ୍ କବଳରୁ କିପରି ରକ୍ଷା ପାଇହେବ ସେଥିଲାଗି ସରକାର ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ହୋଲି ପର୍ବପାଇଁ ବି ସତର୍କତା ଜାରି କରାଯାଇଥିଲା। ଏକାଠି ସମାଗମ ହୋଇ ହୋଲି ନ ଖେଳିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ କରୋନା ଭୟ ଭିତରେ ବି ପୁରୀରେ ଜମିଛି ହୋଲି ଖେଳ। ସହରବାସୀଙ୍କ ବ୍ୟତୀତ ଏଠାରେ ପ୍ରତିବର୍ଷ ବିଦେଶୀ ନାଗରିକମାନେ ମଧ୍ୟ ହୋଲି ଖେଳିଥାନ୍ତି। ଚଳିତବର୍ଷ କରୋନା ପାଇଁ ବିଦେଶୀଙ୍କ ସଂଖ୍ୟା ଅଧିକ ନ ଥିଲେ ମଧ୍ୟ ଯେଉଁମାନେ ଅଛନ୍ତି, ସେମାନେ ବେଶ୍ ଉତ୍ସାହର ସହ ରଙ୍ଗର ପର୍ବ ପାଳିଛନ୍ତି। 'ଇନ୍ ଓଡ଼ିଶା ନୋ କରୋନା, ଓନ୍‌ଲି ଏନ୍‌ଜୟିଂ' ବୋଲି କହି ପରସ୍ପର ମଧ୍ୟରେ ରଙ୍ଗ ମାରି ହେଉଥିଲେ।

ଚଳିତବର୍ଷ କରୋନାକୁ ନେଇ ସେମାନେ ବି ବେଶ୍ ସଚେତନ ଥିଲେ। ପେଣ୍ଟକଟା ସିଟି ରୋଡ ଅଞ୍ଚଳରେ ଜଣେ ଜାପାନୀ ପର୍ଯ୍ୟଟକ ରାସ୍ତାରେ ବୁଲି ବୁଲି ସାହିବାସିନ୍ଦାଙ୍କ ସହ ହୋଲି ଖେଳିଥିଲେ। ପୁରୀ ଭାଇଚାରାର ସହର ହୋଇଥିବାରୁ ସବୁ ଧର୍ମର ଲୋକେ ମିଳିମିଶି ହୋଲି ଖେଳୁଥିବାର ଦେଖାଯାଇଥିଲା। ବିଦେଶୀ ପର୍ଯ୍ୟଟକଙ୍କ ସହ ସହରର ଯୁବପିଢ଼ି ମଧ୍ୟ ଆନନ୍ଦର ସହ ହୋଲି ଖେଳିଥିଲେ। ବିଦେଶୀଙ୍କ ସହ ହୋଲି ଖେଳିଲେ ଯେ କରୋନା ଭାଇରସ୍ ସଂକ୍ରମଣ ହେବ ତାହା ନୁହେଁ, ଏଥିପାଇଁ ସଚେତନତା ଦରକାର। ବିଦେଶୀ ପର୍ଯ୍ୟଟକ ଆମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ ହୋଲି ଖେଳୁଥିବାରୁ ସେମାନଙ୍କୁ ପ୍ରଶଂସା କରିବା କଥା ବୋଲି ସହରର ସନ୍ଦୀପ ସାହୁ କହିଛନ୍ତି।



ପୁରୀ ବେଳାଭୂମିରେ ଜାପାନ ନାଗରିକମାନେ ହୋଲି ଖେଳର ମଜା ନେଉଛନ୍ତି।

### ରଙ୍ଗରେ ରଙ୍ଗିନ୍ ହେଲା ନୀଳାଦ୍ରି ନିଳୟ

ରଙ୍ଗର ପର୍ବ ହୋଲି ସମସ୍ତଙ୍କ ମନରେ ରଙ୍ଗ ଭରିଦେଉ। ସମସ୍ତଙ୍କ ମୁହଁରେ ହସଫୁଟୁ ଆଉ ଜୀବନ ରଙ୍ଗୀନମୟ ହୋଇଉଠୁ। ଏମିତି ଲକ୍ଷ୍ୟ ରଖିଥିବା ଜିଲା ପ୍ରଶାସନ ପକ୍ଷରୁ ନୀଳାଦ୍ରି ନିଳୟରେ ବି ଆୟୋଜନ କରାଯାଇଥିଲା ହୋଲିର ଆସର। ବଡ଼ଦାଣ୍ଡରୁ ଉଦ୍ଧାର ହୋଇ ଆସିଥିବା ଭିକ୍ଷୁକମାନେ ବି ହୋଲିକୁ ହାତଛଡ଼ା କରି ନ ଥିଲେ। ସେମାନେ ବି ନୀଳାଦ୍ରି ନିଳୟ ପରିସରରେ ରଙ୍ଗ ଖେଳିଥିଲେ। ଗତ କିଛିବର୍ଷ ଧରି ଏମାନଙ୍କ ଜୀବନରେ କୌଣସି ସ୍ୱତନ୍ତ୍ର ପର୍ବପର୍ବାଣିର ମାନେ କିଛି ନ ଥିଲା। କୌଣସି ପର୍ବପର୍ବାଣି ବା ସ୍ୱତନ୍ତ୍ର ଦିନ ଆସିଲେ ଏମାନେ ପୂର୍ବ ରାତିରେ ଭଲ ଦିପଇସା ରୋଜଗାର ହେବାର ସ୍ୱପ୍ନ ଦେଖୁଥିଲେ। ହେଲେ ଏବେ ପ୍ରଶାସନ ପକ୍ଷରୁ ସହରକୁ ଭିକ୍ଷୁକମୁକ୍ତ ଅଭିଯାନ ଚାଲିଛି। ଏହି କ୍ରମରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଭିକାରିଙ୍କୁ ଆଣି ପ୍ରଶାସନ ବିଭିନ୍ନ କେନ୍ଦ୍ରରେ ରଖିଛି। ସେଠାରେ ସେମାନଙ୍କ ଖାଇବା, ରହିବା ଆଦିର ବ୍ୟବସ୍ଥା କରାଯାଇଛି। ଏପରି କି ଯେଉଁମାନେ ଚାହିଁବେ, ସେମାନଙ୍କ ଘରକୁ ପଠାଯିବାର ସୁବିଧା ରହିଛି। କିନ୍ତୁ ମଙ୍ଗଳବାର ଏହି କେନ୍ଦ୍ରରେ ହୋଲି ଖେଳି ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ ଏକାଧିକ ଅନ୍ତେବାସୀ।



ଭୁବନେଶ୍ୱରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଅନୁପ ସାହୁ ଓ ଟ୍ରାଫିକ ଡିସିପି ସାଗରିକା ନାଥ ଅଧିକାରୀ ଓ କର୍ମଚାରୀଙ୍କ ସହ ରଙ୍ଗ ଖେଳୁଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଓଡ଼ିଶା ପର୍ଯ୍ୟଟନ ସହଯୋଗରେ ବୃନ୍ଦାବନ ଗୁରୁକୁଳ ପକ୍ଷରୁ ଅନୁଷ୍ଠିତ ବୃନ୍ଦାବନ ମହୋତ୍ସବରେ ଯୋଗଦେଇଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟଅତିଥିମାନେ।

## ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ,୧୧।୩**

ପବିତ୍ର ଦୋଳପୂର୍ଣ୍ଣିମାରେ ଗତ ସୋମବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦିରେ ଶ୍ରୀଦୋଳଗୋବିନ୍ଦଙ୍କୁ ମଧ୍ୟ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ମଙ୍ଗଳବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଛି।



ଦୋଳନୀତି ପାଇଁ ମହାପ୍ରଭୁଙ୍କୁ ଦୋଳବେଦୀ ଅଭିମୁଖେ ନିଆଯାଉଛି।

# ସରିଲା ମହିଳା ୱେଲ୍ଡିଂ ଲିଗ୍

**ଦକ୍ଷ ପ୍ରତିଯୋଗୀଙ୍କୁ ମିଳିଲା ପଦକ**

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଚାଲିଥିବା ଜାତୀୟ ମହିଳା ୱେଲ୍ଡିଂ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫ୍ରୋନିୟସ୍ ଭାରତୀୟ ଘରୋଇ ସଂସ୍ଥାର ଅଧ୍ୟକ୍ଷ ବିଶ୍ୱନାଥ କାମାଥ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ହରିୟାଣାର ଶ୍ରୀବିଶ୍ୱକର୍ମା ବିଶ୍ୱବିଦ୍ୟାଳୟ, ତାମିଲନାଡୁ ବନାରି ଅମନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ସହ ରାଜସ୍ଥାନ, ମହାରାଷ୍ଟ୍ର ଓ ଦେଶର ଅନ୍ୟାନ୍ୟ ପ୍ରାନ୍ତରୁ ପ୍ରଥମ ପର୍ଯ୍ୟାୟରେ ୨୦୦ ମହିଳା ୱେଲ୍ଡିଂ ଇଞ୍ଜିନିୟର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ଅନ୍ତିମ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇ ସେମାନଙ୍କ ୱେଲ୍ଡିଂ କୌଶଳ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ସରକାରୀ ତଥା ଘରୋଇ ଆଇଟିଆଇ, ପଲିଟେକନିକ୍‌ର ଛାତ୍ରୀଙ୍କ ସହ ହୋଣ୍ଡା ମୋଟର୍ସର ୱେଲ୍ଡିଂ ଇଞ୍ଜିନିୟରମାନେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ୱାର୍ଲ୍ଡ ସ୍କିଲ ଏକ୍ସପର୍ଟ କ୍ଲିଫର ବେଲେ ମୁଖ୍ୟବିଚାରକ ଭାବେ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

ବିଶ୍ୱବିଦ୍ୟାଳୟରେ ୱାର୍ଲ୍ଡ ସ୍କିଲ ୱେଲ୍ଡିଂ ପାଇଁ ପ୍ରଶିକ୍ଷଣ ନେଉଥିବା ଭୁବନେଶ୍ୱର ସରକାରୀ ଆଇଟିଆଇର ଛାତ୍ରୀ ଊର୍ମିଳା ନାୟକ, କାମିନୀ କୁମାରୀ ରାମ, କେ. ବେହେରା, ପୂଜା ସ୍ୱାଇଁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ମେଡାଲିୟନ ଅଫ୍ ଏକ୍ସିଲେନ୍ସ ପଦକ ଜିତିଥିଲେ। ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ମେକାନିକାଲ ବିଭାଗ ଛାତ୍ରୀ ଆପ୍ତି ଭ୍ୟାସ ବ୍ରୋଞ୍ଜ ପଦକ, ଶ୍ରୀବିଶ୍ୱକର୍ମା ବିଶ୍ୱବିଦ୍ୟାଳୟ ହରିୟାଣାର ଛାତ୍ରୀ ମନିଷା, ଲାଡଲି ଓ ବନାରି ଅମନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ତାମିଲନାଡୁର ଭିନୁ ପ୍ରିଥା ଏସ୍ ନିଜର କୌଶଳ ପ୍ରଦର୍ଶନ ପାଇଁ ମେଡାଲିୟନ ଅଫ୍ ଏକ୍ସିଲେନ୍ସରେ ପୁରସ୍କୃତ ହୋଇଥିଲେ। ସାମଗ୍ରିକ ଭଲ ପ୍ରଦର୍ଶନ ପାଇଁ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ସମସ୍ତ ଛାତ୍ରୀ କ୍ୟାପିଟାଲ ଗୁଡ୍‌ସ ସେକ୍ଟର ସ୍କିଲ୍ କାଉନସିଲ ଦ୍ୱାରା ସ୍କିଲ୍ ସାର୍ଟିଫିକେଟ ପାଇଥିଲେ। ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱେଲ୍ଡିଙ୍ଗ୍ (ଆଇଆଇଡବ୍ଲୁ)ର ସଭାପତି ପରିମଲ୍ ବିଶ୍ୱାସ, କ୍ୟାପିଟାଲ ଗୁଡ୍‌ସ ସେକ୍ଟର ସ୍କିଲ୍ କାଉନ୍‌ସିଲର ସିଓଓ ସାଲିନି ସିଂ, ଟେକ୍ନୋଲୋଜି ଆଣ୍ଡ୍ ଏକାଡେମିକ୍ ଇନିସିଏଟିଭ୍‌ର ଡାଇରେକ୍ଟର ଡ. ଓମ୍‌କାର ନାଥ ମହାନ୍ତି, ସାବତ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ ଅଧ୍ୟକ୍ଷ ଅମ୍ରିତା ସାବତ ଏବଂ ଆଇଆଇଡବ୍ଲୁର ସେକ୍ରେଟାରୀ ଜେନେରାଲ ରିତୁ ରାଜ ବୋଷ ଯୋଗଦେଇ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଏହି ପ୍ରତିଯୋଗିତା କେବଳ ଛାତ୍ରୀଙ୍କ ମଧ୍ୟରେ ମେଡାଲ ଜିତିବା ପାଇଁ ନୁହେଁ, ବରଂ ସେମାନଙ୍କ ମଧ୍ୟରେ ଉତ୍ସାହ ଜାଗ୍ରତ କରି ଠିକ୍ ମାର୍ଗଦର୍ଶନ ପାଇ ଜୀବନରେ ଉନ୍ନତି କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା ବୋଲି ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ କହିଛନ୍ତି।

## ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବିବୁଧେନ୍ଦ୍ରଙ୍କ ପ୍ରତିମୂର୍ତ୍ତି

**କଟକ ଅଫିସ,୧୧।୩**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଘନିଷ୍ଠ ସହଯୋଗୀ, କ୍ରାନ୍ତିକାରୀ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିବୁଧେନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ବାରବାଟୀ ଷ୍ଟାଡିୟମସ୍ଥିତ ବିବୁଧେନ୍ଦ୍ର ମାର୍ଗଠାରେ ବୁଧବାର ଲୋକାର୍ପିତ କରାଯାଇଛି। ସ୍ୱର୍ଗତ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଉକ୍ତ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ପ୍ରତିମୂର୍ତ୍ତିଟି ୭ ଫୁଟ ଉଚ୍ଚତା ବିଶିଷ୍ଟ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପାଢ଼ୀ, କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିବୁଧେନ୍ଦ୍ର ମିଶ୍ର ଟ୍ରଷ୍ଟର ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ବିନୋଦ କୁମାର ପଟ୍ଟନାୟକ, ହାଇକୋର୍ଟ ବାର ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।





ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।

- ଚାଣକ୍ୟ



## ସଂକ୍ଷେପରେ

### ଦାୟିତ୍ୱ ନେଲେ ମେହେର୍ଦ୍ଧା

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରମୋଦ ମେହେର୍ଦ୍ଧା ବୁଧବାର ରାଜ୍ୟପାଳଙ୍କ ସଚିବଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମେହେର୍ଦ୍ଧା ରାଜଭବନ ଯାଇ ପ୍ରଥମେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ପରେ ବିଧିବଦ୍ଧଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇବା ପରେ କିଛିଦିନ ତଳେ ବାଣିଜ୍ୟ ଓ ପରିବହନ ବିଭାଗକୁ ବଦଳି ହୋଇଥିଲେ। ଏହି ବିଭାଗୀୟ ଦାୟିତ୍ୱ ତୁଲାଇବା ପରେ ତାଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ବଦଳି କରାଯାଇଛି।

### ମୃତ ହରିଣ ଉଦ୍ଧାର

**ନିମାପଡ଼ା,୧୧।୩(ଡି.ଏନ୍.ଏ.):** ଚାରିଛକ ଫାଣ୍ଡି ଅନ୍ତର୍ଗତ କନ୍ତିଲୋ ଗ୍ରାମ ଠାକୁରାଣୀ ମନ୍ଦିର ନିକଟରୁ ମଙ୍ଗଳବାର ଏକ ମୃତ ଅଣ୍ଡିରା ହରିଣକୁ ଗ୍ରାମବାସୀ ଉଦ୍ଧାର କରି ଗୋପ ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ହରିଣର ବୟସ ପ୍ରାୟ ୨ବର୍ଷ ହେବ। କୁଶୁପୁରସ୍ଥିତ ପ୍ରାଣୀଧନ ଚିକିତ୍ସାକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଗୋପ ବନବିଭାଗ କାର୍ଯ୍ୟାଳୟରେ ହରିଣକୁ ପୋତି ଦିଆଯାଇଥିବା ଫରେଷ୍ଟର ଉମେଶ ମହାନ୍ତି କହିଛନ୍ତି। ଝିଙ୍କିରିଆଗଡ଼ ଜଙ୍ଗଲରୁ ହରିଣଟି ଖାଦ୍ୟ ଅନ୍ୱେଷଣରେ ଆସି କେଉଁଠି ମାନ ହୋଇ କିମ୍ବା କୁକୁର କାମୁଡ଼ାରେ ଆହତ ହୋଇ ମନ୍ଦିର ନିକଟରେ ପଡ଼ି ମୃତ୍ୟୁ ହୋଇଥିବା କେତେଜଣ ଗ୍ରାମବାସୀ କହିଛନ୍ତି।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୨ ଗୁରୁତର

**ଭୁବନେଶ୍ୱର,୧୧।୩(ବ୍ୟୁରୋ)-** ଖଣ୍ଡଗିରି ଟ୍ରାଫିକ ଛକ ନିକଟରେ ବୁଧବାର ରାତିରେ ଏକ ବାଇକ୍‌କୁ ଟ୍ରକ ଧକ୍କା ହେବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ଖବରପାଇ ପିସିଆର୍ ପୋଲିସ ପହଞ୍ଚି ଗୁରୁତର ଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଯୁବକଦ୍ୱୟ ଅଚେତ ଥିବାରୁ ସେମାନଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ରାତି ପ୍ରାୟ ୧୨ଟା ସମୟରେ ଦୁଇଜଣ ବାଇକ୍ ଆରୋହୀ ଖଣ୍ଡଗିରି ଛକରେ ଟ୍ରାଫିକ ପାରହେଉଥିବାବେଳେ ଖୋର୍ଦ୍ଧାରୋଡ ଅଭିମୁଖେ ଯାଉଥିବା ଏକ ଅଜଣା ଟ୍ରକ ଧକ୍କା ଦେଇଥିଲା। ଏଥିରେ ଦୁଇ ବାଇକ୍ ଆରୋହୀ ଜୋରରେ ରାସ୍ତାକୁ ଛିଟିକି ପଡିଥିଲେ।

### କ୍ୟାଡର ପୁନର୍ଗଠନ, ପଦୋନ୍ନତି ଦାବି

#### ରାଜ୍ୟବ୍ୟାପୀ ଟ୍ରେଜେରି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ):**

କ୍ୟାଡର ପୁନର୍ଗଠନ, ପଦୋନ୍ନତି ଓ ଖାଲିଥିବା ପଦବୀ ପୂରଣରେ କର୍ତ୍ତୃପକ୍ଷଙ୍କ ମନମାନି ଓ ଅବହେଳା ହେଉଥିବା ନିଖିଳ ଓଡ଼ିଶା ଟ୍ରେଜେରି ଅମଲା କର୍ମଚାରୀ ସଂଘ ଅଭିଯୋଗ କରିଛି। ଏ ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ୩ ଦିନିଆ କଳାବ୍ୟାଜ୍ ପରିଧାନ କରିବା ସହ ମଧାହ୍ନଭୋଜନ ବିରତି ନେଇଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ କୋଷାଗାର ଓ ଆକାଉଣ୍ଟ ଭବନ ସମ୍ମୁଖରେ ବୁଧବାର ମଧାହ୍ନରେ କର୍ମଚାରୀମାନେ ଏକତ୍ରିତ ହୋଇ ପ୍ରତିବାଦ ସଭା କରିଥିଲେ। ଏଥିସହ ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର କୋଷାଗାର ପରିଦର୍ଶନ ଓ ନିର୍ଦ୍ଦେଶକ ଭବନୀ ପ୍ରସାଦ ନନ୍ଦଙ୍କୁ ପ୍ରଦାନ କରିଛନ୍ତି। ଆୟୋଜିତ ସଭାରେ ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ଶରତ ଚନ୍ଦ୍ର ମଲ୍ଲ, ପ୍ରଭାତ ପରିଡ଼ା, ହୃଷୀକେଶ ମହାପାତ୍ର, ଜ୍ୟୋସ୍ନାମୟୀ ନାୟକ, ନିର୍ମଳା ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୫ ଟଙ୍କା ପେଟ୍ରୋଲ ପାଇଁ ବନ୍ଧୁକ ଦେଖାଇଲେ ଦୁର୍ବୃତ୍ତ

## ରାଜଧାନୀରେ ଗର୍ଜୁଛି ଚୋରା ବନ୍ଧୁକ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ରାଜଧାନୀରେ କଥା କଥାକେ ଗର୍ଜୁଛି ଚୋରା ବନ୍ଧୁକ। ସାମାନ୍ୟ କଥାରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଭୟଭୀତ କରୁଛନ୍ତି। ସୋମବାର ରାତିରେ ଏଭଳି ଏକ ଘଟଣା ଘଟିଛି ସୁନ୍ଦରପଦା ରୋଡରେ ଥିବା ଅନିଲ ପାଇକରାୟଙ୍କ ପେଟ୍ରୋଲ ପମ୍ପରେ। ୩ଜଣ ଯୁବକ ବାଇକରେ ଆସି ୧୦୫ଟଙ୍କାର ପେଟ୍ରୋଲ ପକାଇଥିଲେ। କିନ୍ତୁ ଟଙ୍କା ଦେବା ବଦଳରେ ଦେଖାଇଥିଲେ ବନ୍ଧୁକ। ଏହି ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି।

ସୂଚନା ମୁତାବକ ହୋଲିରେ ପମ୍ପ ବନ୍ଦ ରହୁଥିବାରୁ ଗ୍ରାହକମାନଙ୍କ ପାଇଁ ପୂର୍ବ ରାତି ଅର୍ଥାତ୍ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ତାହା ଖୋଲା ଥିଲା। ରାତି ପ୍ରାୟ ସାଢେ ୧୧ଟା ବେଳକୁ ଅଭିଯୁକ୍ତମାନେ ଆସି ବାଇକ୍‌ରେ ପେଟ୍ରୋଲ ପକାଇଥିଲେ। ଟଙ୍କା ଦେବା ପରିବର୍ତ୍ତେ ସେମାନେ ଏଟିଏମ୍ କାର୍ଡ ଦେଇଥିଲେ। ବିଳମ୍ବିତ ରାତିରେ କାର୍ଡ ପେମେଣ୍ଟ ହୋଇପାରିବ ନାହିଁ ବୋଲି ପମ୍ପ କର୍ମଚାରୀ କହିଥିଲେ। ଫଳରେ ବାଇକ୍ ମଝିରେ ବସିଥିବା ଜଣେ ଯୁବକ ହଠାତ୍ ଅଣ୍ଟାରୁ ଏକ ପିସ୍ତଲ କାଢ଼ି ଦେଖାଇଥିଲେ। ଫଳରେ କର୍ମଚାରୀମାନେ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ଏ ନେଇ ପେଟ୍ରୋଲ ପମ୍ପ ମାଲିକଙ୍କ ସମ୍ପର୍କୀୟ ସୁନୀଲ ପାଇକରାୟ ବୁଧବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୮/୨୦ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଏୟାରଫିଲ୍ଡ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରାଯାଉଛି। ଜଟଣୀର କେତେଜଣ ଯୁବକ ଏଥିରେ ସମ୍ପୃକ୍ତ ଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି, କିଛିଦିନ ତଳେ ଭାଲେଣ୍ଟାଇନ୍ସ ସପ୍ତାହରେ ଜଣେ କଲେଜ ଛାତ୍ରୀଙ୍କୁ ଗୁଳିମାଡ଼ ହୋଇଥିବାବେଳେ ଗତ ବୁଧବାର ଜଣେ ମ୍ୟାନେଜମେଣ୍ଟ ଛାତ୍ର ଅସୀମ କାଲସୀଙ୍କୁ କାଟେଣୀ ଛକସ୍ଥିତ ଜଙ୍ଗଲ ଭ୍ୟୁ ଢାବାରେ ଗୁଳିମାଡ଼ ହୋଇଥିଲା। ସେ ଅଳ୍ପକେ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ। ଏହି ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ ଅପରାଧୀଙ୍କ ସମ୍ପର୍କରେ କୌଣସି ଟେର ପାଇପାରିନାହିଁ କମିଶନରେଟ ପୋଲିସ।



ନାଟ୍ୟଧାରା ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ମିରର ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଫାଶୀ'ର ଏକ ଦୃଶ୍ୟ।

### ୬୭ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ଖଣ୍ଡଗିରି ଓ ନୟାପଲ୍ଲୀ ଥାନାଞ୍ଚଳରୁ ପୋଲିସ ୬୭ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ନାସିର ମହମ୍ମଦ, କେନ୍ଦ୍ରପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସୁକାନ୍ତ ବେହେରା ଓ ବାଲେଶ୍ୱର ଜିଲା ସହଦେବ ଖୁଣ୍ଟା ଥାନା ଅନ୍ତର୍ଗତ ଅରଡବଜାର ଅଞ୍ଚଳର ସନା ମଲ୍ଲିକ। ମିଳିଥିବା ସୂଚନାନୁସାରେ, ନାସିର ଗତ ସୋମବାର ଯଦୁପୁରସ୍ଥିତ ଏକ ବିବାହ ମଣ୍ଡପ ନିକଟରେ ସେ ବ୍ରାଉନସୁଗାର ଡିଲ କରୁଥିବାବେଳେ ଖଣ୍ଡଗିରି ଥାନାର ଏକ ଟିମ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗାର, ଗୋଟିଏ ସ୍କୁଟି ଓ ମୋବାଇଲ୍ ଫୋନ୍ ଜବତ କରିଥିଲା। ଏ ନେଇ ପୋଲିସ ୧୭୩/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ଅଭିଯୁକ୍ତ ସୁକାନ୍ତ ଓ ସନା ବୁଧବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହି ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଡ୍ରଗ ଟାସ୍କ ଫୋର୍ସ ଓ ନୟାପଲ୍ଲୀ ଥାନାର ଗୋଟିଏ ଟିମ ଚଢାଉ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୫୨ ଗ୍ରାମ ବ୍ରାଉନସୁଗାର ସମେତ ବାଇକ, ୨ ମୋବାଇଲ ଫୋନ୍ ଓ ୭୫୦ ଟଙ୍କା ଜବତ କରିଥିଲା। ଏ ନେଇ ପୋଲିସ ୧୩୭/୨୦ରେ ମାମଲା ରୁଜୁ କରିଛି।

# ପ୍ରେମରେ ଧୋକା: ଥାନା ଆଗରେ ଦେହରେ ନିଆଁ ଲଗାଇଲେ ମହିଳା

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ପ୍ରେମିକଙ୍କ ଧୋକା ସହି ନ ପାରି ନୂଆପଲ୍ଲୀ ଥାନା ସମ୍ମୁଖରେ ଜଣେ ମହିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ମହିଳାଙ୍କ ଘର ଜଗତସିଂହପୁର ଜିଲା ଝଙ୍କଡ ଅଞ୍ଚଳରେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରେମିକଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ।

ସୂଚନା ମୁତାବକ, ଗଞ୍ଜାମ ଜିଲାର ଜଣେ ଯୁବକଙ୍କୁ ୮ ବର୍ଷ ତଳେ ମହିଳା ଜଣକ ବିବାହ କରିଥିଲେ। ଦୁହେଁ ସାଲିଆସାହିରେ ରହୁଥିଲେ। ବର୍ଷେ ତଳେ ଝଗଡ଼ା ହେବାରୁ ସ୍ୱାମୀସ୍ତ୍ରୀ ଅଲଗା ହୋଇଯାଇଥିଲେ। ଏହାପରେ ମହିଳା ଜଣକ ସାଲିଆସାହିରେ ରହୁଥିବା ମା'ଙ୍କ ପାଖରେ ରହି ଜୟଦେବ ବିହାରରେ ଥିବା ଏକ ହୋଟେଲରେ କାମ କରୁଥିଲେ। ସେଠାରେ ଅଭିଯୁକ୍ତ ଜିତେନ୍ଦ୍ର ସିକ୍ୟୁରିଟି ଗାର୍ଡ ଥିଲେ। ଜିତେନ୍ଦ୍ର ବିବାହିତ ଏବଂ ତାଙ୍କର ଗୋଟିଏ ପୁଅ ମଧ ଅଛି। କିନ୍ତୁ ମହିଳାଙ୍କ ସହିତ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଜିତେନ୍ଦ୍ର ବିବାହ କରିବାର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଆଉ ବିବାହ କରିବେ ନାହିଁ ବୋଲି କହିବାରୁ ଏହାକୁ ନେଇ ଦୁହିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୋମବାର ରାତିରେ ଉଭୟେ ଥାନାକୁ ଆସିଥିଲେ। ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ମହିଳାଙ୍କ ଅଭିଯୋଗ ଶୁଣିବା ପରେ ଏତଲା ଦେବାକୁ କହିଥିଲେ। ଏତଲା ଲେଖିବା ପାଇଁ ମହିଳା ଜଣକ ଥାନା ବାହାରକୁ ଯାଇଥିବାବେଳେ ଜିତେନ୍ଦ୍ରଙ୍କ କଟୁକଥାରେ ଅତିଷ୍ଠ ହୋଇ ଦେହରେ ନିଆଁ ଲଗାଇ ଦେଇଥିଲେ। ଉପସ୍ଥିତ କର୍ମଚାରୀ ଓ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁ ଲିଭାଇ ତୁରନ୍ତ ହସ୍ପିଟାଲ ନେଇଥିଲେ। ମହିଳାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି। ବୁଧବାର ପୋଲିସ ମହିଳାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ଜିତେନ୍ଦ୍ର ତାଙ୍କୁ ପ୍ରତାରଣା କରିବାରୁ ସେ ଦେହରେ ନିଆଁ ଲଗାଇଥିବା କହିଥିଲେ। ମହିଳାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ୧୩୬/୨୦ ନମ୍ବରରେ ଏକ ମାମଲା ରୁଜୁକରି ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି।

# ଚିକିତ୍ସାଧୀନ ଅବସ୍ଥାରେ ନୀଳ ଇଗୁଆନା ଏଣ୍ଡୁଅ ମୃତ



**ବାରଙ୍ଗ,୧୧।୩(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଆମେରିକାନ ନୀଳ ଇଗୁଆନା ଏଣ୍ଡୁଅର ମଙ୍ଗଳବାର ମୃତ୍ୟୁ ଘଟିଛି। ତେବେ ବୁଧବାର ତା'ର ବ୍ୟବଚ୍ଛେଦ ପରେ ତା' ପେଟରୁ ୫୫ଟି ଅଣ୍ଡା ବାହାରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଏହି ଆମେରିକାନ ଏଣ୍ଡୁଅ ଏକାସଙ୍ଗେ ୫ଟି ଅଣ୍ଡା ଦେଇଥିଲା। କିନ୍ତୁ ସେଥିରୁ ଗୋଟିଏ ଅଣ୍ଡା ଭାଙ୍ଗିଯାଇଥିଲା। ଅଣ୍ଡାଦେବାକୁ କଷ୍ଟ ହେବାରୁ ତାକୁ ଏନକ୍ଲୋଜର ନଂ. ୪୪ଆଇରେ ଅନ୍ୟମାନଙ୍କଠାରୁ ଅଲଗା କରାଯାଇଥିଲା। ନନ୍ଦନକାନନର ଡାକ୍ତରମାନଙ୍କ ପରାମର୍ଶକ୍ରମେ ଉଷୁମ ଚିକିତ୍ସା କରାଯାଇ କର୍ମଚାରୀମାନେ ତା'ର ଯତ୍ନ ନେଇଥିଲେ। ହେଲେ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ପରିବର୍ତ୍ତେ ଅବନତି ହେବାକୁ ଲାଗିଥିଲା। ଧୀରେ ଧୀରେ ତା'ର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ରୂପେ ବିଗିଡିଯିବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ଏହାର ମୃତ୍ୟୁପରେ ନନ୍ଦନକାନନରେ ଇଗୁଆନା ଏଣ୍ଡୁଅ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ସେଥିମଧ୍ୟରେ ନୀଳ ଇଗୁଆନା ୨ ଓ ନାଲି ଇଗୁଆନା ୨ ଅଛନ୍ତି। ସେହିଭଳି ତୃଣଭୋଜି ସଫାରିରେ ଥିବା ୫ବର୍ଷର ଏକ ମାଈ କୃଷ୍ଣସାର ମୃଗ ବୁଧବାର ମୃତ୍ୟୁବରଣ କରିଛି। ସୁସ୍ଥ ଥାଇ ବିଚରଣ କରୁଥିବା ଏହି ମୃଗଟି ହଠାତ ମୃତ୍ୟୁ ହୋଇଥିବାର ଜଣାପଡିଛି। ଅନ୍ୟପଟେ କପିଳାସ ଚିଡ଼ିଆଖାନାର ତିନିଜଣିଆ ଟିମ ବୁଧବାର ନନ୍ଦନକାନନକୁ ଆସି ନିଶା ଇଞ୍ଜେକ୍ସନ ନେଇ ଯାଇଥିବାର ଜଣାପଡିଛି। କପିଳାସରେ ଥିବା ହାତୀର ଚିକିତ୍ସା ପାଇଁ ନିଶ୍ଚେତକ ଆବଶ୍ୟକତା ଥିବାରୁ ଏହି ଟିମ ଆସି ନନ୍ଦନକାନନରୁ ଇଞ୍ଜେକ୍ସନ ନେଇଥିବାର ଜଣାପଡିଛି।

# ବସ୍ ମାଲିକଙ୍କୁ ଆକ୍ରମଣ ଘଟଣା:୨ ଗିରଫ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ରବିବାର ବସ୍ ମାଲିକ ଆଇଗିଣିଆର ବିମ୍ବାଧର ସୁନ୍ଦରାୟଙ୍କୁ ଗୁଳି ମାଡ଼ କରିବା ସହ ଗୋଡେଇ ଗୋଡେଇ ହାଣିଥିଲେ। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସିଜୁଆର ଡମ୍ବରୁ ଜୟସିଂହ(୨୬) ଓ ବରମୁଣ୍ଡାର ସ୍ୱରୂପାନନ୍ଦ ସ୍ୱାଇଁ(୨୪)। ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ୨୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବିମ୍ବାଧରଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ମୁତାବକ ରବିବାର ସକାଳେ ବିମ୍ବାଧରଙ୍କ ପୁତୁରା ଲକି ତମାଣ୍ଡୋରେ ଥିବା ଜିମ୍ ସେଣ୍ଟରକୁ ଯାଇଥିଲେ। ସେଠାରେ ସିଜୁଆର ଡମ୍ବରୁ ସହିତ କୌଣସି କାରଣକୁ ନେଇ ତାଙ୍କର ବଚସା ହୋଇଥିଲା। ଡମ୍ବରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ସେ ଘରେ ଜଣାଇବା ପରେ ବିମ୍ବାଧର ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ପୋଲିସ ଡମ୍ବରୁଙ୍କୁ ଖୋଜିବାରୁ ସେ ପ୍ରତିଶୋଧ ପରାୟଣ ହୋଇପଡିଥିଲା। ଅପରାହ୍ଣ ପ୍ରାୟ ୨ଟା ବେଳେ ଆଇଗିଣିଆ ଦୁର୍ଗାମଣ୍ଡପ ନିକଟରେ ଥିବା କ୍ଲବ ସମ୍ମୁଖରେ ବିମ୍ବାଧର ବସିଥିଲେ। ଏହି ସମୟରେ ସିଜୁଆର ୨୫ରୁ ଉର୍ଦ୍ଧ୍ୱ ଯୁବକ ହାତରେ ବନ୍ଧୁକ, ଖଣ୍ଡା, ଭୁଜାଲି, ଲୁହାରଡ ଓ ଲାଠି ଧରି ସେଠାରେ ପହଞ୍ଚି ଆତଙ୍କ ଖେଳାଇଥିଲେ। ସେମାନେ ଲକିଙ୍କୁ ଖୋଜିବା ସହିତ କ୍ଲବରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ବିମ୍ବାଧର ଏହାର ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ବିମ୍ବାଧର ଫୋନ୍‌କରି ସାହିର କେତେଜଣ ଯୁବକଙ୍କୁ ଘଟଣାସ୍ଥଳକୁ ଡାକିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ଉପରକୁ ହୋଇଥିଲା ଗୁଳିମାଡ଼। ସୌଭାଗ୍ୟ ଗୁଳିଟି ମୋବାଇଲ ଫୋନରେ ବାଜିଥିଲା। ଫଳରେ ନିଶ୍ଚିତ ମୃତ୍ୟୁରୁ ବିମ୍ବାଧର ବର୍ତ୍ତି ଯାଇଥିବାବେଳେ ଫୋନଟି ଫୁଟିଯାଇଥିଲା। ଏହାପରେ ଯୁବକମାନେ ବିମ୍ବାଧରକୁ ଗୋଡ଼େଇ ଗୋଡ଼େଇ ହାଣି ପକାଇଥିଲେ।

# ମୂଳ ସ୍କୁଲକୁ ଫେରିଲେ ବଦଳି ଶିକ୍ଷକ

## ସାଦା କାଗଜରେ ବଦଳି ଘଟଣା

**ବାଲକାଟୀ,୧୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକରେ ଗୋଟିଏ ସାଦା କାଗଜରେ ହୋଇଥିବା ୨୦ ଶିକ୍ଷକଙ୍କ ବଦଳି ମୌଖିକ ଭାବେ ପ୍ରତ୍ୟାହାର ହୋଇଛି। ଦୋଳପୂର୍ଣ୍ଣିମା ତଥା ଛୁଟି ପୂର୍ବଦିନ ଫୋନ ଯୋଗେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ମୂଳ ସ୍କୁଲକୁ ଫେରିଯିବାକୁ ନିର୍ଦ୍ଦେଶ ଆସିବା ପରେ ବୁଧବାର ସ୍କୁଲ ଖୋଲିଥିବାବେଳେ କେତେଜଣ ଶିକ୍ଷକ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି। ତେବେ ଏଭଳି ଏକ ଦୁର୍ନୀତି ଘଟଣା ଜଣାପଡ଼ିବା ପରେ କିଭଳି ମୌଖିକ ଆଦେଶରେ ପୁଣି ମୂଳ ସ୍କୁଲରେ ଶିକ୍ଷକମାନେ ଯୋଗଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ବନ୍ଦନା ମହାପାତ୍ରଙ୍କୁ ପଚାରିବାରେ ଏପରି ହେବା କଥା ନୁହେଁ, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ବ୍ଲକର ୨୦ଜଣ ଶିକ୍ଷକ ବଦଳି ପାଇଁ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ଉଦ୍ଦେଶ୍ୟରେ ସାଦା କାଗଜରେ ଆବେଦନ କରିଥିଲେ। କିନ୍ତୁ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ(ବିଆରସିସି) ସୁରେନ୍ଦ୍ର କୁମାର ସାହୁ ଗତ ଜାନୁୟାରୀ ୩୧ରେ ଅବସର ନେବାର ପୂର୍ବଦିନ ଶିକ୍ଷକଙ୍କ ବଦଳିକୁ ଅସ୍ଥାୟୀ ଭାବେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିବାରୁ ଶିକ୍ଷକମାନେ ନିଜ ମନମୁତାବକ ସ୍କୁଲରେ ଯୋଗଦେଇଥିଲେ। ତେବେ ବିନା ସରକାରୀ ନିର୍ଦ୍ଦେଶନାମାରେ ଏହା ହୋଇଥିବାରୁ ଗତ ୭ତାରିଖରେ ଧରିତ୍ରୀରେ 'ସାଦା କାଗଜରେ ୨୦ଶିକ୍ଷକଙ୍କ ବଦଳି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ସ୍ତରରେ ତତ୍ପରତା ଦେଖାଇ ବିଇଓଙ୍କ କାର୍ଯ୍ୟାଳୟରୁ ଉକ୍ତ ଶିକ୍ଷକମାନଙ୍କୁ ମୂଳ ସ୍କୁଲରେ ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ କେତେଜଣ ଶିକ୍ଷକ ବୁଧବାର ମୂଳ ସ୍କୁଲରେ ଯୋଗଦେଇଥିବାର ଜଣାପଡ଼ିଛି। ସାଧାରଣରେ ଶିକ୍ଷା ବ୍ୟବସ୍ଥାରେ ସାମୟିକ ବଦଳି ବ୍ୟବସ୍ଥା ନ ଥିବାବେଳେ ଏହା କିପରି ତାହା ତଦନ୍ତ ସାପେକ୍ଷ।

### ବାଇକ୍ ଧକ୍କାରେ ଯୁବକ ମୃତ

**ବଲଙ୍ଗା,୧୧।୩(ଡି.ଏନ୍.ଏ.):** ବଲଙ୍ଗା ଥାନା ଅନ୍ତର୍ଗତ ସମରେଇ ଶାସନ ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଆ ଶାସନ ଗ୍ରାମର ରମେଶ ଚନ୍ଦ୍ର ସେଠୀ। ମଙ୍ଗଳବାର ରାତିରେ ରମେଶ ଚନ୍ଦ୍ର ଏକ ବାଇକରେ ଚନ୍ଦନପୁର ଶାଖା କେନାଲ ବନ୍ଧ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ସମରେଇ ଶାସନ ନିକଟରେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନିକଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ପର୍ଯ୍ୟଟକ ଗୁରୁତର

**କୋଣାର୍କ,୧୧।୩(ଡି.ଏନ୍.ଏ.):** କୋଣାର୍କ ଅର୍ବାନହାଟ ସମ୍ମୁଖରେ ବୁଧବାର ଏକ କାର ଧକ୍କାରେ ଜଣେ ପର୍ଯ୍ୟଟକ ଗୁରୁତର ହୋଇଛନ୍ତି। ସେ ହେଲେ ଝାଡଖଣ୍ଡ ଅଞ୍ଚଳର ଭୀମ ପଣ୍ଡିତ(୬୦)। ଚିକିତ୍ସା ପାଇଁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କୋଣାର୍କ ଅର୍ବାନହାଟ ଠାରେ ବସ୍‌କୁ ପାର୍କିଂ କରି ଗାଡିରୁ ଓହ୍ଲାଇ ରାସ୍ତା ପାର୍ଶ୍ୱରେ ପରିସ୍ରା କରୁଥିବା ବେଳେ ପଣ୍ଡିତଙ୍କୁ ପୁରୀ ପଟୁ ଆସୁଥିବା ଏକ କାର ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ କଥା କଳିକାର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ, ପୁରସ୍କାର ପର୍ବ ଓ ଲେଖକ ସମାବେଶରେ ଅତିଥିମାନେ 'କଥା କଳିକା'ର ଏକ ବିଶେଷ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

# ଦୋଳପୂର୍ଣ୍ଣିମାରେ ପୁଣି ଏକ ପରମ୍ପରାରେ ବ୍ୟତିକ୍ରମ

## ଶ୍ରୀଲିଙ୍ଗରାଜ ମନ୍ଦିର

**ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିରରେ ଥରକୁ ଥର ପରମ୍ପରା ଭଙ୍ଗ ହେବା ନେଇ ଜନ ଅସନ୍ତୋଷ ଦେଖାଦେଇଛି। ସୋମବାର ଦୋଳପୂର୍ଣ୍ଣିମାରେ ପୁଣି ଏକ ପରମ୍ପରାରେ ବ୍ୟତିକ୍ରମ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାତଃରୁ ଶ୍ରୀଜୀଉମାନଙ୍କର ଯଥାରୀତି ନୀତି ସମ୍ପନ୍ନ ପରେ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଥିବା ଦୁଇଟି ମଣ୍ଡପକୁ ଯାତ୍ରା କରିଥିଲେ। ଗୋଟିଏ ଦୋଳବେଦିରେ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ ଏବଂ ରୁକ୍ମୁଣା ଦେବୀ ଅବସ୍ଥାନ କରିଥିବାବେଳେ ଅନ୍ୟ ଦୋଳବେଦିରେ ପ୍ରଭୁ ବାସୁଦେବ ଅବସ୍ଥାନ କରିଥିଲେ। ମନ୍ଦିରରେ ବେଢାପରେ ପୂଜାର୍ଚ୍ଚନା ସାରି ସେବକମାନେ ଦିଅଁଙ୍କ ଆଜ୍ଞା ଅନୁଯାୟୀ ଶ୍ରୀଜୀଉଙ୍କୁ ଆଜ୍ଞା ପ୍ରସାଦ ଦେବା ପରେ ସେବକମାନେ ଏହି ବିଜେ କରାଇଥିଲେ। ଦୋଳବେଦିରେ ଡ଼ୋରୀ ଲାଗିବା ପରେ ଉଭୟ ଦୋଳବେଦିରେ ସକାଳଧୂପ କରାଯାଇଥିଲା। ମନ୍ଦିରରେ ଦ୍ୱିପ୍ରହର ଏବଂ ସନ୍ଧ୍ୟା ଧୂପ ସରିବା ପରେ ଉଭୟ ଦୋଳବେଦିରେ ଦ୍ୱିପ୍ରହର ଏବଂ ସନ୍ଧ୍ୟା ଧୂପ ହୋଇଥିଲା। ପରେ ଶ୍ରୀଜୀଉମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରମ୍ପରା ମୁତାବକ ମନ୍ଦିରରେ ଶ୍ରୀଲିଙ୍ଗରାଜ ଏବଂ ଦୋଳଗୋବିନ୍ଦଙ୍କ ମଧ୍ୟରେ ବଚନିକା ହୋଇଥିଲା। ଉଭୟଙ୍କ ପକ୍ଷରୁ ଦୁଇଜଣ ସେବାୟତ ସଚ୍ଚିକାନ୍ତ



ପୂଜାପଣ୍ଡା ଏବଂ ରମାକାନ୍ତ ପୂଜାପଣ୍ଡା ମଧ୍ୟରେ ବଚନିକା ହୋଇଥିଲା। ଏହି ଅବସରରେ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କୁ ରଥକାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥାଏ। ମାତ୍ର ଚଳିତବର୍ଷ ଏହି ବିଳମ୍ବିତ ରାତ୍ରିର କାର୍ଯ୍ୟକ୍ରମରେ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ନ ରହି କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ପଠାଇଥିଲେ ଯାହା ପରମ୍ପରାରେ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରେ ଏହା ବ୍ୟତିକ୍ରମ ନୁହେଁ ଆଗରୁ ମଧ ଅନ୍ୟ ଅଧିକାରୀଙ୍କ ଅନୁପସ୍ଥିତିରେ ବଚନିକା ହେବା ନଜିର ରହିଛି। ଅପରପକ୍ଷେ ମୋର ଶାରୀରିକ ଅସୁସ୍ଥତା ଏବଂ ନିଷ୍ଠା ବ୍ୟତିରେକ ଉପସ୍ଥିତ ରହିବାରୁ ବଞ୍ଚିତ ହୋଇଥିଲି। ତେବେ ନିଷ୍ଠାରେ ଥିବା ମନ୍ଦିର କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ବୃଦ୍ଧ ଗୁରୁତର, ଡ୍ରାଇଭର ଗିରଫ

**କଟକ ଅଫିସ :** ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବୁଧବାର ସକାଳ ସାଢ଼େ ୫ଟାରେ ଓଏସଆରଟିସି ବସ୍ (ଓଡି-୦୨-ଏଜେଡ-୨୦୬୩) ପଛପଟୁ ଧକ୍କା ଦେବାରୁ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲାର ସିଦ୍ଧେଶ୍ୱର ମଲ୍ଲିକ(୬୦)। ତାଙ୍କୁ ବାଦାମବାଡି ଥାନା ପୋଲିସ ଗୁରୁତର ଅବସ୍ଥାରେ ସିଦ୍ଧେଶ୍ୱରଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ବୌଦ୍ଧ ଅଞ୍ଚଳର ନରେନ୍ଦ୍ର ନାୟକ(୩୮)ଙ୍କୁ ଗିରଫ କରିଛି। ସିଦ୍ଧେଶ୍ୱରଙ୍କ ପରିବାର ଲୋକଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

# ଅନିଶ୍ଚିତତାରେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଭାଗ୍ୟ

**କଟକ ଅଫିସ୍,୧୧।୩**

ଓଡ଼ିଶାରେ ଚିଟ୍‌ଫଣ୍ଡ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଚିଟ୍‌ଫଣ୍ଡ ଅସ୍ତ୍ରକୁ ପୂର୍ବରୁ ବ୍ୟବହାର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୩ ଜୁଲାଇ ୯ରେ ତଦନ୍ତ କମିଶନ ଗଠନ କରିଥିଲେ ଏବଂ ୩ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। କୁହାଗଲା ତଦନ୍ତ ହେବ, କ୍ଷତିଗ୍ରସ୍ତମାନେ ଟଙ୍କା ଫେରସ୍ତ ପାଇବେ। ଇତିମଧ୍ୟରେ ପ୍ରଥମ ଦଫାରେ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୨୨ଶହ ଜଣ ଟଙ୍କା ଫେରସ୍ତ ପାଇଥିବାବେଳେ କମିଶନଙ୍କ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଛି। ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ୍ ମଦନ ମୋହନ ଦାସଙ୍କ କାର୍ଯ୍ୟକାଳ ଆଉ ବଢ଼ା ଗଲାନାହିଁ। ଫଳରେ ମାର୍ଚ୍ଚ ୩ତାରିଖଠାରୁ କମିଶନ ଶୁଣାଣି ବନ୍ଦ କରିଦେଇଛନ୍ତି। ଏନେଇ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ନୋଟିସ ମରାଯାଇଛି। ଫଳରେ ଯେଉଁ ଲକ୍ଷାଧିକ ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ରଖିଥିଲେ ତାହା ମଉଳି ଯାଇଛି। ଅନ୍ୟପକ୍ଷରେ କମିଶନ୍ ଗଠନ ପରଠୁ ୨୦୧୯ ଜୁଲାଇ ସୁଦ୍ଧା ୫କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭାରେ ଅର୍ଥମନ୍ତ୍ରୀ ଉତ୍ତର ରଖିଥିଲେ। ଏତେ ଟଙ୍କା ଖର୍ଚ୍ଚ ହେବା ପରେ ଏବେ ହଠାତ୍ ବନ୍ଦ କରିଦେବାକୁ ନେଇ ପ୍ରଶ୍ନ ଉଠିଛି।

ଚିଟ୍‌ଫଣ୍ଡ ଠକେଇକୁ ନେଇ ସାରା ରାଜ୍ୟରେ ହଇଚଇ ହେବା ପରେ ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଷ୍ଟିସ୍ ରାଧାକୃଷ୍ଣ ପାତ୍ର କମିଶନ୍ ଗଠନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତିରେ ୫ଟି ଟର୍ମ ଅଫ୍ ରେଫରେନ୍ସ ଜାରି କରାଯାଇଥିଲା। ଚିଟ୍‌ଫଣ୍ଡ ଠକେଇରେ କେଉଁ ସଂସ୍ଥା ଓ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, କେଉଁମାନେ ଏହାକୁ ପ୍ରୋତ୍ସାହନ ଦେଉଥିଲେ, କ୍ଷତିଗ୍ରସ୍ତ ଜାମାକାରୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇପାରିବ, ଭବିଷ୍ୟତରେ ଜମାକାରୀଙ୍କୁ କିଭଳି ଆର୍ଥିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ଜମାକାରୀଙ୍କ ସହିତ ସମ୍ପୃକ୍ତ ଯେକୌଣସି ପ୍ରସଙ୍ଗରେ କମିଶନ ତଦନ୍ତ କରିପାରିବେ। ତେବେ ତଦନ୍ତ ମଝିରେ ଜଷ୍ଟିସ ପାତ୍ରଙ୍କ ପରଲୋକ ହୋଇଥିଲା। ତାଙ୍କ ସ୍ଥାନରେ ଜଷ୍ଟିସ୍ ମଦନମୋହନ ଦାସଙ୍କୁ ସରକାର ୨୦୧୫ ଫେବୃୟାରୀ ୫ରେ ନିଯୁକ୍ତ କରିଥିଲେ। ଏହାର କିଛି ଦିନ ପରେ ଅର୍ଥାତ୍ ୨୦ ତାରିଖରେ ସରକାର ଏକ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ ଜାରି କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ କର୍ପସ ଫଣ୍ଡରୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଟଙ୍କା ଫେରସ୍ତ ଦିଆଯିବ ସେ ନେଇ ସୁପାରିସ କରିବା ବ୍ୟବସ୍ଥା ଯୋଡ଼ାଯାଇଥିଲା। ୨୦୧୯ ଡିସେମ୍ବର ୧୧ରେ ସରକାର ପୁଣିଥରେ ସଂଶୋଧନ ଆଣି କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ ବ୍ୟବସ୍ଥା କରିଥିଲେ। ୧୦ ହଜାର କିମ୍ବା ତା'ଠାରୁ କମ୍ ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଗଣନା କରାଯିବ ବୋଲି କୁହାଯାଇଥିଲା।

■ବଢ଼ିଲାନି ତଦନ୍ତ କମିଶନଙ୍କ କାର୍ଯ୍ୟକାଳ

■ଖତ ଖାଉଛି ୭ଲକ୍ଷ ସତ୍ୟପାଠ


OFFICE OF THE COMMISSION OF INQUIRY ON UNAUTHORISED COLLECTION OF PUBLIC DEPOSITS BY HON'BLE SHRI JUSTICE MADAN MOHAN DAS, AT- SPECIAL BRANCH OFFICE CAMPUS, RESERVE POLICE LINE, BUXI BAZAR, CUTTACK-753 001.

Notice No. ... Date: 03.03.2020

In view of non-receipt of orders of the Government extending the tenure of the Commission till date, Hon'ble Commission shall not hold sittings from 03.03.2020 until further orders.

It is for information of all concerned.

Secretary to Commission.

କମିଶନଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ

ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କ ପକ୍ଷରୁ ୮ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେସବୁକୁ ତର୍ଜମା କରି କମିଶନ ସରକାରଙ୍କୁ ୭ଟି ଅନ୍ତରୀଣ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ୪ ଲକ୍ଷ ୯୭ ହଜାର ୮୪୪ ଜଣଙ୍କୁ କ୍ଷୁଦ୍ର ଜାମାକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେଥିରୁ ମାତ୍ର ୨୨ଶହ ଜଣଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ ସତ୍ୟପାଠ କମିଶନଙ୍କ ହସ୍ତଗତ ହୋଇଥିଲା। ସେସବୁର ଡିଜିଟାଇଜେଶନ୍ କାର୍ଯ୍ୟ ଚାଲିଥିବାବେଳେ ଶୁଣାଣି ଆରମ୍ଭ ହୋଇନାହିଁ। କମିଶନ ଅଷ୍ଟମ ଅନ୍ତରୀଣ ରିପୋର୍ଟ କାର୍ଯ୍ୟ ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀ ୪ରେ ଶେଷ ହୋଇଥିଲା। ଏନେଇ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏହାର ପ୍ରାୟ ୧ ମାସ ପରେ ମଧ୍ୟ ସରକାର କାର୍ଯ୍ୟକାଳ ନ ବଢ଼ାଇବାରୁ କମିଶନ ତାଙ୍କ ଶୁଣାଣି ମାର୍ଚ୍ଚ ୩ରେ ବନ୍ଦ କରିଦେଇଥିଲେ।

ସୂଚନାଥାଉ କି ସରକାର ଆରମ୍ଭରୁ ପ୍ରତି ୩ ମାସ କିମ୍ବା ୬ ମାସକୁ ଥରେ କମିଶନଙ୍କ କାର୍ଯ୍ୟକାଳ ବଢ଼ାଇ ଆସୁଥିଲେ। ପୂର୍ବରୁ ଜଷ୍ଟିସ୍ ପାତ୍ରଙ୍କ କାର୍ଯ୍ୟକାଳ ତିନିଥର ବଢ଼ିଥିଲା। ୨୦୧୯ ଅଗଷ୍ଟ ୪ରେ ଜଷ୍ଟିସ୍ ଦାସଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ଏହାର ୨ ଦିନ ପୂର୍ବରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଥିଲେ। ଏହି ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏ ଦିଗରେ ସରକାର ଆଉ ଆଗ୍ରହ ଦେଖାଇନାହାନ୍ତି।

ଜମାକାରୀ ସୁବାସ ବେହେରା କହିଛନ୍ତି ଯେ, ୩ଟି ବଣ୍ଡରେ ୫ ଲକ୍ଷ ୧୦ ହଜାର ଟଙ୍କା ସି-ଶୋର ସଂସ୍ଥାରେ ଜମା ରଖିଥିଲି। ମ୍ୟାଚୁରିଟି ଟଙ୍କାରେ ଝିଅ ବିବାହ କରାଇବି ବୋଲି ଲକ୍ଷ୍ୟ ଥିଲା। ହେଲେ ହଠାତ୍ ସଂସ୍ଥା ବୁଡ଼ିଯିବା ପରେ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଏବେ ବହୁକଷ୍ଟରେ ଝିଅ ବିବାହ ଶେଷ କରିଛି। ମୋ ଭଳି ଅନେକ ଲୋକ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ବୋଲି ବେହେରା କହିଛନ୍ତି। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, କମିଶନକୁ ଅଧାରୁ ବନ୍ଦ କରିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। କାରଣ ଠିକ୍ ତଦନ୍ତ ହୋଇଥିଲେ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଯାହା ସରକାର ଚାହୁଁନାହାନ୍ତି। କମିଶନଙ୍କ କାର୍ଯ୍ୟକାଳ ବଢ଼ିଲେ ଜମାକାରୀମାନେ ଫାଇଦା ପାଇବେ। କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ହୋଇପାରିବ।

## ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା

**ଚୌଦ୍ୱାର,୧୧।୩(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡର ପାନୀୟଜଳ ସମସ୍ୟା ନେଇ ବୁଧବାର ମହାଜନ ସାହି ଓ ପରିଡା ସାହିର ଶତାଧିକ ଲୋକେ ବୁଧବାର କଳିଙ୍ଗଛକସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୱାର୍ଡର ପୁଷ୍ପଲତା ସାହୁ, କଳ୍ପନା ନାୟକ, ରମା ନାୟକ, ଜୟନ୍ତୀ ସାହୁ, ନୟନା ସାହୁ, ମଞ୍ଜୁଲତା ସାହୁ, ଅନାଦି ଅଚ୍ୟୁତ ଲେଙ୍କାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୫ ଦିନ ହେବ ୱାର୍ଡକୁ ନିୟମିତ ଭାବେ ପାଇପ ପାଣି ଆସୁନାହିଁ। ରାତି ୩ଟାରେ ପାଣି ଆସୁଛି। ଦିନରେ ଠିକ୍ ସମୟରେ ପାଣି ନ ଆସିବାରୁ ସମସ୍ୟା ଦେଖାଯାଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବୁଧବାର ୱାର୍ଡର ମହିଳା ଓ ପୁରୁଷ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବିଭାଗୀୟ ଯନ୍ତ୍ରୀ ଶମ୍ଭୁନାଥ ସେଠୀ ଅଫିସ ଆସିବା ପରେ ଲୋକେ ଯନ୍ତ୍ରୀଙ୍କୁ ଘେରିବା ସହ ପାଟିତୁଣ୍ଡ କରିଥିଲେ। ୱାର୍ଡକୁ ବିଛାଯାଇଥିବା ପାଇପ୍ ତଳେ ୩୩କେ.ଭି ଲାଇନ୍ ଥିବାରୁ ପାଇପ୍ ମରାମତି ହୋଇପାରୁନାହିଁ। ଫଳରେ ପାଣି ଯୋଗାଇବାରେ ସମସ୍ୟା ହେଉଛି। ଏ ନେଇ ବିଦ୍ୟୁତ୍ ବିଭାଗ ଜେଇଙ୍କ ସହ ଆଲୋଚନା କରି ୪ଘଣ୍ଟା ମଧ୍ୟରେ ପାଣି ଯୋଗାଇଦେବା ପାଇଁ ବିଭାଗୀୟ ଯନ୍ତ୍ରୀ ସେଠୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ସର୍ବଭାରତୀୟ କ୍ରୀଡ଼ାରେ ଓଡ଼ିଶା ପୋଲିସକୁ ସଫଳତା

**କଟକ ଅଫିସ, ୧୧।୩:** ଓଏସ୍‌ଏପି ଷଷ୍ଠ ବାଟାଲିୟନରେ ଲାନ୍ସ ନାଏକ ଭାବେ କାର୍ଯ୍ୟରତ ବିଘ୍ନରାଜ ମିରିଡିଆ ୬୮ତମ ସର୍ବଭାରତୀୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତାର ୪୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ଗତ ମାର୍ଚ୍ଚ ୩ରୁ ୭ ପର୍ଯ୍ୟନ୍ତ ହରିୟାଣାର ପଞ୍ଚକୁଲାଠାରେ ଇଣ୍ଡୋ ତିବ୍ବେତାନ ବର୍ଡର ପୋଲିସ ଆନୁକୂଲ୍ୟରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିରିଡିଆ ଏହି ୪୦୦ ମିଟର ଦୌଡ଼କୁ ୪୭.୩୧ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି। ମିରିଡିଆଙ୍କ ସଫଳତାରେ ଡିଜିପି ଅଭୟ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଫେରିବା ପରେ ବୁଧବାର ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଡିଜିପି ଅଭୟଙ୍କୁ ସୌଜନ୍ୟ ସାକ୍ଷାତ୍ କରିଥିଲେ।

### ଲେଖକ ପ୍ରସନ୍ନ ଦାଶଙ୍କ ପରଲୋକ



**କଟକ ଅଫିସ, ୧୧।୩:** ଖବରଦାତା ତଥା ଲେଖକ ପ୍ରସନ୍ନ କୁମାର ଦାଶଙ୍କର ମଙ୍ଗଳବାର ଅପରାହ୍ନରେ ଝାଞ୍ଜିରିମଙ୍ଗଳାସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ଦାଶ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ଥିଲେ। ସେ ଉତ୍କଳ ସାହିତ୍ୟ ସମାଜ ଓ 'ଧ୍ରୁବତାରା' ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ, ଓଡ଼ିଶା ପ୍ରତିଭା ପୂଜା ସଂସଦର କୋଷାଧ୍ୟକ୍ଷ, ତୁଳସୀ ସାହିତ୍ୟ ସଂସଦର ଉପ-ସଭାପତି, 'ୱାର୍ଲଡ ୱାଚ', ଦୈନିକ ଓ 'କାଳାନ୍ତର'ର ପ୍ରତିନିଧି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ବିୟୋଗରେ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଦାଶଙ୍କ ୪ ଝିଅ, ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**କଟକ ଅଫିସ, ୧୧।୩:** ମଧୁସୂଦନ ଆଇନ ମହାବିଦ୍ୟାଳୟର ୨୦୦୯ ବ୍ୟାଚର ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବଜ୍ରକବାଟି ରୋଡସ୍ଥିତ ଏକ ଘରୋଇ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଏହି ବନ୍ଧୁମିଳନରେ ଖୋର୍ଦ୍ଧା କୋର୍ଟର ଜୁନିୟର ସିଭିଲ ଜଜ୍ ଡ.ନିଶାକର ସାହୁ, ନୂଆପଡ଼ା କୋର୍ଟର ସିନିୟର ସିଭିଲ ଜଜ୍ ଅଜିତ କୁମାର ଓତା, ଡ.ରାକେଶ ମୁଦୁଲି, ସତ୍ୟସାଇ ଦାସ ପ୍ରମୁଖ ସେମାନଙ୍କର ଛାତ୍ର ଜୀବନ ଓ କର୍ମମୟ ଜୀବନର ଅନୁଭୂତି ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଆଇନଜୀବୀ ଲିଟୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ସୂର୍ଯ୍ୟକାନ୍ତ ଦ୍ୱିବେଦୀ ଓ ଶାଶ୍ୱତୀ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏସ୍‌ସିବି ସମ୍ପ୍ରସାରଣ: ଶହେ ପରିବାର ସ୍ଥାନାନ୍ତର

**କଟକ ଅଫିସ୍,୧୧।୩**

କଟକ ଏସ୍‌ସିବି ମେଡିକାଲ୍‌ର ସମ୍ପ୍ରସାରଣ ପାଇଁ ବୁଧବାର ପୁଣିଥରେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ତୃତୀୟ ପର୍ଯ୍ୟାୟରେ ତାଳଦଣ୍ଡା କେନାଲ୍ ପାର୍ଶ୍ୱବର୍ତ୍ତୀ ରାସ୍ତା ଏବଂ ମା' ମଙ୍ଗଳା ବସ୍ତିରୁ ପ୍ରାୟ ଶହେ ପରିବାରକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସକାଳୁ ମେଶିନ୍ ସାହାଯ୍ୟରେ ଘରଗୁଡ଼ିକୁ ଭଙ୍ଗା ଯାଇଥିଲା। ଏଥିସହ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛଗୁଡ଼ିକ ମଧ୍ୟ କାଟି ଦିଆଯାଇଛି। ଉଚ୍ଛେଦ ପରିବାରକୁ ଜଗତ୍‌ପୁରସ୍ଥିତ ନିମପୁରକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା ସହ କ୍ଷତିପୂରଣ ବାବଦରେ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୭ତାରିଖ ସୁଦ୍ଧା ରାଣୀହାଟ ଏବଂ ଯୋବ୍ରା ଅଞ୍ଚଳରୁ ଉଚ୍ଛେଦ ଶେଷ ହୋଇଯିବ ବୋଲି ଜିଲା ପ୍ରଶାସନ ଆଶା ପ୍ରକାଶ କରିଛି। ଗତ ୨ ତାରିଖରେ ମାଲ୍‌ଗୋଦାମ ଥାନାଠାରୁ ଚୂନଭାଟି ଛକ ପର୍ଯ୍ୟନ୍ତ ଅଞ୍ଚଳରୁ ପ୍ରାୟ ୯୭ ପରିବାରକୁ ଉଚ୍ଛେଦ କରାଯାଇଥିଲା। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୯୫ ପରିବାରକୁ ସ୍ଥାନାନ୍ତର କରାଯାଇଥିଲା।


ପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଥିବା ଗଛ କଟାଯାଉଛି।

## ଔଷଧ ଦୋକାନ କର୍ମଚାରୀଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ ଦାବି

**କଟକ ଅଫିସ, ୧୧।୩**

ଟାଉନ ହଲ୍‌ଠାରେ ଫାର୍ମାସ୍ୟୁଟିକାଲ ଏମ୍ପ୍ଲଇଜ ୟୁନିୟନର ୨୯ତମ ସାଧାରଣ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତାବର୍ଷ ପାଇଁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଯୁଧିଷ୍ଠିର ମହାରଣା, ସାଧାରଣ ସମ୍ପାଦକ ଭାବେ ଜୟନ୍ତ କୁମାର ରାୟ, ସଂଗଠନ ସମ୍ପାଦକ ଭାବେ କାଳନ୍ଦୀ ମାହାଳିକ, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ରାଉତରାୟ ଏବଂ କାର୍ଯ୍ୟାଳୟ ସମ୍ପାଦକ ଭାବେ ଶିବ ମହାରଣାଙ୍କୁ ଚୟନ କରାଯାଇଥିଲା। ଅଧିବେଶନରେ ଯୁଧିଷ୍ଠିର ମହାରଣା ଅଧକ୍ଷତା କରିଥିଲେ। ଔଷଧ ଦୋକାନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ ଗଠନ ପାଇଁ ଅଧିବେଶନରେ ୟୁନିୟନର କର୍ମକର୍ତ୍ତାମାନେ ଦାବି କରିଥିଲେ।

## ଭଙ୍ଗାରୁଜା, ଲୁଟ ଘଟଣାରେ ଜଣେ ଗିରଫ

**କଟକ ଅଫିସ,୧୧।୩**

**ଟଙ୍କା, ମୋବାଇଲ ଫୋନ, କାର ଜବତ**

ବକେୟା ଟଙ୍କା ଆଦାୟ କରିବା ଯାଇ ଜଣେ ବ୍ୟବସାୟୀ ଅନ୍ୟ ଜଣେ ବ୍ୟବସାୟୀଙ୍କ ଅଫିସରେ ଭଙ୍ଗାରୁଜା ସହ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ମଙ୍ଗଳବାର ମଧୁପାଟଣା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଗିରଫ କରିଛି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ଟମାଣ୍ଡୋ ଅଞ୍ଚଳର ବିଶ୍ୱଜିତ ଦାସ(୩୯)। ପୋଲିସ ତାଙ୍କଠାରୁ ନଗଦ ୬୨ ହଜାର ୪ଶହ ଟଙ୍କା, ୨ ମୋବାଇଲ ଫୋନ ଏବଂ ବ୍ୟବହୃତ ଏକ କାର(ଓଡି-୩୩-ଏ-୨୨୭୪)କୁ ଜବତ କରିଛି।

ଅଭିଯୋଗ ଅନୁଯାୟୀ, ବୟାଳିଶ ମୌଜା ଅଞ୍ଚଳର ଶିବ କୁମାର ବେହେରା ବାଲି, ଗୋଡି, ଇଟା, ସିମେଣ୍ଟ ବ୍ୟବସାୟ କରନ୍ତି। ଖାନନଗର ମଣିମନ୍ଦିର ଛକରେ ମହାକାଳୀ ସପ୍ଲାୟର୍ସ ନାମରେ ତାଙ୍କର ଏକ ଅଫିସ ରହିଛି। ଗତ ରବିବାର ଅପରାହ୍ନରେ ଶିବ ଅଫିସରୁ ନିଜ କାମ ସାରି ଘରକୁ ଯାଇଥିଲେ। ଅଫିସରେ ତାଙ୍କର ଶାଳକ ଶୈଳେନ୍ଦ୍ର ଏବଂ ଜଣେ କର୍ମଚାରୀ ଥିଲେ। ପ୍ରାୟ ୩ଟା ସମୟରେ ଏକ କାର ତାଙ୍କ ଅଫିସ ଆଗରେ ଲାଗିଥିଲା। ବିଶ୍ୱନାଥ ଓ ତାଙ୍କର ୪ ସହଯୋଗୀ ଗାଡିରୁ ବାହାରି ଅଫିସ ଭିତରରେ ପଶି ଭଙ୍ଗାରୁଜା କରିଥିଲେ। ଶୈଳେନ୍ଦ୍ର ଏବଂ କର୍ମଚାରୀ ଜଣକ ସେମାନଙ୍କୁ ଅଟକାଇବାରୁ ଉଭୟଙ୍କୁ ମାଡ ମାରିଥିଲେ। ଏପରିକି ବନ୍ଧୁକ ଦେଖାଇ କ୍ୟାଶ ବାକ୍ସରୁ ୬୨ ହଜାର ୪ଶହ ଟଙ୍କା ନେଇ ପଳାଇଥିଲେ। ଏନେଇ ଶୈଳେନ୍ଦ୍ରଙ୍କ ଖବର ପାଇ ଶିବ ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ ଆଇପିସି ଦଫା ୩୯୫, ୨୯୪ ଏବଂ ଆର୍ମ୍ସ ଆକ୍ଟ ୨୫/୨୭ ଅନୁଯାୟୀ ଏକ ମାମଲା( ୪୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସମ୍ବାଦପତ୍ର ବିକ୍ରେତା ସଂଘର ହୋଲି ଉତ୍ସବ



**କଟକ ଅଫିସ, ୧୧।୩**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ହୋଲି ଉତ୍ସବ ପାଳନ କରାଯାଇଛି। ସାରା ବିଶ୍ୱରେ କରୋନା ଭୟ ଯୋଗୁ ରାସାୟନିକ ରଙ୍ଗ ନ ଖେଳି କେବଳ ଅବିରରେ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ହୋଲି ଉତ୍ସବ ପାଳନ କରିଥିଲେ। ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ସନ୍ତୋଷ ମହାନ୍ତି, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ବିଷ୍ଣୁ ଦାଶ, ଗୋବିନ୍ଦ ଚନ୍ଦ୍ର ଦାଶ, ରବି ପାଲ ଏବଂ ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ

**କଟକ ଅଫିସ,୧୧।୩**

ଲାଲବାଗ ଥାନା ପୋଲିସ ମଙ୍ଗଳବାର ରାତି ପ୍ରାୟ ୯ଟାରେ ସହରରେ ଏକ ବଡ଼ ଡକାୟତି ଯୋଜନାକୁ ପଣ୍ଡ କରିଛି। ବିହାରିବାଗସ୍ଥିତ ରୟାଲ ଗାର୍ଡେନ ପଛ ପାଖ ଅନ୍ଧାରୁଆ ସ୍ଥାନରେ ନୟାସଡ଼କସ୍ଥିତ ଏକ ପ୍ରତିଷ୍ଠିତ ଜୁଏଲର୍ସରୁ ଡକାୟତି ପାଇଁ ଚାଲିଥିବା ଯୋଜନା। ଏନେଇ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶେଖ ବଜାର ଅଞ୍ଚଳର ପ୍ରକାଶ ବେହେରା ଓରଫ ଚକୁଲି(୪୬), ଡଗରପଡ଼ା ଭୂତିଆସାହିର ପ୍ରକାଶ ବେହେରା ଓରଫ ହାଡିଆ (୪୮), ସରୋଜ ଦାସ ଓରଫ ବାୟା(୨୭) ଓ ଶେଖବଜାର ନ୍ୟୁ କଲୋନୀର ସାଗର ବେହେରା(୨୬)। ଜେରାବେଳେ ସେମାନେ ଜୁଏଲର୍ସରୁ ଡକାୟତି କରିବା ପାଇଁ ଯୋଜନା କରିଥିବା ସେମାନେ କହିଥିଲେ। ଆଇଆଇସି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଥାନାର ଏକ ଟିମ ଓ ସ୍ପେଶାଲ ସ୍କ୍ୱାଡ୍ ଏହି ଚଢ଼ାଉ କରିଥିଲା। ଅଭିଯୁକ୍ତ ସାଗରଙ୍କଠାରୁ ଗୋଟିଏ ପିସ୍ତଲ ସହ ୭.୬୫ ଏମ୍‌ଏମ୍‌ର ୩ ରାଉଣ୍ଡ ଗୁଳି, ଅଭିଯୁକ୍ତ ହାଡିଆଙ୍କଠାରୁ ଗୋଟିଏ ଭୁଜାଲି ଜବତ ହୋଇଥିଲା। ସେହିପରି ଗୋଟିଏ ଆକ୍ଟିଭା (ଓଡି-୦୫-ଏଭି-୪୩୬୨), ଗୋଟିଏ ବାଇକ (ଓଆର-୦୫-ଏକେ-୧୭୭୬) ଗୋଟିଏ ମୋବାଇଲ ଫୋନ, ଲୁହା ରଡ୍ ଆଦି ଜବତ କରାଯାଇଛି। ଚକୁଲି ନାମରେ ଲାଲବାଗ ଓ କ୍ୟାଣ୍ଟନମେଣ୍ଟ ଥାନାରେ ୧୦ ମାମଲା ରହିଥିବାବେଳେ ସରୋଜ ନାମରେ ଲାଲବାଗ ଥାନାରେ ୭ ମାମଲା ରହିଛି। ସେହିପରି ହାଡିଆ ନାମରେ ବିଭିନ୍ନ ଥାନାରେ ୨୧ ମାମଲା ରହିଛି। ଏନେଇ ପୋଲିସ ଆଇପିସି ଦଫା ୩୯୯, ୪୦୨, ଆର୍ମ୍ସ ଆକ୍ଟ ୨୫ ଅନୁଯାୟୀ କେସ ନଂ ୬୪/୨୦ ରୁଜୁ କରାଯାଇଛି।


ଗିରଫ ୪ ଅଭିଯୁକ୍ତ।


ଜବତ ହୋଇଥିବା ପିସ୍ତଲ, ଗୁଳି ଓ ଭୁଜାଲି।


ଶ୍ରୀ ଶ୍ରୀ ଷୋଳପୁଅ ମା' ଠାକୁରାଣୀଙ୍କ ବାର୍ଷିକ ଉତ୍ସବରେ କଟକ ମହାନଦୀ ଘାଟରୁ କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଯାଉଥିବା ତେଲୁଗୁ ସମ୍ପ୍ରଦାୟ ମହିଳାମାନେ।


କଟକ ନିମପୁର ଗ୍ରାଉଣ୍ଡ ନିକଟ ଶ୍ରୀଶ୍ରୀ କୃଷ୍ଣେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ଫକୀରପୁର ତୋଟା ମେଳଣ ପଡ଼ିଆରେ ଅନୁଷ୍ଠିତ ଦୋଳମେଳଣ ଯାତ୍ରା।


ହୋଲି ଅବସରରେ କଟକ ଗୌରୀଶଙ୍କର ପାର୍କ ଅଞ୍ଚଳରେ ଯୁବତୀମାନେ ପରସ୍ପରକୁ ଅବିର ଲଗାଉଛନ୍ତି।

## ନିଆରା ହୋଲି ଖେଳ

**ମାହାଙ୍ଗା,୧୧।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସିପୁରାଗ୍ରାମରେ କେତେଜଣ ଯୁବକ ମଙ୍ଗଳବାର ପ୍ରାକୃତିକ ରଙ୍ଗରେ ହୋଲି ଖେଳିଛନ୍ତି। ସେମାନେ ରାସାୟନିକ ରଙ୍ଗ ପରିବର୍ତ୍ତେ ହୋଲିରେ ହଳଦୀ ଓ ଟମାଟୋକୁ ବ୍ୟବହାର କରିଛନ୍ତି। ସେହିପରି ଚାହାପଡା ପଞ୍ଚାୟତ ଅନ୍ତର୍ଗତ ଭଁରାଜ ଗ୍ରାମରେ ରାସାୟନିକ ରଙ୍ଗ ପରିବର୍ତ୍ତେ ପାଉଡର ଓ ସେଣ୍ଟରେ ହୋଲି ଖେଳାଯାଇଛି। ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହି ଖେଳକୁ ଉପଭୋଗ କରୁଥିବା ବେଳେ ଭଁରାଜ ଗ୍ରାମର ଆନ୍ଦିକନ୍ଦ ଜେନା ଏହି ଖେଳର ମୁଖ୍ୟ ପୁରୋଧା ସାଜିଛନ୍ତି।

## ସଂକ୍ଷେପରେ

### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**କଟକ ଅଫିସ,୧୧।୩:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ତରୁଣ ସାହୁ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଥିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ପ୍ରତ୍ୟେକ ଓଡ଼ିଆ ଏବଂ ଭାଷାପ୍ରେମୀ ଏଥିରେ ନିଜକୁ ଗର୍ବିତ ମନେକରିବା ଆବଶ୍ୟକ। ଅନୁଷ୍ଠାନର ଉପସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ କହିଥିଲେ, ଓଡ଼ିଆ ଭାଷା ଓ ସାହିତ୍ୟର ଐତିହ୍ୟ ଏବଂ ପରମ୍ପରା ପ୍ରତି ସଚେତନ ହେବା ଉଚିତ। ଏହାର ପ୍ରଚାର ଓ ପ୍ରସାର ପାଇଁ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁନାମଣି ରାଉତ, ଅଧାପିକା ବିଦ୍ୟୁତ୍ ଲାଲା, ଗଜେନ୍ଦ୍ର ପାଣି ଏବଂ ଅଶ୍ୱିନୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ଅଦିତ୍ୟ ପ୍ରସାଦ ଧଳ ଧନ୍ୟବାଦ ଜଣାଇଥିଲେ।

### ଆତ୍ମହତ୍ୟାରୁ ନିବୃତ୍ତ କଲେ ଗ୍ରାମବାସୀ

**ନରାଜ,୧୧।୩(ଡି.ଏନ୍.ଏ.):** ବାରଙ୍ଗ ଥାନା ନେତଲ-ଗୋବିନ୍ଦପୁର ମୌଜାସ୍ଥିତ ଏକ ସରକାରୀ ମଦଦୋକାନ ନିକଟରେ ମଙ୍ଗଳବାର ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ନେତଲ ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ସେ ହେଲେ କଟକ ମର୍କତନଗର ସେକ୍ଟର ୬ ଅଞ୍ଚଳର ଭ୍ରମରବର ବେହେରା (୪୫)। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଭ୍ରମରବର ଏକ ଅଟୋରିକ୍ସା ଯୋଗେ କେତେଜଣ ଲୋକଙ୍କ ସହ ବାରଙ୍ଗ ଯାଇଥିଲେ। ଏହି ସମୟରେ ନେତଲ ଛକ ନିକଟରେ ଥିବା ଏକ ସରକାରୀ ମଦ ଦୋକାନ ନିକଟକୁ ମଦ କିଣିବାକୁ ଯାଇଥିଲେ । ହୋଲି ଥିବାରୁ ମଦ ଦୋକାନ ବନ୍ଦ ଥିବା ଦେଖି ସେ ସେଠାରେ କିଛି ସମୟ ପାଇଁ ବସି ରହିଥିଲେ। ଏହାପରେ ଭ୍ରମରବର ମଦ ଦୋକାନ ପାଖରେ ଥିବା ଏକ ଗଛରେ ଚଢ଼ି ଗଳାରେ ଗାମୁଛା ଦେଇ ଝୁଲି ପଡ଼ିଥିଲେ। ତାଙ୍କୁ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏବେ ସେ ସୁସ୍ଥ ଅଛନ୍ତି ବୋଲି ପରିବାର ସଦସ୍ୟ କହିଛନ୍ତି।

### ବିପିନ ବିହାରୀ ରଥଙ୍କ ବିୟୋଗରେ ସ୍ମୃତିସଭା

**କଟକ ଅଫିସ,୧୧।୩:** ଡ. ଶ୍ରୀରାମଚନ୍ଦ୍ର ଦାଶ ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ଆଇନଜୀବୀ, ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଡ. ବିପିନ ବିହାରୀ ରଥଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ସଭାରେ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କର ବହୁବିଧ ପ୍ରତିଭା ଉପରେ ଆଲୋକପାତ କରାଯାଇଥିଲା। ଆଇନଜୀବୀ ବିଜୟ ପଟ୍ଟନାୟକ, ଦେବାଶିଷ ପଣ୍ଡା, ବଂଶୀଧର ଶତପଥୀ, କିଶୋର ଜେନା, ଅଲେଖ ଚନ୍ଦ୍ର ମହାନ୍ତି, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ହୋଲିରେ ଗୋଷ୍ଠୀ ସଂଘର୍ଷ

**■ତିଗିରିଆରେ ୧୯ଆହତ, ୪ଗିରଫ**

**■ମାହାଙ୍ଗାରେ ୬ ଆହତ, ଜଣେ ଗୁରୁତର**

**ତିଗିରିଆ/ମାହାଙ୍ଗା,୧୧।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ହୋଲି ପର୍ବରେ ମଙ୍ଗଳବାର କଟକ ଜିଲାର ବିଭିନ୍ନ ସ୍ଥାନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ତିଗିରିଆ ଥାନା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟି ୧୯ ଜଣ ଆହତ ହୋଇଥିବା ବେଳେ ମାହାଙ୍ଗା ଥାନା ଅଞ୍ଚଳରେ ୬ ଆହତ ଓ ଜଣେ ଗୁରୁତର ହୋଇଛନ୍ତି। ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତରେ ଭିରୁଡ଼ା ଓ ପଣସପାଟଣା ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ କୌଣସି କାରଣରୁ ବଚସା ହୋଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷ ପରସ୍ପରକୁ ଠେଙ୍ଗା ଓ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିବାରୁ ୧୯ ଜଣ ଆହତ ହୋଇଥିଲେ। ଏନେଇ ଭିରୁଡାର ସୌମ୍ୟରଞ୍ଜନ ମହାପାତ୍ରଙ୍କ ଅଭିଯୋଗକ୍ରମେ ମାମଲା (ନଂ. ୨୯/୨୦) ଓ ପଣସପାଟଣାଗ୍ରାମର ଇନ୍ଦ୍ରମଣୀ ସାହୁଙ୍କ ଏତଲାକ୍ରମେ ମାମଲା (ନଂ. ୨୮/୨୦)ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ପୋଲିସ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭିରୁଡ଼ାର ହରେକୃଷ୍ଣ ବେହେରା, ପ୍ରକାଶ ବଡ଼ିଆ ଏବଂ ପଣସପାଟଣା ଗ୍ରାମର ମନୋଜ କୁମାର ସାହୁ ଓ ରାଜକିଶୋର ଦାସ। ସୌମ୍ୟରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ,ସେ ଗ୍ରାମର କେତେଜଣ ଯୁବକଙ୍କ ସହ ମିଶି ଗୋଡ଼ିଝରିଆ ଗ୍ରାମକୁ ଅବିର କିଣିବାକୁ ଯାଇଥିଲେ। ସେମାନେ ଗ୍ରାମକୁ ଫେରୁଥିବା ବେଳେ ଭିରୁଡା ପଞ୍ଚାୟତ ଅଫିସ ନିକଟରେ ପଣସପାଟଣାର କେତେଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅପରପକ୍ଷେ ଇନ୍ଦ୍ରମଣିଙ୍କ ଏତଲା ଅନୁଯାୟୀ, ଏକ ଟାଟା ଏସିଇ ଗାଡିରେ ଭିରୁଡ଼ାସ୍ଥିତ ତଳଗଡ଼ ସାହି ଅଞ୍ଚଳର କେତେଜଣ ଯୁବକ ତାଙ୍କ ଘର ସମ୍ମୁଖରେ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ଏଥିସହ ଇନ୍ଦ୍ରମଣିଙ୍କ ଘରକୁ ଢେଲାପଥର ମାଡ଼ କରିଥିଲେ। ତାଙ୍କ ସାନପୁଅ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ଘରେ ପଶି ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି। ଉଭୟ ଗ୍ରାମରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ପାଇଁ ଶାନ୍ତି କମିଟି ମାଧ୍ୟମରେ ଉଦ୍ୟମ ଜାରି ରହିଛି।

ସେହିପରି ମାହାଙ୍ଗା ଥାନା ଅନ୍ତର୍ଗତ ବିରୂପା ପୋଲ ନିକଟରେ କମେଣ୍ଟମରାକୁ କେନ୍ଦ୍ରକରି ସିପୁରା ଓ କୁସୁପୁରୁ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ କୁସୁପୁର ଗ୍ରାମର ଜିତେନ୍ଦ୍ର ସିଂହ(୩୨) ଗୁରୁତର ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି। ଏନେଇ ସିପୁରା ଗ୍ରାମର ଅମରେନ୍ଦ୍ର ରାଉତରାୟଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୬୦/୨୨)ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଗ୍ରାମର କେତେଜଣ ଯୁବକଙ୍କ ସହ ମିଶି ବିରୂପା ନଦୀରେ ଗାଧୋଉ ଥିବା ବେଳେ କୁସୁପୁର ଗ୍ରାମର କେତେଜଣ ଯୁବକ ସେମାନଙ୍କୁ କମେଣ୍ଟ ମାରିଥିଲେ। ଏନେଇ ଉଭୟ ଗୋଷ୍ଠୀମଧ୍ୟରେ ବଚସା ହେବାସହ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଅଭିଯୋଗପରେ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ । ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କ୍ୱାର୍ଟର ଫାଇନାଲରେ ୟୁଥ୍ କ୍ଲବ କରଡ଼ାପଲ୍ଲୀ




ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

**ତିଗିରିଆ, ୧୧।୩ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆରେ ୫ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁଥ କ୍ଲବ କରଡ଼ାପଲ୍ଲୀ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ୟୁଥ କ୍ଲବ ଓ ଅମରେନ୍ଦ୍ର ଫୁଟବଲ କ୍ଲବ ଭଟ୍ଟାରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଡ଼ାପଲ୍ଲୀ ଦଳ ପକ୍ଷରୁ ଅମିତ ଦାସ ଓ ସୁହେଲ ଖାଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ସୁବ୍ରଜିତ ରାଉତ ୨ଟି ଗୋଲସ୍କୋର କରିଥିଲେ। ଅପରପକ୍ଷେ ଅମରେନ୍ଦ୍ର କ୍ଲବ କୌଣସି ଗୋଲ କରିବାକୁ ସକ୍ଷମ ହୋଇ ନଥିଲା। ଫଳରେ କରଡ଼ାପଲ୍ଲୀ ୪-୦ଗୋଲରେ ବିଜୟୀ ହୋଇଛି। ମ୍ୟାଚର ମୁଖ୍ୟଅତିଥି ଭାବେ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀର ଗ୍ରାମ୍ୟ ସଭାପତି ଅବଦ୍ଦୁଲ ମାଲିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୀବ ଦାଶ ରେଫରିଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ବୁଦ୍ଧିରାମ ହେମ୍ବ୍ରମ ଓ ଜନ୍ ନାୟକ ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ସେକ୍ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିତେନ୍ଦ୍ର ପ୍ରିମିୟର ଲିଗ୍: ସାଇ କ୍ରିଷ୍ଣା ଫାଇଟର ଚାମ୍ପିୟନ

**ନରାଜ,୧୧।୩ (ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁର ଖେଳପଡିଆରେ ଚାଲିଥିବା ଏକଦିବସୀୟ ଜିତେନ୍ଦ୍ର କ୍ରିକେଟ ପ୍ରିମିୟର ଲିଗ୍ ମଙ୍ଗଳବାର ସାଇକ୍ରିଷ୍ଣା ଫାଇଟର ଚାମ୍ପିୟନ ହୋଇଛି। ହୋଲି ଉପଲକ୍ଷେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜୟପୁର ଗ୍ରାମର ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସାଇ କ୍ରିଷ୍ଣା ଫାଇଟର ଓ ରୋହନ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇ କ୍ରିଷ୍ଣ ଫାଇଟର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୩ ଓଭରରେ ୪ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ରେହନ ଲାୟନ୍ସ ୨ ଓଭରରେ ସମସ୍ତ ଉଇକେଟ ହରାଇ ହରାଇ ୩୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସାଇ କ୍ରିଷ୍ଣ ଫାଇଟର ବିଜୟୀ ହୋଇଥିଲା। ମ୍ୟାଚକୁ ପ୍ରିୟବ୍ରତ ରାଉତ ଓ କିଶୋର ରାଉତ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗ୍ରାମର ମୁରବିମାନେ ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ରନର୍ସ ଅପ୍ ଟ୍ରଫି ସହ ୪ ହଜାର ଟଙ୍କା ଦେଇଥିଲେ। ଟୁର୍ନାମେଣ୍ଟକୁ ବାପି,ସିଲୁ, ଗଗନ, ମନୋଜ, ରଞ୍ଜନ, କୁଲୁ, ଟିକି, ସୁନୀଲ, ମିଲୁ, କୁଲୁ ଓ ଟୁଟୁ ପ୍ରମୁଖ ପରିଚାଳନା କରିଥିଲେ।

# ମହିଳା ଦିବସରେ କରୋନା ସଚେତନତା

**ଚୌଦ୍ୱାର,୧୧।୩(ଡି.ଏନ୍.ଏ.)**

ଇମ୍ପାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାଣୀପଦା ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଯୋଗଦେଇଥିଲେ। ତୀର୍ଥାନନ୍ଦ ସିବୁଦ୍ଧିରାୟ, କଳ୍ପନା ରାଉତ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଦେଶରେ କରୋନା ଭାଇରସ ଆତଙ୍କ ସୃଷ୍ଟି କରିଥିବା ବେଳେ ଗୃହିଣୀମାନେ କିପରି ଏହାର ପ୍ରତିରୋଧ କରିବେ ସେ ବିଷୟରେ ଅତିଥିମାନେ ସଚେତନ କରାଇଥିଲେ। ମହିଳା ସଶକ୍ତୀକରଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଶିଷ ଦାସ, ଶୁଭେନ୍ଦୁ ପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ଓ ଜ୍ଞାନରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନଦୀରେ ବୁଡ଼ି ୫ ମୃତ

**କଟକ ସଦର/ନରାଜ/ସାଲେପୁର, ୧୧।୩ (ଡି.ଏନ.ଏ)**

କଟକ ଜିଲାର ବିଭିନ୍ନ ସ୍ଥାନରେ ଗତ ୨ ଦିନରେ ନଦୀରେ ବୁଡି ୫ ଜଣଙ୍କ ମୃତ୍ୟୁ ଘଟିଛି। କଟକ ୪୨ମୌଜାସ୍ଥିତ ଝିଙ୍କିରିଆ ଘାଟରେ ଗାଧୋଇବା ବେଳେ ବୁଡ଼ିଯାଇ ମଙ୍ଗଳବାର ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ଖପୁରିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭମ୍ କୁମାର ବେହେରା(୧୪) ଓ ନିଶାନ୍ତ କୁମାର ପାଢୀ(୧୪)। ଏମାନଙ୍କ ଘର କଟକ ନେତାଜୀ ନଗର ଅଞ୍ଚଳରେ। ସୂଚନା ଅନୁଯାୟୀ, ହୋଲି ଖେଳ ସାରି ବିଦ୍ୟାଳୟର ୪ଜଣ ଛାତ୍ର ଗାଧୋଇବା ପାଇଁ କାଠଯୋଡି ନଦୀର ଝିଙ୍କିରିଆ ଘାଟକୁ ଯାଇଥିଲେ। ଅସାବଧାନତା ହେତୁ ଶୁଭମ୍ ଓ ନିଶାନ୍ତ ଗଭୀର ପାଣିକୁ ପଳାଇଥିଲେ। ତେବେ ତାଙ୍କ ସାଙ୍ଗରେ ଯାଇଥିବା ଆଉ ଦୁଇଜଣ ଛାତ୍ର ସେମାନଙ୍କୁ ବୁଡ଼ିଯାଉଥିବା ଦେଖି ପାଟି କରିଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପ୍ରାୟ ୧ ଘଣ୍ଟା ପରେ ଛାତ୍ରଦ୍ୱୟଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କଟକ ସଦର ଥାନାରେ ଦୁଇଟି ଅପମୃତ୍ୟୁ ମାମଲା(୮/୨୦, ୯/୨୦)ରୁଜୁ ହୋଇଛି।

ନରାଜ ବ୍ୟାରେଜସ୍ଥିତ ଅରିଲୋ ଗ୍ରାମ ନିକଟ କାଠଯୋଡି ନଦୀରେ ଗାଧୋଉଥିବା ବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଜିଲାର ବଡ ବଜାର ଅଞ୍ଚଳର ଶାଶ୍ୱତ ସାହୁ(୧୭)। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜର ଯୁକ୍ତ୨ ଶ୍ରେଣୀର ଛାତ୍ର ଥିଲେ। ଶାଶ୍ୱତ ହୋଲି ଖେଳିସାରି କେତେଜଣ ବନ୍ଧୁଙ୍କ ସହ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ଗୋଡ ଖସିଯିବାରୁ ସେ ଗଭୀର ପାଣିରେ ନିଖୋଜ ହୋଇଯାଇଥିଲେ। ଖବରପାଇ ଗୋଡିସାହି ଫାଣ୍ଡି ଏଏସ୍‌ଆଇ ସମୀର କୁମାର ମହାପାତ୍ର, ସିଡିଏ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଓ ମୁଣ୍ଡଳୀସ୍ଥିତ ୩ୟ ବାଟାଲିୟନର ଏନ୍‌ଡିଆର୍‌ଏଫ୍ ଟିମ୍ ସେଠାରେ ପହଞ୍ଚି ପାଣିରୁ ଶାଶ୍ୱତଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ବାରଙ୍ଗ ଥାନାରେ ଅପମୃତ୍ୟୁ ମାମଲା (ନଂ.୪/୨୦)ରୁଜୁ କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଯାଇଛି। ସେହିପରି ବାରଙ୍ଗ ଥାନା ଅନ୍ତର୍ଗତ ଫକୀରପଡା ନିକଟ କାଠଯୋଡି ନଦୀରେ ଗାଧୋଉ ଥିବାବେଳେ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିବାକର ସର୍ଦ୍ଦାର(୪୧)। ତାଙ୍କ ଘର କଲିକତାରେ ହୋଇଥିବା ବେଳେ ଫକୀରପଡାସ୍ଥିତ ଏକ ଘରୋଇ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସେ ଅପରାହ୍ନରେ କାଠଯୋଡି ନଦୀକୁ ଗାଧେଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡିଯାଇଥିଲେ। ଖବରପାଇ ବାରଙ୍ଗ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦିବାକରଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ କରାଯାଇଛି। ସାଲେପୁରସ୍ଥିତ ବ୍ୟାରେଜ୍ ଛକ ନିକଟ ଚିତ୍ରୋତ୍ପଳା ନଦୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇ ପାଣିରେ ବୁଡିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ମହନାପୁର ଗ୍ରାମର ହିମାଂଶୁ ଶେଖର ଦାଶଙ୍କ ପୁତ୍ର ଶୁଭମ୍ ଦାଶ(୧୮)। ସେ ସେ ବହୁଗ୍ରାମ ଜୁନିୟର କଲେଜ ୨ୟ ବର୍ଷର ଛାତ୍ର ଥିଲେ। ଖବରପାଇ ସାଲେପୁର ଦମକଳ ବାହିନୀ ପାଣିରୁ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମଞ୍ଜେଶ୍ୱର ଚାମ୍ପିୟନ

**ପ୍ରଦୀପ ପ୍ରଦୋଷ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ**

**ଆଠଗଡ,୧୧।୩ (ସ୍ୱ.ପ୍ର.)**

ଆଠଗଡ ଷ୍ଟାଡିୟମଠାରେ ଚାଲିଥିବା ୧୬ତମ ପ୍ରଦୀପ ପ୍ରଦୋଷ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧବାର ମଞ୍ଜେଶ୍ୱର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଭୁବନେଶ୍ୱର ମଞ୍ଜେଶ୍ୱର କ୍ରିକେଟ୍ କ୍ଲବ ଓ ଖୋର୍ଦ୍ଧା କଳିଙ୍ଗ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଞ୍ଜେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୮୫ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ନିର୍ଦ୍ଧାରିତ ୨୦ ଓଭରରେ ଖୋର୍ଦ୍ଧାଦଳ ସମସ୍ତ ଉଇକେଟ୍ ହରାଇ ୧୬୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମଞ୍ଜେଶ୍ୱର କ୍ରିକେଟ୍ କ୍ଲବ ବିଜୟୀ ହୋଇଥିଲା। ଏହି ଦଳର ଦୁଷ୍ମନ୍ତ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମନୋରଞ୍ଜନ ମହାନ୍ତି ଓ ପ୍ରିୟ ରଞ୍ଜନ ଗୋଛାୟତ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମ୍ୟାଜେଷ୍ଟିକ୍ କ୍ରିକେଟ୍ କ୍ଲବର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଚାମ୍ପିୟନ ଓ ରନସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଜେଷ୍ଟିକ୍ କ୍ରିକେଟ୍ କ୍ଲବର ସମ୍ପାଦକ ନଳିନୀକାନ୍ତ ପଣ୍ଡା ଓ ସଭ୍ୟମାନେ ଏଥିରେ ସହଯୋଗ କରିଥିଲେ।



ଚାମ୍ପିୟନ୍ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

# ଚାଚେରୀ ଭୋଗ ଖାଇଲେ ଠାକୁର

**ସରିଲା ଦୋଳ ମେଳଣ, ହୋଲି ପର୍ବ**

**ବାଙ୍କୀ/ମାହାଙ୍ଗା/ସାଲେପୁର ୧୧।୩(ସ୍ୱ.ପ୍ର.)**

କଟକ ଜିଲାର ବିଭିନ୍ନ ସ୍ଥାନରେ ଆନନ୍ଦଉଲ୍ଲାସର ସହ ଦୋଳ ମେଳଣ ଓ ହୋଲି ପର୍ବ ଶେଷ ହୋଇଛି। ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ପବିତ୍ର ଫାଲଗୁନ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିବା ଦୋଳ ମହୋତ୍ସବ ମଙ୍ଗଳବାର ମହାସମାରୋହରେ ଶେଷ ହୋଇଯାଇଛି। ଦୋଳ ପୂର୍ଣ୍ଣମୀ ପୂର୍ବରୁ ଚର୍ଚ୍ଚିକାସ୍ଥିତ ଐଶାନେଶ୍ୱର ଦେବ ଓ ଶ୍ରୀ ରାଧାକାନ୍ତ ଦେବ ଚର୍ଚ୍ଚିକା ଗ୍ରାମ ଓ ଅମଲାପଡ଼ା ପରିକ୍ରମା କରି ଭୋଗ ଖାଇଥିଲେ। ସୋମବାର ଦୋଳପୂର୍ଣ୍ଣମୀ ରାତିରେ ମା'ଚର୍ଚ୍ଚିକାଙ୍କ ଘଟକୁ ସେବାସୀମାନେ ମା'ଙ୍କ ସ୍ନାନ ପୋଖରୀ ତୁଠକୁ ନେଇଥିଲେ। ସେଠାରେ ପୂଜା କାର୍ଯ୍ୟ ସମ୍ପାଦିତ ହେବାପରେ ଭୋଇ ସାହିରେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ମା'ଙ୍କୁ ଦୋଳ ଉତ୍ସବରେ ଯୋଗଦେବା ନିମନ୍ତେ ଶ୍ରୀ ଐଶାନେଶ୍ୱର ଦେବଙ୍କ ପକ୍ଷରୁ ପାରମ୍ପରିକ ଭାବେ ନିମନ୍ତ୍ରଣ ହୋଇଥିଲା। ପରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ଚାଚେରୀ ଭୋଗ ଖାଇଥିଲେ। ଏଥିରେ ପାୟ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ମଙ୍ଗଳବାର ହୋଲି ଉତ୍ସବ ପୂର୍ବାହ୍ନରେ ମା'ଚର୍ଚ୍ଚିକାଙ୍କ ନେତୃତ୍ୱରେ ୨୦ଟି ବିମାନ ଚର୍ଚ୍ଚିକା ଗ୍ରାମ ଦେଇ କଚେରୀ ପଡ଼ିଆସ୍ଥିତ ମେଳଣ ଉତ୍ସବରେ ଯୋଗଦେଇଥିଲେ। ଠାକୁରଙ୍କ ମେଳଣ ପରେ ପାରମ୍ପରିକ ରିତିରେ ସମଗ୍ର ବାଙ୍କୀ ଉପଖଣ୍ଡରେ ଫଗୁ ଖେଳ ଆରମ୍ଭ ହୋଇଥିଲା। ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଲକଣାଠାରେ ପୁରାଣ ପ୍ରସିଦ୍ଧ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବଦିଗରୁ ଆଳି ରାଜାଙ୍କ ବିମାନ ସହ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ବିମାନ ମେଳଣ ପଡ଼ିଆରେ ପ୍ରବେଶ କରିଥିଲା।ଏହାପରେ ପଶ୍ଚିମ ଦିଗରୁ ଲଳିତଗିରି ବିମାନ ଓ ଉତ୍ତର ଦିଗରୁ ଓଳାଶୁଣି ଗୁମ୍ଫା ବିମାନ ଓ ଦକ୍ଷିଣ ଦିଗରୁ ଓଲକଣା ଗ୍ରାମର ମଣ୍ଡୁଅ ବିମାନ ମେଳଣ ପଡିଆକୁ ଆସିଥିଲା। ଏହାପରେ ଶତାଧିକ ବିମାନ ପଡ଼ିଆରେ ଆସି ଏକତ୍ରିତ ହୋଇଥିଲେ। ମେଳଣ ସମୟରେ ବାଲିଆର ଆତସବାଜି, ଜିରାର କୀର୍ତ୍ତନ, ଭଦ୍ରେଶ୍ୱର ଓ ଅଚ୍ୟୁତପୁରର ସାଜସଜା ଓ ରୋଷଣୀ ଚିତାକର୍ଷକ ହୋଇଥିଲା। ସାଲେପୁରର ପ୍ରସିଦ୍ଧ ମୁନ୍‌ସୀ ମେଳଣ ମହାସମାରୋହରେ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଏହି ମେଳଣ ସାଲେପୁର ଥାନା ପୋଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରସାଦ ସେବନ ନିମନ୍ତେ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେହିପରି ସାଲେପୁର ଅଞ୍ଚଳର ଥିବା ବିଭିନ୍ନ ମଠ ମନ୍ଦିରରୁ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବିମାନ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆଠାରେ ଏକତ୍ରିତ ହୋଇଥିଲା। ସାଲେପୁର ଥାନା ଏସ୍‌ଡିପିଓ ନିମାଇଁ ଚରଣ ସେଠୀ ଓ ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ବିମାନ ଗୁଡିକୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଗୀତା ଦାସ, ପ୍ରଦ୍ୟୁମ୍ନ କୁମାର ଜେନା ଓ ପ୍ରଶାନ୍ତ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ।



ବାଙ୍କୀରେ ମେଳଣ ଉତ୍ସବରେ ଠାକୁରମାନେ ଶୋଭାଯାତ୍ରାରେ ଯାଉଛନ୍ତି।



ମାହାଙ୍ଗା ଓଲକଣାସ୍ଥିତ ମେଳଣ ପଡ଼ିଆରେ ବିମାନଗୁଡିକ ଏକତ୍ରିତ ହୋଇଛନ୍ତି।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
-ଶ୍ରୀଚୈତନ୍ୟ



# ଅନିଶ୍ଚିତତାରେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଭାଗ୍ୟ

କଟକ ଅଫିସ୍,୧୧।୩

ଓଡ଼ିଶାରେ ଚିଟ୍‌ଫଣ୍ଡ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଚିଟ୍‌ଫଣ୍ଡ ଅସ୍ତ୍ରକୁ ପୂର୍ବରୁ ବ୍ୟବହାର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୩ ଜୁଲାଇ ୯ରେ ତଦନ୍ତ କମିଶନ ଗଠନ କରିଥିଲେ ଏବଂ ୩ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। କୁହାଗଲା ତଦନ୍ତ ହେବ, କ୍ଷତିଗ୍ରସ୍ତମାନେ ଟଙ୍କା ଫେରସ୍ତ ପାଇବେ। ଇତିମଧ୍ୟରେ ପ୍ରଥମ ଦଫାରେ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୨୨ଶହ ଜଣ ଟଙ୍କା ଫେରସ୍ତ ପାଇଥିବାବେଳେ କମିଶନଙ୍କ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଛି। ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ୍ ମଦନ ମୋହନ ଦାସଙ୍କ କାର୍ଯ୍ୟକାଳ ଆଉ ବଢ଼ା ଗଲାନାହିଁ। ଫଳରେ ମାର୍ଚ୍ଚ ୩ତାରିଖଠାରୁ କମିଶନ ଶୁଣାଣିବନ୍ଦ କରିଦେଇଛନ୍ତି। ଏନେଇ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ନୋଟିସ ମରାଯାଇଛି। ଫଳରେ ଯେଉଁ ଲକ୍ଷାଧିକ ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ରଖିଥିଲେ ତାହା ମଉଳି ଯାଇଛି। ଅନ୍ୟପକ୍ଷରେ କମିଶନ୍ ଗଠନ ପରଠୁ ୨୦୧୯ ଜୁଲାଇ ସୁଦ୍ଧା ୫କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭାରେ ଅର୍ଥମନ୍ତ୍ରୀ ଉତ୍ତର ରଖିଥିଲେ। ଏତେ ଟଙ୍କା ଖର୍ଚ୍ଚ ହେବା ପରେ ଏବେ ହଠାତ୍ ବନ୍ଦ କରିଦେବାକୁ ନେଇ ପ୍ରଶ୍ନ ଉଠିଛି।

ଚିଟ୍‌ଫଣ୍ଡ ଠକେଇକୁ ନେଇ ସାରା ରାଜ୍ୟରେ ହଇଚଇ ହେବା ପରେ ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଷ୍ଟିସ୍ ରାଧାକୃଷ୍ଣ ପାତ୍ର କମିଶନ୍ ଗଠନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତିରେ ୫ଟି ଟର୍ମ ଅଫ୍ ରେଫରେନ୍ସ ଜାରି କରାଯାଇଥିଲା। ଚିଟ୍‌ଫଣ୍ଡ ଠକେଇରେ କେଉଁ ସଂସ୍ଥା ଓ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, କେଉଁମାନେ ଏହାକୁ ପ୍ରୋତ୍ସାହନ ଦେଉଥିଲେ, କ୍ଷତିଗ୍ରସ୍ତ ଜାମାକାରୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇପାରିବ, ଭବିଷ୍ୟତରେ ଜମାକାରୀଙ୍କୁ କିଭଳି ଆର୍ଥିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ଜମାକାରୀଙ୍କ ସହିତ ସମ୍ପୃକ୍ତ ଯେକୌଣସି ପ୍ରସଙ୍ଗରେ କମିଶନ ତଦନ୍ତ କରିପାରିବେ। ତେବେ ତଦନ୍ତ ମଝିରେ ଜଷ୍ଟିସ ପାତ୍ରଙ୍କ ପରଲୋକ ହୋଇଥିଲା। ତାଙ୍କ ସ୍ଥାନରେ ଜଷ୍ଟିସ୍ ମଦନମୋହନ ଦାସଙ୍କୁ ସରକାର ୨୦୧୫ ଫେବୃୟାରୀ ୫ରେ ନିଯୁକ୍ତ କରିଥିଲେ। ଏହାର କିଛି ଦିନ ପରେ ଅର୍ଥାତ୍ ୨୦ ତାରିଖରେ ସରକାର ଏକ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ ଜାରି କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ କର୍ପସ ଫଣ୍ଡରୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଟଙ୍କା ଫେରସ୍ତ ଦିଆଯିବ ସେ ନେଇ ସୁପାରିସ କରିବା ବ୍ୟବସ୍ଥା ଯୋଡ଼ାଯାଇଥିଲା। ୨୦୧୯ ଡିସେମ୍ବର ୧୧ରେ ସରକାର

■ ବଢ଼ିଲାନି ତଦନ୍ତ କମିଶନଙ୍କ କାର୍ଯ୍ୟକାଳ

■ ଖତ ଖାଉଛି ୭ଲକ୍ଷ ସତ୍ୟପାଠ



କମିଶନଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ

ପୁଣିଥରେ ସଂଶୋଧନ ଆଣି କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ ବ୍ୟବସ୍ଥା କରିଥିଲେ। ୧୦ ହଜାର କିମ୍ବା ତା'ଠାରୁ କମ୍ ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଗଣନା କରାଯିବ ବୋଲି କୁହାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କ ପକ୍ଷରୁ ୮ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେସବୁକୁ ତର୍ଜମା କରି କମିଶନ ସରକାରଙ୍କୁ ୭ଟି ଅନ୍ତରୀଣ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ୪ ଲକ୍ଷ ୯୭ ହଜାର ୮୪୪ ଜଣଙ୍କୁ କ୍ଷୁଦ୍ର ଜାମାକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେଥିରୁ ମାତ୍ର ୨୨ଶହ ଜଣଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ ସତ୍ୟପାଠ କମିଶନଙ୍କ ହସ୍ତଗତ ହୋଇଥିଲା। ସେସବୁର ଡିଜିଟାଇଜେଶନ୍ କାର୍ଯ୍ୟ ଚାଲିଥିବାବେଳେ ଶୁଣାଣି ଆରମ୍ଭ ହୋଇନାହିଁ। କମିଶନ ଅଷ୍ଟମ ଅନ୍ତରୀଣ ରିପୋର୍ଟ କାର୍ଯ୍ୟ ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀ ୪ରେ ଶେଷ ହୋଇଥିଲା। ଏନେଇ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏହାର ପ୍ରାୟ ୧ ମାସ ପରେ ମଧ୍ୟ ସରକାର କାର୍ଯ୍ୟକାଳ ନ ବଢ଼ାଇବାରୁ କମିଶନ ତାଙ୍କ ଶୁଣାଣି ମାର୍ଚ୍ଚ ୩ରେ ବନ୍ଦ କରିଦେଇଥିଲେ।

ସୂଚନାଥାଉ କି ସରକାର ଆରମ୍ଭରୁ ପ୍ରତି ୩ ମାସ କିମ୍ବା ୬ ମାସକୁ ଥରେ କମିଶନଙ୍କ କାର୍ଯ୍ୟକାଳ ବଢ଼ାଇ ଆସୁଥିଲେ। ପୂର୍ବରୁ ଜଷ୍ଟିସ୍ ପାତ୍ରଙ୍କ କାର୍ଯ୍ୟକାଳ ତିନିଥର ବଢ଼ିଥିଲା। ୨୦୧୯ ଅଗଷ୍ଟ ୪ରେ ଜଷ୍ଟିସ୍ ଦାସଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ଏହାର ୨ ଦିନ ପୂର୍ବରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଥିଲେ। ଏହି ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏ ଦିଗରେ ସରକାର ଆଉ ଆଗ୍ରହ ଦେଖାଇନାହାନ୍ତି।

ଜମାକାରୀ ସୁବାସ ବେହେରା କହିଛନ୍ତି ଯେ, ୩ଟି ବଣ୍ଡରେ ୫ ଲକ୍ଷ ୧୦ ହଜାର ଟଙ୍କା ସି-ଶୋର ସଂସ୍ଥାରେ ଜମା ରଖିଥିଲି। ମ୍ୟାଚ୍ୟୁରିଟି ଟଙ୍କାରେ ଝିଅ ବିବାହ କରାଇବି ବୋଲି ଲକ୍ଷ୍ୟ ଥିଲା। ହେଲେ ହଠାତ୍ ସଂସ୍ଥା ବୁଡ଼ିଯିବା ପରେ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଏବେ ବହୁକଷ୍ଟରେ ଝିଅ ବିବାହ ଶେଷ କରିଛି। ମୋ ଭଳି ଅନେକ ଲୋକ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ବୋଲି ବେହେରା କହିଛନ୍ତି। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, କମିଶନକୁ ଅଧାରୁ ବନ୍ଦ କରିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। କାରଣ ଠିକ୍ ତଦନ୍ତ ହୋଇଥିଲେ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଯାହା ସରକାର ଚାହୁଁନାହାନ୍ତି। କମିଶନଙ୍କ କାର୍ଯ୍ୟକାଳ ବଢ଼ିଲେ ଜମାକାରୀମାନେ ଫାଇଦା ପାଇବେ। କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ହୋଇପାରିବ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଲାଗି ବୁଧବାର କଟକ ସ'ମିଲ୍‌ରୁ ଚିରଟ ହୋଇ ଆସିଥିବା କାଠ ରଥଖଳାରେ କଢ଼ାଯାଉଛି।

## ସଂକ୍ଷେପରେ

### ଜଳିଗଲା ମୋଟର ପାର୍ଟସ ଦୋକାନ

କଟକ ରୋଡ୍,୧୧।୩(ଡି.ଏନ୍.ଏ.): ଲକ୍ଷ୍ମୀସାଗର ଥାନା ଅଧୀନ ଓକିଲବାଗ ନିକଟରେ ଥିବା ପର୍ଶୁରାମ ପଟ୍ଟନାୟକଙ୍କ ମୋଟର ପାର୍ଟସ ଦୋକାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ରେ ଦୋକାନ ଜଳୁଥିବା ନେଇ କଳ୍ପନା ଅଗ୍ନିଶମ କେନ୍ଦ୍ରକୁ ସୂଚନା ମିଳିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ବେହେରା କହିଛନ୍ତି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ତଦନ୍ତ ପାଇଁ ଦୋକାନ ମାଲିକ ପଟ୍ଟନାୟକ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି।

### କରୋନା ଭୟ: ରଙ୍ଗ ବଦଳରେ ହଳଦୀରେ ହୋଲି

ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ.ଏ.)- ଭୟଙ୍କର କରୋନା ଭାଇରସ ସଂକ୍ରମିତ ହେବାର ଆଶଙ୍କାରେ ପୁରୁଣା ଭୁବନେଶ୍ୱରର ଯୁବକମାନେ ନିଆରା ଢଙ୍ଗରେ ପାଳିଛନ୍ତି ହୋଲି। ମଙ୍ଗଳବାର ପୂର୍ବାହ୍ନ ୧୨ଟାରେ ସ୍ଥାନୀୟ ଅଞ୍ଚଳ ଯୁବକମାନେ ଡାକବଙ୍ଗଳା ଛକଠାରେ ପାଳନ କରିଥିଲେ ହୋଲି ଉତ୍ସବ। କରୋନା ଭାଇରସର ସଂକ୍ରମିତ ଆଶଙ୍କାରେ ଯୁବକମାନେ ରଙ୍ଗ ବଦଳରେ ପ୍ରାୟ ୫୦ କେଜ୍ରି ହଳଦୀ ଗୁଣ୍ଡ ପାଣିରେ ହୋଲି ଖେଳିବା ସହ ଶୁଭେଚ୍ଛା ଜଣାଇଥିଲେ। ପରେ ହାଣ୍ଡିଭଙ୍ଗା ଲଉଡ଼ି ଖେଳ ମଧ୍ୟ ହୋଇଥିଲା। ଏଥିରେ ଆୟୋଜକ ଜଗେଶ୍ୱରୀ କ୍ଲବ ସମ୍ପାଦକ ଶିବପ୍ରସାଦ ବେହେରା, ପପୁ ସ୍ୱାଇଁ, ଟୁନା ବେହେରା, ବାପୁନି ସାହୁ, ପ୍ରଦୀପ ବେହେରା, ଜଗନ୍ନାଥ ବେହେରା ପ୍ରମୁଖଙ୍କ ସହ ସାହି ବାସିନ୍ଦା ସାମିଲ ହୋଇଥିଲେ।



ବୁଧବାର ସଂସ୍କୃତି ବିଭାଗରେ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ' ପାଳନ ଅବସରରେ ଅତିଥିମାନେ 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଓ 'କାର୍ଯ୍ୟାଳୟ ନଥି'କୁ ଲୋକାର୍ପଣ କରୁଛନ୍ତି।

# ଭାଷା ପ୍ରତିଷ୍ଠାନର 'କାର୍ଯ୍ୟାଳୟ ନଥି', 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଲୋକାର୍ପିତ

## ୬ଷ୍ଠ ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଓଡ଼ିଆ ଭାଷାର ବ୍ୟବହାରକୁ ସୀମିତ କରାଯିବା ଉଚିତ ନୁହେଁ। ଏହାକୁ ଅଧିକ ବୁଦ୍ଧିମନ୍ତ କରିବା ସହିତ ସବୁ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ଉପରେ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଆ ଭାଷାକୁ ଜ୍ଞାନଭଣ୍ଡାରର ଭାଷା ଭାବରେ ପ୍ରତିଷ୍ଠିତ କରିବା ଲାଗି ବୁଦ୍ଧିଜୀବୀ, ଗବେଷକ ଓ ବିଶେଷଜ୍ଞମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ବୁଧବାର 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ' ପାଳିତ ହୋଇଛି। ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାର ୬ଷ୍ଠ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ପାଣିଗ୍ରାହୀ ଭାଷାର ବିକାଶ ଉପରେ ଗୁରୁତ୍ୱ ଦେବା ସହ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ଓଡ଼ିଆ ଭାଷାତତ୍ତ୍ୱ କୋଷ' ଓ 'କାର୍ଯ୍ୟାଳୟ ନଥି'କୁ ଲୋକାର୍ପଣ କରିଥିଲେ।

ଏହି ଅବସରରେ ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବିଭିନ୍ନ ଭାଷା ମଧ୍ୟରେ ରହିଥିବା ସାମ୍ୟ ଓ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଗବେଷକ ଓ ବିଦ୍ୱାନ ଡ. ରଜତ କୁମାର କର, ସମାଲୋଚକ ପ୍ରଫେସର ଡ. ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ଓଡ଼ିଆ ଭାଷାର ଅଭିବୃଦ୍ଧି ଓ ପ୍ରସାର ନିମନ୍ତେ ବହୁମୁଖୀ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ତମସାରାଣୀ ଦାସମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜିତ ଆନ୍ତଃବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟାଳୟ ତତ୍ତ୍ୱାବଧାରକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ନାକା ଗେଟ୍ ଅଞ୍ଚଳରୁ ହଟିଲା ୫୨ ଜବରଦଖଲ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ଖଣ୍ଡଗିରି ନାକା ଗେଟ୍ ଅଞ୍ଚଳରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କମିଶନରେଟ ପୋଲିସ ମିଳିତ ଭାବେ ଉଚ୍ଛେଦ କରାଯାଇଛି। ଏଥିରେ ୫୨ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀଙ୍କ ଦ୍ୱାରା ଦିଆଯାଇଥିବା ଚିଠି ସଂଖ୍ୟା ୫୩୬କୁ ଭିତ୍ତି କରି ମିଳିତ ଦଳ ଏହି ଉଚ୍ଛେଦ କରିଥିବା ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ଉଚ୍ଛେଦରେ ୨୨ କ୍ୟାବିନ୍, ୫ ବାଉଁଶ ବନ୍ଧା ଘର, ୨ ଲୁହା ଫାଟକ, ୩ ଫାଷ୍ଟଫୁଡ୍ ଦୋକାନ, ୩ ପରିବା ଦୋକାନ, ୮ ଆଡଭରଟାଇଜିଂ ବୋର୍ଡ ଓ ୯ ଆଜବେଷ୍ଟସ ଘର ଭଙ୍ଗାଯାଇଛି। ପର୍ଯ୍ୟାପ୍ତ ସମୟ ନ ଥିବାରୁ ନାକା ଗେଟ୍ ଅଞ୍ଚଳରେ ଉଚ୍ଛେଦ କାର୍ଯ୍ୟକୁ ବୁଧବାର ବନ୍ଦ କରାଯାଇଛି। ଆଗକୁ ମଧ୍ୟ ଉଚ୍ଛେଦ ଚାଲିବ ବୋଲି ଯୋଗସୂତ୍ର ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଉଚ୍ଛେଦରେ ଗୋଟିଏ ଜେସିବି ବ୍ୟବହୃତ ହୋଇଥିବା ବେଳେ ଉଚ୍ଛେଦ ଅଧିକାରୀ ୨ ପ୍ରମୋଦ କୁମାର ପାତ୍ର ଓ ଅନ୍ୟ ଉଚ୍ଛେଦ ଦଳ ଉପସ୍ଥିତ ଥିବା ଜଣାପଡ଼ିଛି।

### ରଙ୍ଗ ନ ଖେଳି କଲେ ଗାଁ ମେଳଣ ପଡ଼ିଆ ସଫେଇ

ପୁରୁଣା ଭୁବନେଶ୍ୱର, ୧୧।୩ (ଡି.ଏନ.ଏ.)

ଚଳିତବର୍ଷ କରୋନା ପାଇଁ ହୋଲିରେ ସେତେ ଉତ୍ସୁକତା ନ ଥିଲା। ଭୁବନେଶ୍ୱର ବ୍ଲକ ଅଧୀନ ଟିକରପଡ଼ା ପଞ୍ଚାୟତର ବସନ୍ତପୁର ଗାଁରେ ଦେଖାଦେଇଥିଲା ନିଆରା ମାହୋଲ । ୬୦ରୁ ଊର୍ଦ୍ଧ୍ୱ ଯୁବକମାନେ ରଙ୍ଗ ନ ଖେଳି ରଙ୍ଗର କୁପ୍ରଭାବ ନେଇ ସଚେତନ ସୃଷ୍ଟି କରିବା ସହ ସଫେଇ କାର୍ଯ୍ୟରେ ଲାଗି ପଡ଼ିଥିଲେ। ବୁଧବାର ପଞ୍ଚୁଦୋଳ ପାଇଁ ସେମାନେ ଗାଁର ମେଳଣ ପଡ଼ିଆ ଏବଂ ଗ୍ରାମଦେବ ପୀଠ ସଫେଇ କରି ଗ୍ରାମବାସୀଙ୍କ ହୃଦୟ ଜିଣି ପାରିଥିଲେ। ସମସ୍ତ ଗ୍ରାମବାସୀ ଯୁବକମାନଙ୍କ ଏହି କାର୍ଯ୍ୟରେ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ସହ ସ୍ମାଇଲ କ୍ଲବ ଏବଂ ଉତ୍ସାହୀ ଯୁବକମାନେ ଏଥିରେ ସାମିଲ ହୋଇଥିଲେ।

### ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ

ବାଲିପାଟଣା,୧୧।୩(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ମଙ୍ଗଳବାର ବିଧାୟକ ଡ.ଅରବିନ୍ଦ ଢାଲି ରାସ୍ତା ଓ ବିଭିନ୍ନ ସମସ୍ୟା ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉଜ୍ଜ୍ୱଳ ଯୋଜନାରେ ଦୋଳବେଦୀଠାରେ ୨ଲକ୍ଷ ଟଙ୍କା ବିନିୟମରେ ନିର୍ମିତ ହୋଇଥିବା ହାଇମାଷ୍ଟ ଲାଇଟ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ ଥିବା ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ ପାଇଁ ପ୍ରୟାସ କରିବେ ବୋଲି ବିଧାୟକ କହିଛନ୍ତି। ଏହି ଉଦ୍‌ଘାଟନୀ ବେଳେ ଜିଲା ପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ ଉପସ୍ଥିତ ଥିଲେ।

# ମହିଳାଙ୍କୁ ରାସ୍ତାରେ ମାଡ଼ ମାରିବା ଘଟଣାରେ ୨ ଅଟକ

ପୁରୁଣା ଭୁବନେଶ୍ୱର, ୧୧।୩(ଡି.ଏନ୍.ଏ.)

ଜମିବାଡ଼ିକୁ କେନ୍ଦ୍ରକରି ଶ୍ରୀଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାପାର୍ଶ୍ୱରେ ଥିବା ତରଙ୍ଗ କ୍ଲବ ନିକଟରେ ସବିତା ସେଠୀଙ୍କୁ କେତେଜଣ ଯୁବକ ବିଟ୍ ରାସ୍ତାରେ ମାଡ ମାରିଥିଲେ। ଏ ସମ୍ପର୍କରେ ସବିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ ଜଣଙ୍କୁ ବୁଧବାର ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦଫା ୩୪୧, ୩୨୩, ୨୯୪,୩୩୬, ୩୫୬ ସେକସନ୍ (୩) ଏସ୍‌ସି, ଏସ୍‌ଟି ଆକ୍ଟ ଅନୁଯାୟୀ ନଂ. ୪୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ସବିତାଙ୍କୁ ଆକ୍ରମଣ ହୋଇଥିଲା। ତରଙ୍ଗ କ୍ଲବ ନିକଟରେ ଥିବା ସବିତାଙ୍କ ଜମିର ସୀମାକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ତିକ୍ତତା ଲାଗି ରହିଥିଲା। ସବିତା ଚାଲି ଚାଲି ଯାଉଥିବାବେଳେ ଯୋଜନାବଦ୍ଧ ଭାବେ ଜଗି ରହିଥିବା ୫ରୁ ଊର୍ଦ୍ଧ୍ୱ ଯୁବକ ସବିତାଙ୍କୁ ଜନଗହଳିପୂର୍ଣ୍ଣ ରାସ୍ତାରେ ଘେରି ଯାଇ ମାଡ଼ ମାରିଥିଲେ। ସବିତାଙ୍କ କହିବା ଅନୁଯାୟୀ ମାଡରୁ ବର୍ତ୍ତିବା ପାଇଁ ସେ ଧାଇଁଥିଲେ ହେଁ ଯୁବକମାନେ ତାଙ୍କୁ ଗୋଡାଇ ଗୋଡାଇ ଠିଆ ଗୋଇଠା ଓ ଚାପୁଡା ମାରି ଚାଲିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକେ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ଖବରପାଇ ପୋଲିସ ମଧ୍ୟ ଘଟଣାସ୍ଥଳକୁ ଆସି ନ ଥିଲା ବୋଲି ସବିତା କହିଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ଫଟୋଚିତ୍ର ନିକଟରେ ଥିବା ସିସିଟିଭିରେ କଏଦ ହୋଇଛି। ଘଟଣାର ତଦନ୍ତକାରୀ ଅଫିସର ଏସିପି ଥିବା ବେଳେ ଅନୁସନ୍ଧାନ ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# କେନାଲରେ ବୁଡ଼ି ମହିଳା ମୃତ

ବାଲକାଟୀ/ବାଲିଅନ୍ତା, ୧୧।୩(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାର ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ଗାଧୋଇବାବେଳେ ବୁଡ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରୀନା ଗୋଚ୍ଛାୟତ(୫୦)। ସୂଚନା ମୁତାବକ, ସତ୍ୟଭାମାପୁର ପଞ୍ଚାୟତ ରଙ୍ଗବଜାର ନିକଟରେ ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଜଣେ ଶ୍ରମିକ ଭାବେ ରୀନା କାର୍ଯ୍ୟ କରନ୍ତି। ତେବେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସ୍ଥାନୀୟ କେନାଲକୁ ରୀନା ଗାଧୋଇବାକୁ ଯାଇଥିଲେ। କିନ୍ତୁ ଅପରାହ୍ନ ସମୟରେ ସ୍ଥାନୀୟ ଲୋକେ କେନାଲକୁ ଯାଇଥିବାବେଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ଖବରପାଇ ବାଲିଅନ୍ତା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ପୋଲିସ ନଂ.୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

# ବରଙ୍କୁ ବେଦିରୁ ଉଠାଇନେଲା ପୋଲିସ

ଖୋର୍ଦ୍ଧା ଅଫିସ, ୧୧।୩

ପ୍ରଥମ ସ୍ତ୍ରୀ ଥାଇ ୨ୟ ବିବାହ କରୁଥିବା ଅଭିଯୋଗରେ ସ୍ୱାମୀକୁ ବାହାବେଦିରୁ ଉଠାଇ ନେଇଛି ପୋଲିସ। ଏ ନେଇ ସ୍ୱାମୀ ହଟହଟା ହେବା ସହ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୋଲିସ୍ ସୂଚନା ଅନୁସାରେ, ବୋଲଗଡ ଥାନା ମାଗୁରା ଗାଁର ଶିବ ପ୍ରସାଦ ମଙ୍ଗରାଜ(୩୫)। ଗତ ଦେଢବର୍ଷ ତଳେ ଫତେଗଡ ଥାନା ନାକଟେଇଁ ଗାଁର ରମା ପରିଡାଙ୍କ ଝିଅ ଲୋପାମୁଦ୍ରାଙ୍କୁ ଶିବ ପ୍ରସାଦ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଯାଇଥିଲା। ସ୍ତ୍ରୀଙ୍କ ଉପରେ ବାରମ୍ବାର ଯୌତୁକ ନିର୍ଯାତନା ଦେଇ ଆସୁଥିଲେ ଶିବ। ଏ ନେଇ ଅସହ୍ୟ ହୋଇ ଲୋପାମୁଦ୍ରା ବୋଲଗଡ ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ପୋଲିସ



ଧଳାପଥର ଫାଣ୍ଡିରେ ଅଟକ ଥିବା ବର ଶିବପ୍ରସାଦ ମଙ୍ଗରାଜ।

## ସ୍ତ୍ରୀ ଥାଇ ୨ୟ ବିବାହ

ନଂ. ୫୫/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶିବପ୍ରସାଦ ବୁଧବାର ଅପରାହ୍ନ ସମୟରେ ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଧୀନ ଧବଳେଶ୍ୱର ମନ୍ଦିର ପରିସରରେ ଆଉ ଜଣେ କନ୍ୟାଙ୍କୁ ବିବାହ କରୁଥିଲେ। ଖବରପାଇ ରମା ଆସି ଧଳାପଥର ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଅଶୋକ ପଣ୍ଡା ବିବାହସ୍ଥଳରେ ପହଁଚି ବରଙ୍କୁ ଉଠାଇ ଆଣି ବୋଲଗଡ ଥାନା ଜିମା ଦେଇଥିଲେ। ଏଣେ କନ୍ୟାପକ୍ଷ ହଟହଟା ହୋଇ ଫେରି ଯାଇଥିଲେ। ଏ ସମ୍ପର୍କରେ ବୋଲଗଡ ଥାନା ଅଧିକାରୀ କୁହନ୍ତି, ଯୁବକଙ୍କୁ ଅଟକ ରଖି ତଦନ୍ତ କରାଯାଉଛି।

# ସୁନା ଲୋଭ ଦେଖାଇ କନ୍‌ଷ୍ଟେବଲଙ୍କଠାରୁ ୬ ଲକ୍ଷ ଠକେଇ

କଟକ ରୋଡ୍,୧୧।୩(ଡି.ଏନ୍.ଏ.)

ସୁନା ଲୋଭ ଦେଖାଇ ଜଣେ କନ୍‌ଷ୍ଟେବଲଙ୍କ ଠାରୁ ୬ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସାମ ରାଜ୍ୟ ଧୁବରୀ ଜିଲାର ଫକୀରଚାନ ଖାନ, ନିଜାମୁଦ୍ଦିନ ଫକିର, ମନୋହର ଅଲ୍ଲି ଓ ମୁଜାମ ଅଲ୍ଲି। ଏମାନଙ୍କ ନିକଟରୁ ୬ ଲକ୍ଷ ଟଙ୍କା ଓ ନକଲି ସୁନା ଜବତ ହୋଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଖଇରିପୁର ଗ୍ରାମର ଦୈତାରୀ ମଲ୍ଲିକ ସିଆରପିଏଫ୍ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିବା ବେଳେ ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ଫକୀର ଚାନ ଜଣେ ମାଛ ବ୍ୟବସାୟୀ ହୋଇଥିବା ବେଳେ ଦୈତାରୀଙ୍କୁ ମାଛ



ଗିରଫ ୪ ଅଭିଯୁକ୍ତ।



ନକଲି ସୁନା, ଟଙ୍କା ଓ ମୋବାଇଲ।

## ନକଲି ସୁନା ଜବତ, ୪ ଗିରଫ

ଦିଅନ୍ତି। ଦୀର୍ଘଦିନ ଭଳି ଏଭଳି ବ୍ୟବସାୟ ଚାଲିବା ପରେ ଫକୀରଚାନଙ୍କ ନିକଟରେ ୭୫୦ଗ୍ରାମ ସୁନା ରହିଛି ଓ ସେ ଏହାକୁ ବିକ୍ରି କରିବାକୁ ଚାହୁଁଥିବା ଦୈତାରୀଙ୍କ ସ୍ତ୍ରୀ ରାଧାମଣୀଙ୍କୁ ଜଣାଇଥିଲେ। ପରେ ଏ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗତ ଜାନୁୟାରୀ ୧୧ରେ ଦୈତାରୀ ଓ ତାଙ୍କ ସ୍ତ୍ରୀଙ୍କ ସହ ଫକୀରଚାନ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଅପେକ୍ଷା କରିଥିବା ଅନ୍ୟ ଅଭିଯୁକ୍ତ ନିଜାମୁଦ୍ଦିନ ଏକ ସୁନା ମୁଣ୍ଡା ଦୈତାରୀଙ୍କୁ ଦେବା ପରେ ସେମାନଙ୍କଠାରୁ ୬ଲକ୍ଷ ଟଙ୍କା ନେଇଥିଲେ। ୧୨ତାରିଖରେ ଦୈତାରୀ ଉକ୍ତ ସୁନା ମୁଣ୍ଡା ନେଇ ଗହଣା ଦୋକାନରେ ଦେଖାଇବା ପରେ ଏହା ନକଲି ବୋଲି ଜଣାପଡିଥିଲା। ଏ ନେଇ ଦୈତାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧/୨୦) ରୁଜୁ କରିଥିଲା। ନିଜାମୁଦ୍ଦିନ ଫୋନ ନମ୍ବର ପୋଲିସ ଟ୍ରାକିଂ କରିବା ପରେ ଝାରପଡ଼ା କେନାଲ ରୋଡରୁ ମାଛ ବ୍ୟବସାୟୀ ଫକୀର ଚାନ ଓ ନିଜାମୁଦ୍ଦିନଙ୍କୁ ଧରିଥିଲା। ଅନ୍ୟ ଦୁଇ ଜଣ ଉକ୍ତ ଅଞ୍ଚଳରେ ଏଭଳି ସୁନା ବିକ୍ରି ପାଇଁ ଚାହୁଁଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୋଲିସ ସେମାନଙ୍କୁ ଧରି ଜେରା କରିବା ପରେ ଅନ୍ୟତମ ସହଯୋଗୀ ମନୋହର ଓ ମୁଜାମଙ୍କୁ ଗିରଫ କରିଥିଲା।



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ

## ସଂକ୍ଷେପରେ

### କାଇପଦର କପ୍ କ୍ରିକେଟ: ମେଣ୍ଢାଶାଳ ସେମିରେ



**ଖୋର୍ଦ୍ଧା ଅଫିସ, ୧୧। ୩:** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲୁଥିବା ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ୭ମ ଦିବସର ୨ୟ କ୍ୱାର୍ଟର ଫାଇନାଲମ୍ୟାଚରେ ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ କ୍ଲବ ୧୨ ରନ୍‌ରେ ପଳାସପୁର କ୍ରିକେଟ୍ କ୍ଲବକୁ ପରାସ୍ତ କରି ସେମିକୁ ଉନ୍ନୀତ ହୋଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ପଳାଶପୁର କ୍ରିକେଟ୍ କ୍ଲବ ୨୦ ଓଭର ଖେଳି ୭ ଉଇକେଟ ହରାଇ ୧୭୦ ରନ୍ କରିବାରେ ସକ୍ଷମ ହୋଇଥିଲା। ବିଜୟୀ ଦଳର ଖେଳାଳି ଏସ୍.କେ. ଜୁନେଦ ୩୦ ବଲରେ ୫୯ ରନ୍ ସଂଗ୍ରହ କରି ଦଳକୁ ଜିତାଇଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଝଜ ସାମନ୍ତରାୟ ଓ ପ୍ରକାଶ ସିଂହ ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ମଧୁସୂଦନ ଜୁଝାର ସିଂହ ଓ ଟିଙ୍କୁଲି ସାମନ୍ତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରମୋଦ କୁମାର ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ।

### ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଖୋର୍ଦ୍ଧା ଅଫିସ,୧୧।୩:** ଖୋର୍ଦ୍ଧା ବ୍ଲକ ହାଡପଦା ଭୋଇସାହିସ୍ଥ ମା' ଗାଦି ମଙ୍ଗଳାଙ୍କ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ସାମଜିକ କର୍ମୀ ମାନସ ରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ପଟ୍ଟନାୟକ, ବୈକୁଣ୍ଠନାଥ ମାର୍ଥା, ଅମରେନ୍ଦ୍ର ବଳିଆରସିଂ, ଜୋନ ୩ ଜିଲା ପରିଷଦ ସଭ୍ର ଭାସ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କୁ ମନ୍ଦିରର ଅସୁବିଧା ସମ୍ପର୍କରେ ଗ୍ରାମବାସୀ ଅବଗତ କରାଇଥିଲେ। ମଙ୍ଗଳା ମନ୍ଦିର ନିର୍ମାଣ ସହ ପ୍ରାଚୀର, ରୋଷ ଘର, ଗ୍ରାମ୍ୟ କୋଠ ଘର ନିର୍ମାଣ, ପାନୀୟ ଜଳର ସୁବିଧା ନିମନ୍ତେ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏଠାକାର ଠାକୁରାଣୀ ବହୁ ପୁରୁଣା। ଇତିହାସ କହେ ପାଇକ ବିଦ୍ରୋହ ସମୟରେ ତାପଙ୍ଗଗଡର ଦଳବେହେରାଙ୍କ ନେତୃତ୍ୱରେ ଇଂରେଜଙ୍କ ସହ ପାଇକଙ୍କ ଲଢ଼େଇ ଚାଲିଥିଲା। ସେହି ସମୟରେ ଓଡ଼ିଆ ବୀର ପାଇକ ଏହି ପୀଠରେ ରହିବା ସହ ଠାକୁରାଣୀଙ୍କ ଆଶୀର୍ବାଦ ନେଉଥିଲେ।

# ରାସ୍ତାର ଡଷ୍ଟ ବଢ଼ାଉଛି ପ୍ରଦୂଷଣ

**ଜଟଣୀ,୧୧।୩(ଡି.ଏନ.ଏ.)**

ଜଟଣୀର ଅନ୍ୟତମ ପ୍ରମୁଖ ସଡକପଥ ହରିଭାଇନା ଛକରୁ ତଳଖେତା ପର୍ଯ୍ୟନ୍ତ ଥିବା ରାସ୍ତାର ଚାଲିଥିବା ନବୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ରାସ୍ତାରେ ପଡିଥିବା ଡଷ୍ଟ ଉଡି ଲୋକଙ୍କ ଘର ଦ୍ୱାର ଚାରି ଆଡେ ହୋଇଯାଉଛି। ଡଷ୍ଟ ଯୋଗୁ ପ୍ରଦୂଷଣର ମାତ୍ରା ବଢ଼ିଯାଉଥିବାରୁ ଲୋକେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

ରାସ୍ତାର ଉଭୟପାର୍ଶ୍ୱରେ ସରକାରୀ ଡାକ୍ତରଖାନା, ଘରୋଇ କ୍ଲିନିକ୍, କଲେଜ, ବ୍ୟାଙ୍କ, ଅନେକ ସରକାରୀ ଓ ଘରୋଇ କାର୍ଯ୍ୟାଳୟମାନ ରହିଛି। ଏହି ପଥ ଦେଇ ଜଟଣୀରୁ ଭୁବନେଶ୍ୱର ଓ ବାହାର ଅଞ୍ଚଳର ଲୋକ ଜଟଣୀକୁ ଯାତାୟାତ କରିଥାନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ପ୍ରମୁଖ ସଡ଼କପଥର ବହୁବାର ନିର୍ମାଣ କାର୍ଯ୍ୟ ହେଉଥିଲେ ମଧ ନିମ୍ନମାନର ଯୋଗୁ କିଛିମାସ ପରେ ଏଥିରୁ ପିଚୁ ଉଠି ଖାଲ ଢ଼ିପରେ ପରିଣତ ହେଉଛି। ଦେଢ଼ମାସ ହେବ ପୁଣି ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମନ୍ଥର ଗତିରେ ଏହା ଚାଲୁଥିବାରୁ ନାନା ସମସ୍ୟା ଉପୁଜୁଛି। ପ୍ରଥମେ ରାସ୍ତାର ଉଭୟପାର୍ଶ୍ୱ ଖୋଳି ଦେଇ ଦୀର୍ଘଦିନ ଛାଡ଼ିଦେବା ଯୋଗୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ୭ ଦିନ ହେବ ରାସ୍ତା ଉପରେ ଡଷ୍ଟଗୁଣ୍ଡ ପକାଇ ଛାଡ଼ି ଦିଆଯାଇଛି। ଏହା ଉପରେ ପାଣି ପକାଯାଉନାହିଁ। ଫଳରେ ଡଷ୍ଟଗୁଣ୍ଡ ଉଡ଼ି ପଥଚାରୀ ହଇରାଣ ହେଉଛନ୍ତି। ତାହା ସହ ରାସ୍ତାପାର୍ଶ୍ୱରେ ଥିବା ମେଡିକାଲ, ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡିକରେ ଥିବା ରୋଗୀ, ବିଦ୍ୟାର୍ଥୀ, କର୍ମଚାରୀ ସମସ୍ତେ ଉଡୁଥିବା ଡଷ୍ଟଗୁଣ୍ଡରେ ସେମାନଙ୍କ ନାକ ରୁନ୍ଧି ହୋଇପଡୁଛି। ଏହାଛଡ଼ା ରାସ୍ତାପାର୍ଶ୍ୱରେ ରହୁଥିବା ଅନେକ ପରିବାର ସେମାନଙ୍କ ଘର ଝରକା, କବାଟ ଦିନସାରା ବନ୍ଦ କରି ରଖିବାକୁ ପଡୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୈନିକ ଏହା ଉପରେ ପାଣି ପକାଇବାର ବ୍ୟବସ୍ଥା କରିବା ସହ ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ସାଧାରଣରେ ଦାବି ହେଉଛି।



ଜଟଣୀ ହରିଭାଇନା ଛକ-ତଳଖେତା ରାସ୍ତାରେ ଗାଡ଼ି ଯିବାବେଳେ ଡଷ୍ଟ ଉଡୁଛି।

**ଜଟଣୀ ହରିଭାଇନା ଛକ-ତଳଖେତା ରାସ୍ତା ନିର୍ମାଣରେ ବିଳମ୍ବ**

# ବ୍ରାଉନସୁଗାର ଜବତ, ୨ ଗିରଫ



**ଖୋର୍ଦ୍ଧା ଅଫିସ, ୧୧।୩:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କେରଙ୍ଗ ଗ୍ରାମର ଏସ୍.କେ. ଅମନ(୪୨) ଓ ଏସ୍.କେ. ହବିବ୍ (୫୦)। ପୋଲିସ ସୂଚନା ଅନୁସାରେ, ଏହି ଥାନା ଅଧୀନ କୁମ୍ଭିଲୋ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବର ପୋଲିସର ହସ୍ତଗତ ହୋଇଥିଲା। ପୋଲିସ ଚଢାଉ କରି ହବିବ୍ ଓ ଅମନକୁ ଗିରଫ କରିଥିଲା। ପୋଲିସ ସେମାନଙ୍କଠାରୁ ୧୮.୦୫ ଗ୍ରାମର ବ୍ରାଉନସୁଗାର, ୨ଟି ମୋବାଇଲ ଫୋନ୍ ସହ ୯୪୦ ଟଙ୍କା ଜବତ କରିଥିଲା। ଏ ନେଇ ଥାନାରେ ଦଫା ୨୧(ଖ), ୨୯ ଏନ୍‌ଡିପିଏସ୍ ଆକ୍ଟରେ ନଂ. ୭୯/୨୦ରେ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ମଙ୍ଗଳବାର ଖୋର୍ଦ୍ଧା ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ଉପକାରାଗାରକୁ ପଠା ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଉଭୟ ପୂର୍ବରୁ ଏହି କାରବାରରେ ଜଡିତ ଥାଇ ଜେଲ ଯାଇଥିଲେ। ମୁକୁଳି କି ଆସି ଏହି କାରବାରର ପୁଣି ବିସ୍ତାର କରିଛନ୍ତି। ୨୦୧୯ ଅଗଷ୍ଟ ୩ରେ ଅମନଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ଗୋଟିଏ ଚୋରା ବନ୍ଧୁକ ଜବତ କରାଯାଇଥିଲା। ସେତେବେଳେ ଥାନାରେ ଦଫା ୩୯୯, ୪୦୨ ଆଇ.ପି.ସି, ୨୫ ଆର୍ମସ ଆକ୍ଟରେ ନଂ. ୨୨୯/୧୯ରେ ମାମଲା ରୁଜୁ ହୋଇଥିଲା। ସେହିପରି ହବିବଙ୍କ ନାମରେ ଅଗଷ୍ଟ ୩ରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ମାମଲା ନଂ. ୨୩୦/୧୯ ରୁଜୁ ହୋଇଥିଲା।

# ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ



ମେଳଣରେ ଠାକୁରଙ୍କ ବିମାନକୁ ଲୋକେ କାନ୍ଧେଇ ଛିଡ଼ା ହୋଇଛନ୍ତି।

**ବାଲୁଗାଁ,୧୧।୩(ଡ଼ି.ଏନ.ଏ.):** ବାଲୁଗାଁ ଅଞ୍ଚଳର ଆରାଧ ଦେବତା ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଦୋଳ ବିମାନରେ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିରରୁ ବାହାରିଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ଶ୍ରୀ ଶ୍ରୀ ଗୋପାଳଜୀଉ ଦେବ ପାଟଣାସାହି ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ପୂର୍ବ ନିର୍ଦ୍ଧାରିତ ସ୍ଥଳରେ ପହଞ୍ଚି ଦୋଳ ଠାକୁରଙ୍କୁ ପାଛୋଟି ନେଇଥିଲେ। ପାଟପଟୁଆର ସହ ଆତସବାଜିପ୍ରଦର୍ଶନ କରାଯାଇ ତିନିଠାକୁର ଗ୍ରାମ ପରିଭ୍ରମଣ କରିଥିଲେ । ପରେ ଗୋପାଳ ଜୀଉ ଦେବ ଓ ଉମାମହେଶ୍ୱର ଦେବ ପାଟଣାସାହି ପରିକ୍ରମା କରିଥିଲେ। ନିର୍ଦ୍ଧାରିତ ସମୟରେ ଉମାମହେଶ୍ୱର ଦେବଙ୍କୁ ଗୁଣ୍ଠୁରପୁର ଶ୍ରୀ ଶ୍ରୀ ରଘୁନାଥ ଦେବ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ । ଶେଷରେ ସାମନ୍ତରାପୁର ଶ୍ରୀ ଶ୍ରୀ ଦଧିବାମନ ଦେବ ପାଟପଟୁଆର ସହ ଆସି ଉମାମହେଶ୍ୱର ଦେବଙ୍କୁ ପାଛୋଟି ନେଇଥିଲେ । ରାତିତମାମ ଠାକୁରମାନଙ୍କ ଏହି ଦଧିଯାତ୍ରା ଉତ୍ସବ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ରାଯାଇଥିଲା । ବୁଧବାର ସକାଳୁ ୪ଖଣ୍ଡ ଗ୍ରାମର ଦୋଳ ଠାକୁରଙ୍କ ସହ ପୃଥକ୍ ଭାବେ ଦଧିଯାତ୍ରା ଭୋଗ ଖାଇ ମନ୍ଦିରକୁ ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ବିଦ୍ୟାର୍ଥୀ ସଂସଦର ରୌପ୍ୟ ଜୁବିଲି ପାଳନ ପାଇଁ ନିଷ୍ପତ୍ତି

**ଜଟଣୀ, ୧୧।୩ (ଡି.ଏନ.ଏ.):** ଜଟଣୀ ବଡ଼ତୋଟା-ବେଲପଡ଼ା ଉଚ୍ଚବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ସଂସଦର ପ୍ରଥମ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ମୀନାକ୍ଷୀ ମିଶ୍ରଙ୍କ ସଂଯୋଜନା, ହୃଦାନନ୍ଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଏହା ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ଚଳିତବର୍ଷ ଜୁଲାଇ ୧୮ରେ ବିଦ୍ୟାଳୟର ରୌପ୍ୟ ଜୁବଲି ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ବୈଠକରେ ଜୁବୁଲି ପାଳନର ଚୂଡ଼ାନ୍ତ ରୂପରେଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ନେଇ ଆଲୋଚନା ହୋଇଥିଲା। ବର୍ଷକୁ ୪ଥର ସାଧାରଣ ଓ ପ୍ରତିମାସରେ କାର୍ଯ୍ୟକାରିଣୀ, ଜୁବିଲି ପାଇଁ ସ୍ମରଣିକା ପ୍ରକାଶନ ଓ ଅନ୍ୟାନ୍ୟ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ସ୍ମରଣିକା ପାଇଁ ଲେଖା ପଠାଇବାକୁ ସଂଯୋଜିକା, ଯୁବସଙ୍ଗଠକ ସନ୍ତୋଷ ପ୍ରଧାନଙ୍କ ସହ ଯୋଗାଯୋଗ କରିବାକୁ ସମ୍ପାଦକ ପର୍ଣ୍ଣଗଭୂଷଣ ମଙ୍ଗରାଜ ସୂଚନା ଦେଇଛନ୍ତି। ସଂସଦର କୋଷାଧକ୍ଷା ମନୋରମା ପାଇକରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଦୀପ୍ତିରଞ୍ଜନ ମାର୍ଥା, ଅକ୍ଷୟ ମହାନ୍ତି, ସଞ୍ଜୟ ବାରିକ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ/ନିରାକାରପୁର (ଡି.ଏନ୍.ଏ.) ୧୧।୩**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଭୀମପୁର ହରିଜନସାହିର ଜଣେ ଯୁବକ ଶନିବାରଠାରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ତେବେ ତାଙ୍କ ମୃତଦେହ ରବିବାର ରାତିରେ ରେଳ ଧାରଣା ନିକଟରୁ ଚିହ୍ନଟ ହୋଇଥିଲା। ସୋମବାର ବାଣପୁର ଥାନା ସମ୍ମୁଖରେ ଧରଣା ଦିଆଯାଇଥିଲା। ତେବେ

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଯୁବକଙ୍କୁ କେହି ଆକ୍ରୋଶମୂଳକ ଭାବେ ରାଗ ରଖି ହତ୍ୟା କରି ଟ୍ରେନ୍ ଲାଇନ୍ କଡରେ ଫୋପାଡି ଦେଇଥିବା ସନ୍ଦେହ କରି ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏ ନେଇ ନିରାକାରପୁର ଜିଆର୍‌ପି ଫାଣ୍ଡିରେ କେସ୍ ନଂ. କେଏ.ଏମ୍. ୫୨୫/୧୪-୧୨/୨୦୨୦ ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

ଅଭିଯୋଗର ପ୍ରକାଶ, ଭୀମପୁର ହରିଜନସାହିର ଦର୍ଶନ ନାୟକ(୨୪)। ସେ ଶନିବାର ସନ୍ଧ୍ୟାରେ ବାଣପୁର ବଜାରକୁ ସଉଦା କରିବାକୁ ଯାଇଥିଲେ। ମାତ୍ର ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ରାତିରେ ନିକଟସ୍ଥ ଗଙ୍ଗାଧରପୁର ରେଳ ଲାଇନ୍ କଡରେ ଦର୍ଶନଙ୍କ ମୃତଦେହ ପଡିଥିବା ଖବର ମିଳିଥିଲା। ପୋଲିସ ମୃତଦେହକୁ ଜବତ କରିବା ସହ ସୋମବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ପୋଲିସ ହସ୍ତାନ୍ତର କରିଥିଲା। ପରିବାର ଲୋକେ ସରକାରୀ ସହାୟତା ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣପୁର ଥାନା ସମ୍ମୁଖରେ ଧରଣା ଦେଇଥିଲେ। ଥାନା ଅଧିକାରୀ ସଞ୍ଜୀବ କୁମାର ପଟ୍ଟନାୟକ ଧରଣାରତ ପରିବାର ଲୋକଙ୍କୁ ବୁଝାଶୁଝା କରିବାରୁ ଧାରଣା ହଟି ଥିଲା।



ବାଣପୁର ଥାନା ସମ୍ମୁଖରେ ଧରଣାରତ ଭୀମପୁର ହରିଜନସାହି ବାସିନ୍ଦା।

# ୧୨ନଂ. ଜୋନରେ ନୂଆଗଡ଼ ଚାମ୍ପିୟନ

**ନିରାକାରପୁର,୧୧।୩ (ଡି.ଏନ୍.ଏ.):** ଖୋର୍ଦ୍ଧା କପ ପାଇଁ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀ, ଖୋର୍ଦ୍ଧା ମ୍ୟୁନିସିପାଲିଟିର ବିଭିନ୍ନ କ୍ରିକେଟ ଟିମ୍ ମଧ୍ୟରେ ପ୍ରତିଯୋଗିତା ଚାଲିଥିବାବେଳେ ଟାଙ୍ଗୀ ବ୍ଲକ ୧୨ନଂ. ଜୋନର ପ୍ରତିଯୋଗିତା ରାମେଶ୍ୱର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ନୂଆଗଡ଼ ଓ ଭୂଷଣ୍ଡପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନୂଆଗଡ଼ ଟିମ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ଏକ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଭୂଷଣ୍ଡପୁର ଦଳ ୪ ଉଇକେଟ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ନୂଆଗଡ ଟିମ୍ ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଖେଳକୁ କାହ୍ନୁ ଚରଣ ନାୟକ ଓ ଶାନ୍ତନୁ ସ୍ୱାଇଁ ପରିଚାଳନା କରିଥିଲେ। ଅତିଥି ଭାବେ ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ, ଲେଣ୍ଢୁର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଆଚାର୍ଯ୍ୟ, ଖବରଦାତା ହିମାଂଶୁ ଭୂଷଣ ଚମ୍ପତିରାୟ, ଯୁବନେତା ବୀରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଚମ୍ପିୟନ ଓ ରନର୍ସ ଅପ ଦଳକୁ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ବୀରେନ୍ଦ୍ର କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଫଟୋ ଯାଇଛି ।

# ପୀର ସାହେବଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

**କୃଷ୍ଣପ୍ରସାଦ, ୧୧।୩ (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ମାଣିକା ପଞ୍ଚାୟତ ଅଧୀନ ଭଗବାନପୁର ବସ୍ତି ମାଣିକପାଟଣା ଠାରେ ପୀର ସାହେବଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୀର ସାହେବଙ୍କ ଚାଦର ଅପରାହ୍ନ ୩ରେ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ପରେ ପୀର ସାହେବଙ୍କ ପୀଠରେ ପହଁଚିଥିଲା । ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା ହିନ୍ଦୁ ମୁସଲମାନ ଶ୍ରଦ୍ଧାଳୁ ଭାଇଚାରାର ଭାବନେଇ ପୀରଙ୍କ ପୀଠରେ ସମର୍ପିତ ହୋଇଥିଲେ । ଅପରାହ୍ନ ୫ଟାରେ ଉତ୍ତରପ୍ରଦେଶର ପ୍ରଖ୍ୟାତ ପଣ୍ଡିତ ପୀର ସାହେବ ତାଜୁ ସରିୟାଙ୍କ ନାତି ପୀରେ ହଜରତ୍ ଜମାଲ୍ ରଜା ଖାନ(ବରେଲି ସରିଫ୍)ଜଗତ କଲ୍ୟାଣ ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ଗହଣରେ ଅଲ୍ଲା(ଈଶ୍ୱର)ଙ୍କୁ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସିରିଣୀ ପ୍ରସାଦ ବଣ୍ଟନ କରାଯାଇଥିଲା। ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ସାୟେର ଇସଲାମ୍,ନାତିଆ କଲାମ ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗ୍ରାମସଭାପତି, ସମ୍ପାଦକ ତଥା ଗ୍ରାମବାସୀଙ୍କ ସମେତ ଉର୍ସ କମିଟି ପରିଚାଳନାରେ ସହଯୋଗ କରିଥିଲେ । ଭାଇଚାରାର ଏହି ପର୍ବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଥିରେ ମୁମ୍ବାଇ ଏବଂ ନାଗପୁରରୁ ଆସିଥିବା ପ୍ରଖ୍ୟାତ କଳାକାରମାନେ ଦୁଇଦିନ ଧରି କବାଲି ପରିବେଷଣ କରିଥିଲେ ।

# କୃଷ୍ଣପ୍ରସାଦରେ ଦୋଳ ମହୋତ୍ସବ



ମେଳଣକୁ ସୁସଜ୍ଜିତ ବିମାନରେ ଆସିଥିବା ଠାକୁରମାନେ।

**କୃଷ୍ଣପ୍ରସାଦ,୧୧।୩(ଡି.ଏନ.ଏ)**

କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ ଠାରେ ୫ ମୌଜା ପରିଚାଳନା କମିଟି ତରଫରୁ ଐତିହାସିକ ଦୋଳ ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପାରିକୁଦଗଡର ମୁଖ୍ୟ ପିଠାଧିଶ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀଶ୍ରୀ ଦଧିବାମନ ଦେବଙ୍କ ନେତୃତ୍ୱରେ ୩୫ ମୌଜା ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ୨୪ ଠାକୁର ସୁସଜ୍ଜିତ ବିମାନରେ ପାଟପଟୁଆରରେ ଆସି ଗଡ ଚନ୍ଦନ ପଡିଆ ଠାରେ ଏକତ୍ରିତ ହୋଇଥିଲେ । ପ୍ରଥମେ ପାରିକୁଦ ରାଜା ସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜାଙ୍କ ତରଫରୁ ଭୋଗ ଲାଗି ହୋଇଥିଲା । ୫ମୌଜା ତରଫରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ଭୋଗ ଅର୍ପଣ କରାଯାଇ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆତସବାଜି,ପାଇକଆଖଡା ଆଦି ପ୍ରଦର୍ଶନ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ୫ ମୌଜା ପରିଚାଳନା କମିଟି ସଭାପତି ଡମ୍ବୁରୁଧର ଖୁଣ୍ଟିଆ, ସମ୍ପାଦକ ସୁରଥ ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

# ସିବିଆଇକୁ ତଦନ୍ତ ହସ୍ତାନ୍ତର କରାଯାଉ

**ଖୋର୍ଦ୍ଧା ଅଫିସ, ୧୧।୩**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ୨୦୧୯ ଏପ୍ରିଲ ୧୪ରେ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିଲା। ତେବେ ଏହି ଘଟଣାକୁ ୧୧ ମାସ ବିତିଯାଇଥିଲେ ମଧ ପୋଲିସ ନୀରବଦ୍ରଷ୍ଟା ସାଜିଛି। ତଦନ୍ତ ଚାଲିଛି କହି ଫାଇଲରେ ଡୋରି ବାନ୍ଧି ଦେଇ ଚୁପ୍ ହୋଇ ବସି ପଡିଛି। ଏ ନେଇ ଜେନାଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିବାର ତ ଦୂରର କଥା ତାଙ୍କୁ ମାନସିକ ନିର୍ଯାତନା ଆଘାତ ଦେଇଛି। ତେବେ ତାଙ୍କ ପରିବାର ଲୋକ, ସମର୍ଥକମାନେ ମିଶି ଗଣ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଉ ଏବଂ ଏହି ଘଟଣାରେ ଜଡିତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯାଉ। ଏ ନେଇ ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣା ଦେଇଥିଲେ।

ଖୋର୍ଦ୍ଧା ସହରରେ ନବୀନବାଗଠାରେ ୨୦୧୯ ଏପ୍ରିଲ ୧୪ ରାତିରେ ଭାଜପାର ପ୍ରମୁଖ ନେତା ମଙ୍ଗୁଳିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାର ପ୍ରତିବାଦରେ ମଙ୍ଗୁଳିଙ୍କ ସମର୍ଥକମାନେ ଖୋର୍ଦ୍ଧା ଆଦର୍ଶ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ପୋଲିସ ପକ୍ଷରୁ ହତ୍ୟାରେ ଜଡିତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ବହୁବ୍ୟକ୍ତି ବିଶେଷଙ୍କ ନିକଟରୁ ବୟାନ ରେକର୍ଡ କରାଯାଇଥିଲା। ପରେ ଜିଲାରେ ଆଲୋଡନ୍ ସୃଷ୍ଟି କରିଥିବା ଏହି ହତ୍ୟାକାଣ୍ଡକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ପଡି ଚାପି ଦିଆଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତରେ ନାନା ସନ୍ଦେହ ଜାତ ହେଉଛି ବୋଲି ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚଠାରୁ ନେଇ ସିବିଆଇକୁ ଦିଆଯାଉ ବୋଲି ଦାବି କରି ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଯଦି ଶୀଘ୍ର ନ୍ୟାୟ ନ ମିଳେ ତେବେ ଆନ୍ଦୋଳନ କଡାକଡି କରାଯିବ ବୋଲି ବଡପୋଖରିଆ ଗ୍ରାମର ଜ୍ୟୋସ୍ନାରାଣୀ ଜେନା, ମମତା ଜେନା, ଛେଡ ଜେନା, ଅନୁପମା ବଇରିଗଞ୍ଜନ, ଯମୁନା ଜେନା ଓ ସରୋଜିନୀ ଦଳସିଂହରାୟଙ୍କ ସହ ଗ୍ରାମର ଶତାଧିକ ଲୋକଙ୍କ ଦସ୍ତଖତ ଥାଇ ଏକ ଦାବିପତ୍ର ଖୋର୍ଦ୍ଧା ଏସ୍‌ପି ଓ ଜିଲାପାଳଙ୍କୁ ଦେଇଛନ୍ତି।




ମଙ୍ଗୁଳି ହତ୍ୟାକାରୀଙ୍କ ଗିରଫ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

**ମଙ୍ଗୁଳି ଜେନା ହତ୍ୟାକାଣ୍ଡ ଫାଇଲରେ ଡୋରି**

- ଅଭିଯୁକ୍ତଙ୍କୁ ଗିରଫ ଦାବି: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିବାହ ମଣ୍ଡପରେ ଗଣ୍ଡଗୋଳ, ୬ ଗୁରୁତର

ବ୍ରହ୍ମଗିରି,୧୧।୩(ଡି.ଏନ.ଏ): ବ୍ରହ୍ମଗିରି କଲେଜ ଛକ ନିକଟରେ ଥିବା ଏକ ବିବାହ ମଣ୍ଡପରେ ବୁଧବାର ଗଣ୍ଡଗୋଳ ଘଟିଛି। ଏଥିରେ ଘଣପଣ ଗ୍ରାମର ଗୟାଧର ପ୍ରଧାନ, ସୁବଳ ଭୋଳ, ପ୍ରମୋଦ ଭୋଳ, ତନ୍ମୟ ଭୋଳ, ଗଗନ ଭୋଳ ଗୁରୁତର ହୋଇଛନ୍ତି। ଏମାନଙ୍କୁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଘଣପଣ ଗ୍ରାମରେ ସମୀର ଭୋଳ ଦିର୍ଘଦିନରୁ ରାୟପୁର ଗ୍ରାମରେ ରହୁଥିଲେ। ତାଙ୍କର ବିବାହ ବୁଧବାର ଏକ କଲ୍ୟାଣ ମଣ୍ଡପରେ ହେଉଥିଲା। ଏ ନେଇ ସମୀର ଘଣପଣରୁ କେତେଜଣ ବ୍ୟକ୍ତିଙ୍କୁ ଏହି ବିବାହ ଉତ୍ସବରେ ସାମିଲ କରାଇଥିଲେ। ଏହା ସହ ରାୟପୁର ଗ୍ରାମରୁ ସେ ବରଯାତ୍ରୀଙ୍କୁ ଧରି ଉକ୍ତ ବିବାହ ମଣ୍ଡପରେ ପହଞ୍ଚିଥିଲେ। ବରଯାତ୍ରୀ ବିବାହ ମଣ୍ଡପରେ ପହଞ୍ଚିବା ପୂର୍ବରୁ ଘଣପଣ ଗ୍ରାମର ଯୁବକମାନେ ଖାଉଥିଲେ। ଏହା ଦେଖି ବରଯାତ୍ରୀମାନେ ପାଟିତୁଣ୍ଡ କରିଥିଲେ। ଏହି ପାଟିତୁଣ୍ଡକୁ ଘଣପଣ ଗ୍ରାମର ଜଣେ ବ୍ୟକ୍ତି ସମାଧାନ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ରାୟପୁର ଗ୍ରାମର ଯୁବକମାନେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୬ଜଣ ଗୁରୁତର ହୋଇଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଗଡ଼ ମହୋତ୍ସବ ଉଦ୍‌ଯାପିତ

କଣାସ,୧୧।୩(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମରେ ମଙ୍ଗଳବାର ଗଡ଼ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଗ୍ରାମର ଶ୍ରୀକାନ୍ତ ଜଗଦେବ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ କୃପାସିନ୍ଧୁ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥିଭାବେ ଡ. ଶକୁନ୍ତଳା ବଳିୟାରସିଂହ, ଚଉଦମୌଜା କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ବିପିନ୍ ପ୍ରସାଦ ସାମନ୍ତରାୟ, ସାମାଜିକ କର୍ମୀ ସୁମନ୍ତ ବଳିୟାରସିଂହ ପ୍ରମୁଖ ଯୋଗଦେଇ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସହଦେବ ଦଳବେହେରା ଓ ସାମାଜିକ କର୍ମୀ ଦିନବନ୍ଧୁ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ପାଇକ ଆଖିଡା ଖୋର୍ଦ୍ଧା ଏବଂ ଦୋକନ୍ଦା ଗ୍ରାମର ପାଇକ ଆଖିଡା ଦଳ ମହୋତ୍ସବରେ ରଣକୌଶଳ ପ୍ରଦର୍ଶନ କରିଥିଲେ।

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣାସ,୧୧।୩(ସ୍ୱ.ପ୍ର./ଡି.ଏନ୍.ଏ.): କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତର ଅଞ୍ଜିରା ଗ୍ରାମରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ବୈଦିକ ଯଜ୍ଞ ଓ ପ୍ରତିଷ୍ଠା ବ୍ୟବସ୍ଥା ପଣ୍ଡିତ ସୁବାସ ପୁରୋହିତ ଓ ସାଥୀ ବ୍ରାହ୍ମଣ ମଣ୍ଡଳି ସମ୍ପାଦନ କରିଥିଲେ। ଇନ୍ଦ୍ରମଣି ଶ୍ରୀଚନ୍ଦନ ଓ ବନିତା ଶ୍ରୀଚନ୍ଦନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସୁରଥ ବିଶ୍ୱାଳ, ଓମ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ସେବାରେ ବି ମିଳିବ ସୁଧଠୁ ଅଧିକ

## ମହାପ୍ରଭୁଙ୍କ ଟଙ୍କାରେ ହେଉ ଭକ୍ତଙ୍କ ରହଣି ସୁବିଧା

ପୁରୀ ଅଫିସ,୧୧।୩: ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାକୁ ନେଇ ଏବେ ସବୁଠି ଚର୍ଚ୍ଚା। କ'ଣ ହେବ ଏହି ଟଙ୍କାର ଭାଗ୍ୟ, ବୁଡ଼ିଯିବନି ତ ଏମିତି ଆଶା ଆଶଙ୍କାରେ ରହିଛନ୍ତି ଶ୍ରୀଜଗନ୍ନାଥପ୍ରେମୀ, ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ। ତେବେ ଅଧିକ ସୁଧ ଲୋଭରେ ଏତେ ପରିମାଣର ଟଙ୍କା ଘରୋଇ ବ୍ୟାଙ୍କ ହାତକୁ ଟେକିଦେବାକୁ ନେଇ ସମସ୍ତେ ଚିନ୍ତାରେ। ତେବେ ମହାପ୍ରଭୁଙ୍କ ଏହି ଟଙ୍କାରେ ଯଦି ମନ୍ଦିର ପ୍ରଶାସନ ଭକ୍ତଙ୍କ ରହଣି ଲାଗି ସୁବିଧା କରନ୍ତା ତେବେ ବୁଡ଼ିଯିବାର ଭୟ ନ ଥାନ୍ତା। ବରଂ ବ୍ୟାଙ୍କ ଜମାରୁ ଯେତେ ସୁଧ ମିଳିବ ତାହାଠାରୁ ବି ଅଧିକ ମିଳିଥାନ୍ତା ବୋଲି ଅନେକ ବୁଦ୍ଧିଜୀବୀ କହିଛନ୍ତି।

ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କର। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଅ। ଏଥିସହ ୬୦ ହଜାର ଭକ୍ତଙ୍କ ରହଣି ଲାଗି ବନ୍ଦୋବସ୍ତ କରିବାକୁ ମଧ୍ୟ ସୁପ୍ରିମକୋର୍ଟ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଦର୍ଶନାର୍ଥୀଙ୍କ ରହଣି ଲାଗି ଭକ୍ତ ନିବାସ ତିଆରି କରିବାର ଆବଶ୍ୟକତା ରହିଛି। ଶ୍ରୀମନ୍ଦିରକୁ ସାଧାରଣ ଦିନଗୁଡ଼ିକରେ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। କିନ୍ତୁ ପର୍ବପର୍ବାଣି, ଛୁଟିଦିନ ତଥା ସ୍ୱତନ୍ତ୍ର ଦିନରେ ଏହି ସଂଖ୍ୟା ଲକ୍ଷେ ଟପିଯାଏ। ଅନେକ ସାଧାରଣ ଭକ୍ତ ଅଛନ୍ତି, ଯେଉଁମାନେ ପୁରୀରେ ରହି ମହାପ୍ରଭୁଙ୍କ ବଡ଼ସିଂହାର ବେଶ, ଦ୍ୱାରଫିଟା ପରେ ହେଉଥିବା ଆଳତି ଆଦି ନୀତି ଦର୍ଶନ କରିବାକୁ ଇଚ୍ଛା ରଖିଥାନ୍ତି। ମାତ୍ର ରହଣି ପାଇଁ ସେମାନଙ୍କୁ ଭାବିବାକୁ ପଡ଼େ। ପୁରୀରେ ଅନେକ ହୋଟେଲ ରହିଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକାଧିକ ଭକ୍ତ ନିବାସ ରହିଛି। ହେଲେ ଏଠାରେ ରହିବା ପାଇଁ ଯେଉଁ ଦାମ୍ ରହିଛି ତାହା ଅନେକେ ଦେବା ପାଇଁ ସମର୍ଥ ନ ଥାନ୍ତି। ତେଣୁ ଇଚ୍ଛା ଥିଲେ ବି ବାଧହୋଇ ଦିନରେ ଦର୍ଶନ କରି ଫେରିଯାନ୍ତି। ତେଣୁ ଏମିତି ସାଧାରଣ ଭକ୍ତଙ୍କ ଲାଗି ରହଣି ସୁବିଧା କରିବା ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ଦେଇଛନ୍ତି। ଏହାଫଳରେ ପକେଟକୁ ସୁହାଇଲା ଭଳି ଦାମ୍ ଦେଇ ଜଣେ ଭକ୍ତ ପୁରୀରେ ରାତି କାଟିପାରିବ। ସୁପ୍ରିମ୍‌କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ହୋଇପାରି ନାହିଁ।

ଅନ୍ୟପକ୍ଷରେ ଅଧିକ ସୁଧ ଲୋଭରେ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ଏହି ଟଙ୍କାରୁ କିଛି ଖର୍ଚ୍ଚ କରାଯାଇ ଯଦି ସାଧାରଣ ଭକ୍ତଙ୍କ ଲାଗି ରହଣି ସୁବିଧା ହୁଏ ତେବେ ବ୍ୟାଙ୍କରୁ ମିଳୁଥିବା ସୁଧଠାରୁ ବି ମନ୍ଦିର ଅଧିକ ଲାଭ ପାଇପାରିବ। ଅମରେନ୍ଦ୍ର ମିଶ୍ର କହିଛନ୍ତି, ମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଯେଉଁଭଳି ବିଳାସପୂର୍ଣ୍ଣ ଭକ୍ତ ନିବାସ ତିଆରି କରାଯାଇଛି ସେଭଳି ତିଆରି କରା ନ ଯାଉ। ସର୍ବନିମ୍ନ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ହେଉଥିବା ଭକ୍ତ ନିବାସ ତିଆରି କରାଯାଉ। ଏହାଦ୍ୱାରା ଗରିବ ଭକ୍ତଟିଏ ମଧ୍ୟ ପକେଟକୁ ସୁହାଇଲା ଭଳି ଟଙ୍କା ଦେଇ ପୁରୀରେ ରହିପାରିବ। କମ୍ ଦାମ୍ ରହିଲେ ଚାହିଦା ଅଧିକ ହେବ। ପୁରୀ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଜମି ରହିଛି। ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଆଗ୍ରହ ରଖିଲେ ଏହା ଅସମ୍ଭବ ନୁହେଁ। ପରୋକ୍ଷରେ ପ୍ରଶାସନ ମଧ୍ୟ ଭକ୍ତଙ୍କୁ ଏଭଳି ଏକ ସେବା ଦେଇପାରିବ ବୋଲି ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚାରିବାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ଲାଗି ମନ୍ଦିର ପ୍ରଶାସନ ପ୍ରକ୍ରିୟା ଜାରି ରଖିଛି। ଭକ୍ତଙ୍କ ରହଣି ସୁବିଧା ଲାଗି ମାଟିତୋଟା ଅଞ୍ଚଳରେ ଜମି ଚିହ୍ନଟ ହୋଇଛି। ଅବଢ଼ା ଯୋଜନାରେ ଭକ୍ତ ନିବାସ ତିଆରି କରାଯିବ ବୋଲି ସେ କହିଛନ୍ତି। ତେବେ ମହାପ୍ରଭୁଙ୍କ ଟଙ୍କାରେ ଏହାକୁ ତିଆରି କରାଯିବ ପ୍ରଶ୍ନରେ ଜେନା କହିଛନ୍ତି, ଠାକୁରଙ୍କ ଟଙ୍କା ବ୍ୟାଙ୍କରେ ରଖାଯିବା ଦ୍ୱାରା ସେଥିରୁ ଯେଉଁ ସୁଧ ଆସୁଛି ସେଥିରେ ମନ୍ଦିର ପରିଚାଳନା ହେଉଛି। ତେଣୁ ସେହି ଟଙ୍କାରେ ଭକ୍ତଙ୍କ ଲାଗି ରହଣି ସୁବିଧା କରିବା ସମ୍ଭବ ନୁହେଁ, ଅବଢ଼ା ଯୋଜନାରେ ଏହା ନିର୍ମାଣ କରାଯିବ ବୋଲି କହିଛନ୍ତି।



ଦୋଳ ପୂର୍ଣ୍ଣମୀରେ ଶ୍ରୀମନ୍ଦିରରୁ ଭୂଦେବୀ, ଶ୍ରୀଦେବୀ ଓ ଦୋଳଗୋବିନ୍ଦଙ୍କ ଦୋଳବେଦୀ ବିଜେ କରାଯାଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସ୍ୱାମୀ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ବ୍ରହ୍ମଗିରି,୧୧।୩(ଡି.ଏନ୍.ଏ.): ଅରଖକୁଦା ସାମୁଦ୍ରିକ ଥାନା ଅନ୍ତର୍ଗତ ଯଦୁପୁର ଗୋପୀନାଥପୁର ଗ୍ରାମରେ ଗତ ସୋମବାର ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ଜ୍ୟୋତି ମୁଣ୍ଡା(୧୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ପବିତ୍ର ମିଶ୍ର (୨୦) ଝାରଖଣ୍ଡ ଅଞ୍ଚଳର ଜ୍ୟୋତିଙ୍କୁ ପ୍ରେମ ବିବାହ କରିଥିଲେ। ଏହି ବିବାହରେ ପରିବାର ଲୋକଙ୍କ ସହମତି ନ ଥିବାରୁ ପବିତ୍ର ଜ୍ୟୋତିଙ୍କୁ ନେଇ ଗୋପୀନାଥପୁର ଗ୍ରାମର ଏକ ବଗିଚାରେ କାମ କରିବା ସହ ସେଠାରେ ରହୁଥିଲେ। ସୋମବାର ସକାଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ପବିତ୍ର ରାଗିଯାଇ ଏକ କାଠ ଫାଳିଆରେ ଜ୍ୟୋତିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଜ୍ୟୋତିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଅରଖକୁଦା ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପବିତ୍ରଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଦେବାଶିଷ ମିଶ୍ର କୁହନ୍ତି, ଉଭୟ ୩ମାସ ହେବ ପ୍ରେମ ବିବାହ କରିଥିଲେ। ପାରିବାରିକ କଳହରୁ ହତ୍ୟା ହୋଇଥିବା ତଦନ୍ତରୁ ଜଣାପଡିଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି।

### ସରିଲା ଦୋଳ ଉତ୍ସବ

ବ୍ରହ୍ମଗିରି,୧୧।୩(ଡି.ଏନ୍.ଏ.): ବ୍ରହ୍ମଗିରିରେ ଫଗୁଦଶମୀ ଠାରୁ ବିଭିନ୍ନ ମନ୍ଦିରରେ ଠାକୁରଙ୍କୁ ଚାଚେରୀ ଭୋଗ ଲାଗି କରାଯାଇଥିଲା। ଏକାଦଶୀ ତିଥିରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ଉପବେଶନ କରାଯାଇ ଗ୍ରାମରେ ଭୋଗ ଲାଗି କରାଯାଇଥିଲା। ସୋମବାର ଦୋଳ ପୂର୍ଣ୍ଣିମା ଅବସରରେ ଗ୍ରାମରେ ଥିବା ଦୋଳ ବେଦୀରେ ଠାକୁରମାନେ ଝୁଲିବା ସହ ଭୋଗ ଲାଗି କରାଯାଇଥିଲା। ବ୍ରହ୍ମଗିରିର ବିଭିନ୍ନ ଦେବାଳୟ ତଥା ପଞ୍ଚୁପାଣ୍ଡବ ଯୁଧିଷ୍ଠିର ଦେବ, ନକୁଳ ଦେବ, ସହଦେବ, ଭୀମେଶ୍ୱର ଦେବ, ଅର୍ଜୁନ ଦେବ, ତୈଳିକନାଥ, ବୃନ୍ଦାବନ ଦେବ, ଗୋପୀନାଥ ଦେବ,ଐଶାନେଶ୍ୱର, ଗ୍ରାମେଶ୍ୱର, ନୀଳକଣ୍ଠେଶ୍ୱରଙ୍କ ଚାଚେରୀ ଭୋଗଖିଆ ସମାପନ ହୋଇଛି। ସେହିପରି ଅଲାରନାଥଙ୍କୁ ଦୋଳପୂର୍ଣ୍ଣିମାରେ ରେ ସ୍ୱତନ୍ତ୍ର ନୀତି କରାଯାଇଥିଲା। ଦୋଳପୂର୍ଣ୍ଣିମା ଅବସରରେ ଦୋଳ ବେଦୀଙ୍କରେ ନୂତନ ପାଞ୍ଜି ପାଠ କରାଯାଇଥିଲା।

### ମଦ ଜବତ, ୨ ଗିରଫ

କଣାସ,୧୧।୩(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ଜଙ୍କିଆ ଗ୍ରାମରୁ ମଙ୍ଗଳବାର ପୋଲିସ ୨୬୫ବୋତଲ ବିଦେଶୀ ମଦ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଜ ସେଠୀ ଓ ପୂର୍ଣ୍ଣଚନ୍ଦ୍ର ଦାସ। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାରେ କଣାସ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜଙ୍କିଆ ଗ୍ରାମରେ ଚୋରା ମଦ ବିକ୍ରି ହେଉଥିବା ସୂଚନା ପାଇଥିଲା। ପୋଲିସ ଭଗବତ ଘରେ ଚଢ଼ାଉ କରି ୨୧୯ମଦ ବୋତଲ ଜବତ କରିବା ସହିତ ଉକ୍ତ ଗ୍ରାମର ଅନୁଜଙ୍କୁ ଗିରଫ କରିଥିଲା। ସେହିପରି ପୋଲିସ ଅନ୍ୟ ଏକ ସ୍ଥାନରେ ଚଢ଼ାଉ କରି ୪୬ବୋତଲ ଜବତ କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଏ ନେଇ ଥାନରେ ଦୁଇଟି ମାମଲା (ନଂ. ୩୭,୩୮/୨୦) ରୁଜୁ ହୋଇଛି।

### ମହାପ୍ରଭୁଙ୍କ ହେଲା ବନକଲାଗି

ପୁରୀ ଅଫିସ,୧୧।୩: ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ସାଢେ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ସାଢେ ୩ ଘଣ୍ଟା ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରି ଓ କେଶର ମିଶିଥାଏ। କସ୍ତୁରି ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ । ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତା'ର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରି ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ୧୩.୭ ଲକ୍ଷ ଆତ୍ମସାତ୍ ଘଟଣା,୩ ଅଟକ

ପୁରୀ ଅଫିସ,୧୧।୩: ପୁରୀ ସଦର ବ୍ଲକ ଅନ୍ତର୍ଗତ ହନ୍ତୁକ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ୧୩ଲକ୍ଷ ୭୬ହଜାର ଟଙ୍କା ଆତ୍ମସାତ୍ ଘଟଣାରେ ପୂର୍ବରୁ ପୁରୀ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏ ସମ୍ବନ୍ଧୀୟ ବିଭିନ୍ନ ସରକାରୀ କାଗଜପତ୍ର ଓ ରେକର୍ଡ ଜବତ କରିବା ସହ ୬ଜଣଙ୍କୁ ନୋଟିସ ଜାରି କରିଥିଲେ। କିନ୍ତୁ ବୁଧବାର ୩ ଜଣଙ୍କୁ ଅଧିକ ପଚରାଉଚରା ଲାଗି ଭିଜିଲାନ୍ସ ଟିମ୍ କାର୍ଯ୍ୟାଳୟ ପରିସରରୁ ଉଠାଇ ନେଇଛନ୍ତି। ପୁରୀରୁ ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରସଙ୍ଗ ଉପରେ ୩ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେମାନଙ୍କୁ ଉଠାଇ ନେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ପଞ୍ଚାୟତରେ ଚାଞ୍ଚଲ୍ୟ ଖେଳିଯାଇଛି। କେବଳ ଏମ୍‌ଜିଏନ୍‌ଆରଇଜିଏସ୍ ନୁହଁ ବରଂ ପଞ୍ଚାୟତକୁ ବିଭିନ୍ନ ଯୋଜନାରେ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟରେ ମିଳିମିଶି ହରିଲୁଟ୍ ଚାଲିଛି। ଏହି ଘଟଣାର ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ହରନାରାୟଣ ପତି କହିଛନ୍ତି। ସୂଚନାଯୋଗ୍ୟ, ଏହି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଅନିୟମିତତା ନେଇ ପୁରୀ ଭିଜିଲାନ୍ସ ନିକଟରେ ଗତ କିଛିଦିନ ତଳେ ସ୍ଥାନୀୟ କେତେଜଣ ଯୁବକ ଅଭିଯୋଗ କରିଥିଲେ।

### ନଦୀରେ ବୁଡ଼ି ଯୁବକ ମୃତ

ପିପିଲି,୧୧।୩(ଡି.ଏନ୍.ଏ.): ଭାର୍ଗବୀ ନଦୀରେ ବୁଡ଼ି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ସଂପୁର(ବରକଣାସାହି)ର ସୋମନାଥ ମହାରଣା(୨୨)। ସୂଚନା ଅନୁଯାୟୀ, ରଙ୍ଗ ଖେଳ ସାରି ସୋମନାଥ ପ୍ରାୟ ଅପରାହ୍ନ ୧ଟା ରେ ଗାଧୋଇବା ପାଇଁ ସାଙ୍ଗମାନଙ୍କ ନିକଟସ୍ଥ ରାଜଟେଇସ୍ଥିତ ଭାର୍ଗବୀ ନଦୀକୁ ଯାଇଥିଲେ। ହଠାତ୍ ସୋମନାଥଙ୍କ ଗୋଡ ଖସିଯିବାରୁ ସେ ଗଣ୍ଡ ଭିତରକୁ ଯାଇ ବୁଡି ଯାଇଥିଲେ। ବୁଡିଯାଉଥିବା ଦେଖି ସାଙ୍ଗମାନେ ପାଟି କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିମାପଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ସାଢେ ୩ଘଣ୍ଟା ଖୋଜାଖୋଜି କରିବା ପରେ ସୋମନାଥଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପିପିଲି ପୋଲିସ ସୋମନାଥଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ଏ ନେଇ ପିପିଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### 'ବୈଦିକ ସଂହିତା ବ୍ୟାଖ୍ୟାକାର' ଆଲୋଚନାଚକ୍ର

ପୁରୀ ଅଫିସ,୧୧।୩ : ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦ ବିଭାଗ ଦ୍ୱାରା ଦ୍ୱିବସୀୟ ରାଷ୍ଟ୍ରୀୟ ସଙ୍ଗୋଷ୍ଠୀ 'ବୈଦିକ ସଂହିତା ବ୍ୟାଖ୍ୟାକାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ହରିହର ହୋତା ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ପ୍ରଫେସର କିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବେଦ ବ୍ୟାଖ୍ୟାନର ଶାସ୍ତ୍ରୀୟ ଦିଗ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ତଥା ବେଦ ବିଭାଗ ଅଧକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର କର ଅଧକ୍ଷତା କରି ବେଦର ବ୍ୟାଖ୍ୟାନ ପରମ୍ପରାର ପ୍ରାଚୀନତା ଉପରେ କହିଥିଲେ। ଏହି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରାଧାମାଧବ ଦାଶ, ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର କମଳେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ପ୍ରମୁଖ ଯୋଗଦେଇ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ପିଜି ଛାତ୍ରୀଛାତ୍ରମାନେ ଏକ ସଂସ୍କୃତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ.ଶତ୍ରୁଘ୍ନ ପାଣିଗ୍ରାହୀ, ଡ.ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଶେଷବେଷ୍ଟ ନୀତି ସମର୍ପଣ କରାଯାଉଛି ।

### ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ

ପୁରୀ ଅଫିସ,୧୧।୩: ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ସ୍ମୃତିପୀଠ ପରିସରରେ ବୁଧବାର ଶହୀଦ ଜୟୀ ରାଜଗୁରୁଙ୍କ ସ୍ମାରକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସଭା ପରେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର କଳାକାର ଏବଂ ପୁରୀ ସହରର ବିଭିନ୍ନ ଅନୁଷ୍ଠାନ, ଜୟୀ ରାଜଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତିମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କଟକ ବାରବାଟୀରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ସ୍ଥାପନ ନେଇ ଯେଉଁ ଦାବି କରାଯାଉଛି ତାହାକୁ ପରିଷଦ ସ୍ୱାଗତ କରୁଛି। ୧୮୦୪ ମାର୍ଚ୍ଚ ୧୧ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୪ଟି ଅମୃତମଣୋହି ପ୍ରଗଣା ହାସଲ କରିବା ପାଇଁ ୨୦୦୦ ପାଇକସେନାଙ୍କୁ ନେଇ ଜୟୀ ରାଜଗୁରୁ ବାରବାଟୀରେ କର୍ନେଲ ହାରକୋର୍ଟଙ୍କୁ ଘେରାଉ କରିଥିଲେ। ଏହିଠାରୁ ପାଇକମାନେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ ଲାଗି ପ୍ରେରଣା ପାଇଥିଲେ ବୋଲି ସ୍ମୃତିଚାରଣ କରାଯାଇଥିଲା। ଏଣୁ ବାରବାଟୀରେ ଐତିହ୍ୟ କରିଡର ସୃଷ୍ଟି କରାଯିବା ସହ ପାଇକମାନଙ୍କର ଓ ଜୟୀ ରାଜଗୁରୁଙ୍କର ଓଡ଼ିଶା ତଥା ଭାରତ ପ୍ରତି ଥିବା ଭୂମିକା ବିଷୟରେ ଉଲ୍ଲେଖ କରିବା ଲାଗି ବକ୍ତାମାନେ ସରକାରଙ୍କୁ ଅନୁରୋଧ କରିଥିଲେ। ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫୁଲ୍ଲ କୁମାର ମିଶ୍ର, କଟକୀ ମଠ ମହନ୍ତ ବିଜୟ ନାରାୟଣ ରାମାନୁଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଜୟୀ ରାଜଗୁରୁଙ୍କ ୨୧୭ତମ ସ୍ମାରକୀ ଉତ୍ସବ ପୁରୀରେ ପାଳନ କରାଯିବା ଲାଗି ସ୍ଥିର ହୋଇଥିଲା। ଏଥିଲାଗି ସମସ୍ତ ଆୟୋଜନ ଶେଷ ହୋଇଥିଲା। କିନ୍ତୁ କରୋନା ଭାଇରସ୍ ନେଇ ସରକାର ସତର୍କତା ଜାରି କରିଥିବାରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇ କେବଳ ସ୍ମାରକୀ ସ୍ମୃତି ପାଳନ କରାଯାଇଛି।



ସଭାରେ ଉପସ୍ଥିତ ଅତିଥି ବୃନ୍ଦ ।

### ନାରାୟଣୀ ପୀଠକୁ ଐତିହ୍ୟ ମାନ୍ୟତା ଦାବି

ପୁରୀ ଅଫିସ,୧୧।୩: ପୁରୀ କୋଣାର୍କ ରାସ୍ତାର ହରିହରାନନ୍ଦ ଗୁରୁକୁଳମ ନିକଟରେ ରହିଛି ନାରାୟଣବନ୍ତ। ପ୍ରାଚୀନ କାଳରୁ ଏଠାରେ ବିଜେ କରିଛନ୍ତି ଦେବୀ ନାରାୟଣୀ। ତେଣୁ ଏହି ପୀଠକୁ ଐତିହ୍ୟ ମାନ୍ୟତା ମିଳିବା ଦରକାର ବୋଲି ଦାବି ହୋଇଛି। ଶ୍ରୀ ନାରାୟଣୀ ଫାଉଣ୍ଡେଶନ ପକ୍ଷରୁ ଗତ ସୋମବାର ପୀଠ ପରିସରରେ ଆୟୋଜିତ ସଭାରେ ଏଭଳି ମତପ୍ରକାଶ ପାଇଛି। ଫାଉଣ୍ଡେଶନ ସଭାପତି ଛବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନାରାୟଣୀ ବନ୍ତର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେବୀଙ୍କ ମନ୍ଦିର କଳାପାହାଡ଼ ଆକ୍ରମଣ ସମୟରେ ଭାଙ୍ଗିଯାଇଥିବା ଜନଶ୍ରୁତି ଏବେ ବି ରହିଛି। ନଦୀ ମୁହାଣ ପାଖାପାଖି ୫ ପାଟଣା ମଙ୍ଗଳାପାଟଣା, ରାମେଶ୍ୱର ପାଟଣା, ବେଲେଶ୍ୱର ପାଟଣା, ମଙ୍ଗଳା ପାଟଣା ଓ ନୂଆପାଟଣାର ପାଇକମାନେ ନାରାୟଣୀ ବନ୍ତର ପୁନରୁଦ୍ଧାର ପାଇଁ ଆଗେଇ ଆସିବା ପରେ ବେଲଦଳ, ଗଇଁଣ୍ଡଳ, ଭୂଆଁ, ସମଗରା, ରେଣ୍ଟୁଅ ଓ ବାଲିଗୁଆଳିର ପାଇକକୁଳ ତାଙ୍କୁ ସହଯୋଗ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ ବୋଲି ଏଥିରେ କୁହାଯାଇଥିଲା। ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରୀମନ୍ଦିରର କୋଠସୁଆଁସିଆ ଲକ୍ଷ୍ମୀଧର ଗୋଚ୍ଛାୟତ ସଭା ସଂଯୋଜନା କରିଥିଲେ। କୋଷାଧକ୍ଷ ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
-ଚାଣକ୍ୟ



## ସଂକ୍ଷେପରେ

### ଧାନ ଅମଳ ମେଶିନ ପୋଡ଼ିଦେଲେ ଦୁର୍ବୃତ୍ତ

**ଗୋପ,୧୧।୩(ଡି.ଏନ୍.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ମଙ୍ଗଳବାର ରାତିରେ ଗୋପ ଥାନା ଅଧୀନ ଗିରିମା ଗ୍ରାମର ମୋହନ ରାଉତଙ୍କ ଧାନ ଅମଳ ମେଶିନକୁ ଜାଳିଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୨/୨୦) ରୁଜୁକରି ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଧାନ ଅମଳ ମେଶିନକୁ ୬ ମାସ ପୂର୍ବେ ମୋହନ ବ୍ୟାଙ୍କରୁ ଋଣରେ ଆଣିଥିଲେ। ମଙ୍ଗଳବାର ମୋହନ ଗ୍ରାମ ନିକଟ ଶୈବ ପୀଠ ନିକଟରେ ଗାଡ଼ି ରଖିଥିବାବେଳେ ରାତିରେ କେହି ଦର୍ବୃତ୍ତ ମେଶିନରେ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ନିଆଁ ଜଳୁଥିବା ଦେଖି ଗ୍ରାମବାସୀ ହୋ ହଲ୍ଲା କରିବା ସହ ନିଆଁକୁ ଆୟତ୍ତ କରିଥିଲେ ମଧ ୮୦ ପ୍ରତିଶତ ଜଳି ଯାଇଯାଇଥିଲା। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହ କୁହନ୍ତି, ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

### ବାଇକ୍ ଧକ୍କାରେ ଯୁବକ ମୃତ

**ବଳଙ୍ଗା,୧୧।୩(ଡି.ଏନ୍.ଏ.):** ବଳଙ୍ଗା ଥାନା ଅନ୍ତର୍ଗତ ସମରେଈ ଶାସନ ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଆ ଶାସନ ଗ୍ରାମର ରମେଶ ଚନ୍ଦ୍ର ସେଠୀ। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ରମେଶ ଚନ୍ଦ୍ର ଏକ ବାଇକ୍(ଓଡି ୧୩ଇ ୫୨୬୩)ରେ ଚନ୍ଦନପୁର ଶାଖା କେନାଲ ବନ୍ଧ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ସମରେଈ ଶାସନ ନିକଟରେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରମେଶଚନ୍ଦ୍ର ତଳେ ପଡିଯାଇଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୦) ରୁଜୁକରି ତଦନ୍ତ ଚଳାଇଛି।

### ବାଇକ୍ ଧକ୍କାରେ ମହିଳା ମୃତ

**ସାକ୍ଷୀଗୋପାଳ,୧୧।୩(ଡି.ଏନ୍.ଏ.):** ବୀରଗୋବିନ୍ଦପୁର ଛକରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରତର ହୋଇଛନ୍ତି। ମୃତକ ହେଲେ ବଡ଼ହାର ଗ୍ରାମର ଶଶିମଣି ବରାଳ।ଗୁରୁତର ପିପନ୍ଦ୍ର ମହାରଣା ଓ ହେମନ୍ତ ରାଉତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶଶିମଣି ଚାଲି ଚାଲି ଆସୁଥିବା ବେଳେ ଏକ ବାଇକ୍ (ଓଡି ୩୩ଏସ୍ ୫୩୮୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାଇକ୍ ଆରୋହୀ ଦ୍ୱୟ ପିପନ୍ଦ୍ର ଓ ହେମନ୍ତ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସାକ୍ଷୀଗୋପାଳ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯଇଥିଲା। ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୬୭/୨୦)ରୁଜୁ ହୋଇଛି।

### ଗାଡ଼ି ଧକ୍କାରେ ପର୍ଯ୍ୟଟକ ଗୁରୁତର

**କୋଣାର୍କ,୧୧।୩(ଡି.ଏନ୍.ଏ.):** କୋଣାର୍କ ଅର୍ବାନହାଟ ସମ୍ମୁଖରେ ବୁଧବାର ଏକ କାର ଧକ୍କାରେ ଜଣେ ପର୍ଯ୍ୟଟକ ଗୁରୁତର ହୋଇଛନ୍ତି। ସେ ହେଲେ ଝାଡଖଣ୍ଡ ଅଞ୍ଚଳର ଭୀମ ପଣ୍ଡିତ(୬୦)। ଚିକିତ୍ସା ପାଇଁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କୋଣାର୍କ ଅର୍ବାନହାଟ ଠାରେ ବସ୍‌କୁ ପାର୍କିଂ କରି ଗାଡିରୁ ଓହ୍ଲାଇ ରାସ୍ତା ପାର୍ଶ୍ୱରେ ପରିସ୍ରା କରୁଥିବା ବେଳେ ପଣ୍ଡିତଙ୍କୁ ପୁରୀ ପଟୁ ଆସୁଥିବା ଏକ କାର ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ୍ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ଅନିଶ୍ଚିତତାରେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଭାଗ୍ୟ

**କଟକ ଅଫିସ୍,୧୧।୩**

ଓଡ଼ିଶାରେ ଚିଟ୍‌ଫଣ୍ଡ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଚିଟ୍‌ଫଣ୍ଡ ଅସ୍ତ୍ରକୁ ପୂର୍ବରୁ ବ୍ୟବହାର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୩ ଜୁଲାଇ ୯ରେ ତଦନ୍ତ କମିଶନ ଗଠନ କରିଥିଲେ ଏବଂ ୩ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। କୁହାଗଲା ତଦନ୍ତ ହେବ, କ୍ଷତିଗ୍ରସ୍ତମାନେ ଟଙ୍କା ଫେରସ୍ତ ପାଇବେ। ଇତିମଧ୍ୟରେ ପ୍ରଥମ ଦଫାରେ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୨୨ଶହ ଜଣ ଟଙ୍କା ଫେରସ୍ତ ପାଇଥିବାବେଳେ କମିଶନଙ୍କ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଛି। ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ୍ ମଦନ ମୋହନ ଦାସଙ୍କ କାର୍ଯ୍ୟକାଳ ଆଉ ବଢ଼ା ଗଲାନାହିଁ। ଫଳରେ ମାର୍ଚ୍ଚ ୩ତାରିଖଠାରୁ କମିଶନ ଶୁଣାଣିବନ୍ଦ କରିଦେଇଛନ୍ତି। ଏନେଇ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ନୋଟିସ ମରାଯାଇଛି। ଫଳରେ ଯେଉଁ ଲକ୍ଷାଧିକ ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ରଖିଥିଲେ ତାହା ମଉଳି ଯାଇଛି। ଅନ୍ୟପକ୍ଷରେ କମିଶନ୍ ଗଠନ ପରଠୁ ୨୦୧୯ ଜୁଲାଇ ସୁଦ୍ଧା ୫କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭାରେ ଅର୍ଥମନ୍ତ୍ରୀ ଉତ୍ତର ରଖିଥିଲେ। ଏତେ ଟଙ୍କା ଖର୍ଚ୍ଚ ହେବା ପରେ ଏବେ ହଠାତ୍ ବନ୍ଦ କରିଦେବାକୁ ନେଇ ପ୍ରଶ୍ନ ଉଠିଛି।

ଚିଟ୍‌ଫଣ୍ଡ ଠକେଇକୁ ନେଇ ସାରା ରାଜ୍ୟରେ ହଇଚଇ ହେବା ପରେ ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଷ୍ଟିସ୍ ରାଧାକୃଷ୍ଣ ପାତ୍ର କମିଶନ୍ ଗଠନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତିରେ ୫ଟି ଟର୍ମ ଅଫ୍ ରେଫରେନ୍ସ ଜାରି କରାଯାଇଥିଲା। ଚିଟ୍‌ଫଣ୍ଡ ଠକେଇରେ କେଉଁ ସଂସ୍ଥା ଓ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, କେଉଁମାନେ ଏହାକୁ ପ୍ରୋତ୍ସାହନ ଦେଉଥିଲେ, କ୍ଷତିଗ୍ରସ୍ତ ଜାମାକାରୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇପାରିବ, ଭବିଷ୍ୟତରେ ଜମାକାରୀଙ୍କୁ କିଭଳି ଆର୍ଥିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ଜମାକାରୀଙ୍କ ସହିତ ସମ୍ପୃକ୍ତ ଯେକୌଣସି ପ୍ରସଙ୍ଗରେ କମିଶନ ତଦନ୍ତ କରିପାରିବେ। ତେବେ ତଦନ୍ତ ମଝିରେ ଜଷ୍ଟିସ ପାତ୍ରଙ୍କ ପରଲୋକ ହୋଇଥିଲା। ତାଙ୍କ ସ୍ଥାନରେ ଜଷ୍ଟିସ୍ ମଦନମୋହନ ଦାସଙ୍କୁ ସରକାର ୨୦୧୫ ଫେବୃୟାରୀ ୫ରେ ନିଯୁକ୍ତ କରିଥିଲେ। ଏହାର କିଛି ଦିନ ପରେ ଅର୍ଥାତ୍ ୨୦ ତାରିଖରେ ସରକାର ଏକ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ ଜାରି କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ କର୍ପସ ଫଣ୍ଡରୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଟଙ୍କା ଫେରସ୍ତ ଦିଆଯିବ ସେ ନେଇ ସୁପାରିସ କରିବା ବ୍ୟବସ୍ଥା ଯୋଡ଼ାଯାଇଥିଲା। ୨୦୧୯ ଡିସେମ୍ବର ୧୧ରେ ସରକାର ପୁଣିଥରେ ସଂଶୋଧନ ଆଣି କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ ବ୍ୟବସ୍ଥା କରିଥିଲେ। ୧୦ ହଜାର କିମ୍ବା ତା'ଠାରୁ କମ୍ ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଗଣନା କରାଯିବ ବୋଲି କୁହାଯାଇଥିଲା।

**■ବଢ଼ିଲାନି ତଦନ୍ତ କମିଶନଙ୍କ କାର୍ଯ୍ୟକାଳ**

**■ଖତ ଖାଉଛି ୭ଲକ୍ଷ ସତ୍ୟପାଠ**



OFFICE OF THE COMMISSION OF INQUIRY ON UNAUTHORISED COLLECTION OF PUBLIC DEPOSITS BY HON'BLE SHRI JUSTICE MADAN MOHAN DAS, AT-SPECIAL BRANCH OFFICE CAMPUS, RESERVE POLICE LINE, BUXI BAZAR, CUTTACK-753 001.

Notice No. ... Date: 03.03.2020

In view of non-receipt of orders of the Government extending the tenure of the Commission till date, Hon'ble Commission shall not hold sittings from 03.03.2020 until further orders.

It is for information of all concerned.

Secretary to Commission.

କମିଶନଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ

ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କ ପକ୍ଷରୁ ୮ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେସବୁକୁ ତର୍ଜମା କରି କମିଶନ ସରକାରଙ୍କୁ ୭ଟି ଅନ୍ତରୀଣ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ୪ ଲକ୍ଷ ୯୭ ହଜାର ୮୪୪ ଜଣଙ୍କୁ କ୍ଷୁଦ୍ର ଜାମାକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେଥିରୁ ମାତ୍ର ୨୨ଶହ ଜଣଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ ସତ୍ୟପାଠ କମିଶନଙ୍କ ହସ୍ତଗତ ହୋଇଥିଲା। ସେସବୁର ଡିଜିଟାଇଜେଶନ୍ କାର୍ଯ୍ୟ ଚାଲିଥିବାବେଳେ ଶୁଣାଣି ଆରମ୍ଭ ହୋଇନାହିଁ। କମିଶନ ଅଷ୍ଟମ ଅନ୍ତରୀଣ ରିପୋର୍ଟ କାର୍ଯ୍ୟ ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀ ୪ରେ ଶେଷ ହୋଇଥିଲା। ଏନେଇ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏହାର ପ୍ରାୟ ୧ ମାସ ପରେ ମଧ୍ୟ ସରକାର କାର୍ଯ୍ୟକାଳ ନ ବଢ଼ାଇବାରୁ କମିଶନ ତାଙ୍କ ଶୁଣାଣି ମାର୍ଚ୍ଚ ୩ରେ ବନ୍ଦ କରିଦେଇଥିଲେ।

ସୂଚନାଥାଉ କି ସରକାର ଆରମ୍ଭରୁ ପ୍ରତି ୩ ମାସ କିମ୍ବା ୬ ମାସକୁ ଥରେ କମିଶନଙ୍କ କାର୍ଯ୍ୟକାଳ ବଢ଼ାଇ ଆସୁଥିଲେ। ପୂର୍ବରୁ ଜଷ୍ଟିସ୍ ପାତ୍ରଙ୍କ କାର୍ଯ୍ୟକାଳ ତିନିଥର ବଢ଼ିଥିଲା। ୨୦୧୯ ଅଗଷ୍ଟ ୪ରେ ଜଷ୍ଟିସ୍ ଦାସଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ଏହାର ୨ ଦିନ ପୂର୍ବରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଥିଲେ। ଏହି ଅବଧି ଶେଷ ହୋଇଯାଇଥିଲେ ମଧ ଏ ଦିଗରେ ସରକାର ଆଉ ଆଗ୍ରହ ଦେଖାଇନାହାନ୍ତି।

ଜମାକାରୀ ସୁବାସ ବେହେରା କହିଛନ୍ତି ଯେ, ୩ଟି ବଣ୍ଡରେ ୫ ଲକ୍ଷ ୧୦ ହଜାର ଟଙ୍କା ସି-ଶୋର ସଂସ୍ଥାରେ ଜମା ରଖିଥିଲି। ମ୍ୟାଚୁରିଟି ଟଙ୍କାରେ ଝିଅ ବିବାହ କରାଇବି ବୋଲି ଲକ୍ଷ୍ୟ ଥିଲା। ହେଲେ ହଠାତ୍ ସଂସ୍ଥା ବୁଡ଼ିଯିବା ପରେ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଏବେ ବହୁକଷ୍ଟରେ ଝିଅ ବିବାହ ଶେଷ କରିଛି। ମୋ ଭଳି ଅନେକ ଲୋକ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ବୋଲି ବେହେରା କହିଛନ୍ତି। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, କମିଶନକୁ ଅଧାରୁ ବନ୍ଦ କରିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। କାରଣ ଠିକ୍ ତଦନ୍ତ ହୋଇଥିଲେ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଯାହା ସରକାର ଚାହୁଁନାହାନ୍ତି। କମିଶନଙ୍କ କାର୍ଯ୍ୟକାଳ ବଢ଼ିଲେ ଜମାକାରୀମାନେ ଫାଇଦା ପାଇବେ। କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ହୋଇପାରିବ।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୪ ଆହତ

**ନିମାପଡ଼ା,୧୧।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ରଟିଲୋ ମେଲକସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଚନ୍ଦ୍ରକାନ୍ତ ପରିଡାଙ୍କ ବୋଉ, ଦାଦା, ଖୁଡି ଓ ବଡ଼ବାପା ଆହତ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚନ୍ଦ୍ରକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ୫ଜଣଙ୍କ ବିରୋଧରେ ମାମଲା(ନଂ.୫୬/୨୦) ରୁଜୁକରି ଦେବରାଜ ପ୍ରଧାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ହୋଲି ଖେଳ ଚାଲୁଥିବା ବେଳେ ରଟିଲୋ ମେଲକସାହି ଗ୍ରାମର ଏକ ପରିବାରର ପ୍ରାୟ ୭ଜଣ ବ୍ୟକ୍ତି ଚନ୍ଦ୍ରକାନ୍ତଙ୍କ ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ଏକ ମଙ୍ଗଳସୂତ୍ର ନେଇଯିବା ସହ ଘର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏହା ସହ ବୋମା ପକାଇ ଘର ଜାଳିଦେବାକୁ ଆକ୍ରମଣକାରୀମାନେ ଧମକ ଦେଇଥିବା ଚନ୍ଦ୍ରକାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରରି ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।



ଚୈତ୍ର ମଙ୍ଗଳବାର ଅବସରରେ ଝାଡେଶ୍ୱରୀଙ୍କ କଳସ ନେଇ ଝାମୁନିଆଁରେ ଚାଲୁଛନ୍ତି।

## ନାରୀ ଅଧିକାର ସଚେତନତା ଅଭିଯାନ

**ପୁରୀ ଅଫିସ,୧୧।୩**

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ନାରୀ ଅଧିକାର ସଚେତନତା ଅଭିଯାନ ବୁଧବାରଠାରୁ ଶୁଭାରମ୍ଭ ହୋଇଯାଇଛି। ଏହା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍କୁଲ୍, କଲେଜ, ବସ୍ତି ଅଞ୍ଚଳରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ସଭାପତିତ୍ୱ ଭାଷଣରେ ଛାତ୍ରୀମାନଙ୍କୁ ଘରୋଇ ହିଂସା, କିଶୋର ନ୍ୟାୟ(ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫, ଶିକ୍ଷା ଅଧିକାର ଆଇନ, ପୋକ୍‌ସୋ ଆକ୍ଟ, ଯୌତୁକ ନିରୋଧ ଆଇନ, ବାଲ୍ୟବିବାହ ନିରୋଧ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋଜ ପଟ୍ଟନାୟକ, ଶୁଭ୍ରାନ୍ତ ମିଶ୍ର, ନୃସିଂହ ଚରଣ ମହାନ୍ତି, ପାରା ଲିଗାଲ ସ୍ୱେଚ୍ଛାସେବୀ ହାରାମଣି ଦେବୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରାଧିକରଣ କର୍ମକର୍ତ୍ତା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଚଇନି ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ବଡ଼ଭାଇ ଲୁହାରଡ ମାଡ଼ରେ ସାନଭାଇ ଗୁରୁତର

**ନିମାପଡ଼ା,୧୧।୩(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ଅନ୍ତର୍ଗତ ସୁଦୁରଖ ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବଡ଼ଭାଇ ରାମଚନ୍ଦ୍ର ସାହୁଙ୍କ ଲୁହା ରଡ ମାଡ଼ରେ ସାନଭାଇ ଲକ୍ଷ୍ମୀଧର ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଲକ୍ଷ୍ମୀଧରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୫୭/୨୦) ରୁଜୁ କରିବା ସହ ରାମଚନ୍ଦ୍ରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

## ମୃତ ହରିଣ ଉଦ୍ଧାର



**ନିମାପଡ଼ା,୧୧।୩(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ଅନ୍ତର୍ଗତ କନ୍ତିଲୋ ଗ୍ରାମ ଠାକୁରାଣୀ ମନ୍ଦିର ନିକଟରୁ ମଙ୍ଗଳବାର ଏକ ମୃତ ଅଣ୍ଡିରା ହରିଣକୁ ଗ୍ରାମବାସୀ ଉଦ୍ଧାର କରି ଗୋପ ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ହରିଣର ବୟସ ପ୍ରାୟ ୨ବର୍ଷ ହେବ। କୁଶୁପୁରସ୍ଥିତ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଗୋପ ବନବିଭାଗ କାର୍ଯ୍ୟାଳୟରେ ହରିଣକୁ ପୋତି ଦିଆଯାଇଥିବା ଫରେଷ୍ଟର ଉମେଶ ମହାନ୍ତି କହିଛନ୍ତି। ଝିଙ୍କିରିଆଗଡ଼ ଜଙ୍ଗଲରୁ ହରିଣଟି ଖାଦ୍ୟ ଅନ୍ୱେଷଣରେ ଆସି କେଉଁଠି ମାଡ଼ ହୋଇ କିମ୍ବା କୁକୁର କାମୁଡ଼ାରେ ଆହତ ହୋଇ ମନ୍ଦିର ନିକଟରେ ପଡ଼ି ମୃତ୍ୟୁ ହୋଇଥିବା କେତେଜଣ ଗ୍ରାମବାସୀ କହିଛନ୍ତି।

# ଅର୍ବାନ ବ୍ୟାଙ୍କ ଟଙ୍କା ଜାତୀୟକରଣ ବ୍ୟାଙ୍କରେ ରଖିବାକୁ ଦାବି

**ପୁରୀ ଅଫିସ,୧୧।୩**

ୟେସ୍ ବ୍ୟାଙ୍କର ଆର୍ଥିକ ଦୁର୍ବଳ ସ୍ଥିତି ଯୋଗୁ ଏବେ ଘରୋଇ ବ୍ୟାଙ୍କରେ ଟଙ୍କା ଜମା ରଖିବା ସୁରକ୍ଷିତ ନୁହେଁ। ତେଣୁ ପୁରୀ ଅର୍ବାନ ବ୍ୟାଙ୍କ ଟଙ୍କା ଜାତୀୟକରଣ ବ୍ୟାଙ୍କରେ ରଖିବା ଲାଗି ଦାବି ହୋଇଛି। ଏ ନେଇ ବ୍ୟାଙ୍କର ପୂର୍ବତନ ସଭାପତି ଓ ନିର୍ଦ୍ଦେଶକଙ୍କ ସମେତ କେତେଜଣ ବ୍ୟକ୍ତି ବ୍ୟାଙ୍କର ସଭାପତି ଦାୟିତ୍ୱରେ ଥିବା ଜିଲାପାଳଙ୍କୁ ବୁଧବାର ଲିଖିତ ଭାବେ ଜଣାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବିଗତ ବୋର୍ଡରେ ଥରେ ଏକ ଘରୋଇ ବ୍ୟାଙ୍କରେ ଅର୍ବାନ ବ୍ୟାଙ୍କର ୫ କୋଟି ଟଙ୍କା ଜମା ପାଇଁ ପ୍ରସ୍ତାବ ଆସିଥିଲା। ଏହାର ବିରୋଧ ହେବାରୁ ତାହା ବନ୍ଦ ରହିଥିଲା। ସେତେବେଳେ ସମସ୍ତ ଡିପୋଜିଟ୍ ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା। ବର୍ତ୍ତମାନ ୟେସ୍ ବ୍ୟାଙ୍କରେ ୧୧ କୋଟି ଟଙ୍କା ରଖାଯାଇଛି, ଯାହାକୁ ଆଣିବା ଏବେ କଷ୍ଟକର। ଏହାଛଡ଼ା ଏକ ପ୍ରାଇଭେଟ୍ ସଂସ୍ଥାରେ ମଧ୍ୟ ଅର୍ବାନ ବ୍ୟାଙ୍କର କିଛି ଟଙ୍କା ରହିଥିବା ଶୁଣିବାକୁ ମିଳୁଛି। ଅର୍ବାନ ବ୍ୟାଙ୍କ ଏକ କ୍ଷୁଦ୍ର ବ୍ୟାଙ୍କ ହୋଇଥିବାରୁ ଏହି ଟଙ୍କା ବ୍ୟାଙ୍କର ସ୍ଥାୟିତ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି କଟକଣା ଲାଗି ନ ଥିବା କୌଣସି ଘରୋଇ ସଂସ୍ଥାରେ ଅର୍ବାନ ବ୍ୟାଙ୍କର ଟଙ୍କା ରହିଛି ତାହାକୁ ଉଠାଇ ଆଣି ଜାତୀୟକରଣ ବ୍ୟାଙ୍କରେ ରଖିବା ଲାଗି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ପୂର୍ବତନ ସଭାପତି ପ୍ରଭଞ୍ଜନ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଦେବପ୍ରସାଦ ସ୍ୱାଇଁ, ପୂର୍ବତନ ନିର୍ଦ୍ଦେଶକ ପ୍ରଧାନ ଧୀରେନ୍ଦ୍ର ରାଏ ପ୍ରମୁଖ।

## ସୁନା ଲୋଭ ଦେଖାଇ ୬ ଲକ୍ଷ ଠକେଇ,୪ ଗିରଫ

**କଟକ ରୋଡ୍,୧୧।୩(ଡି.ଏନ୍.ଏ.)**

ସୁନା ଲୋଭ ଦେଖାଇ ଜଣେ କନ୍‌ଷ୍ଟେବଳଙ୍କ ଠାରୁ ୬ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସାମ ଧୁବରୀ ଜିଲାର ଫକୀରଚାନ ଖାନ, ନିଜାମୁଦ୍ଦିନ ଫକିର, ମନୋହର ଅଲ୍ଲି ଓ ମୁଜାମ ଅଲ୍ଲି। ଏମାନଙ୍କ ନିକଟରୁ ୬ ଲକ୍ଷ ଟଙ୍କା ଓ ନକଲି ସୁନା ଜବତ ହୋଇଛି। ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଦୈତାରୀ ମଲ୍ଲିକ ସିଆରପିଏଫ୍ କନ୍‌ଷ୍ଟେବଳ ଭାବେ କାର୍ଯ୍ୟ କରନ୍ତି। ଫକୀର ଚାନ ଜଣେ ମାଛ ବ୍ୟବସାୟୀ ହୋଇଥିବା ବେଳେ ଦୈତାରୀଙ୍କୁ ମାଛ ଦିଅନ୍ତି। ଫକୀରଚାନଙ୍କ ନିକଟରେ ଥିବା ୭୫୦ଗ୍ରାମ ସୁନାକୁ ବିକ୍ରି କରିବାକୁ ଚାହୁଁଥିବା ଦୈତାରୀଙ୍କ ସ୍ତ୍ରୀ ରାଧାମଣୀଙ୍କୁ ଜଣାଇଥିଲେ। ଜାନୁୟାରୀ ୧୧ରେ ଦୈତାରୀ ଓ ତାଙ୍କ ସ୍ତ୍ରୀଙ୍କ ସହ ଫକୀରଚାନ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଅପେକ୍ଷା କରିଥିବା ନିଜାମୁଦ୍ଦିନ ଏକ ସୁନା ମୁଣ୍ଡା ଦୈତାରୀଙ୍କୁ ଦେବା ପରେ ସେମାନଙ୍କଠାରୁ ୬ଲକ୍ଷ ଟଙ୍କା ନେଇଥିଲେ। ଦୈତାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୧/୨୦) ରୁଜୁ କରିଥିଲା।

## ଏକତା ଦ୍ୱାରା ସବୁ କିଛି ସମ୍ଭବ: ଗଣଶିକ୍ଷା ମନ୍ତ୍ରୀ

**ଗୋପ,୧୧।୩(ଡି.ଏନ୍.ଏ.)**

ଏକତା ଦ୍ୱାରା ସବୁ କିଛି ସମ୍ଭବ ହୋଇପାରିବ। ବୁଧବାର ଗୋପ ପଞ୍ଚାୟତ ସମିତି ବୈଠକ ଗୃହରେ ଆୟୋଜିତ ଉତ୍କଳ ଦିବସ ପାଇଁ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ଗୋପ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ତହସିଲଦାର ପୃଥିରାଜ ମଣ୍ଡଳ, ବିଡିଓ ଦୀପ୍ତିରାଣୀ ଦାସ, ସୁକାନ୍ତ କୁମାର ମହାନ୍ତି, ଜିଲାପରିଷଦ ସଭ୍ୟ ସରୋଜିନୀ ନାୟକ, ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଆୟୋଜିତ ଏହି ଉତ୍କଳ ଦିବସ କାର୍ଯ୍ୟକ୍ରମକୁ ଚଳିତବର୍ଷ ସରକାରୀ ସ୍ତରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଲୋକ ପ୍ରତିନିଧି, ଶିକ୍ଷାବିତ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ସିବିଆଇ ତଦନ୍ତ ଦାବିରେ ସିପିଆଇ(ଏମ୍)ର ବିକ୍ଷୋଭ

**ପୁରୀ ଅଫିସ,୧୧।୩**

ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ରୁଗ୍ଣ ହେବା ଯୋଗୁ ଏହାର କାରବାର ଉପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) କଟକଣା ଜାରି କରିଛି। ଫଳରେ ଗ୍ରାହକମାନେ ଜମାଟଙ୍କାକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ୟେସ୍ ବ୍ୟାଙ୍କର ଏଭଳି ସ୍ଥିତିକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବ କି ନାହିଁ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଯେଉଁ ଅଧିକାରୀମାନେ ଚଞ୍ଚକତା କରି ଘରୋଇ ବ୍ୟାଙ୍କରେ ଏହି ଟଙ୍କା ରଖିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ଆନ୍ଦୋଳନ ଚାଲିଛି। ବୁଧବାର ସିପିଆଇ(ଏମ୍) ପୁରୀ କମିଟି ପକ୍ଷରୁ ସମ୍ପୃକ୍ତ ଅଧିକାରୀ କରିଥିବା ଦୁର୍ନୀତିର ସିବିଆଇ ତଦନ୍ତ ଦାବିକରି ସ୍ଥାନୀୟ ୟେସ୍ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ମୋଚିସାହି ଛକରୁ ଏକ ରାଲି ବାହାରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ କରାଯାଇଥିଲା। ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ରେବତୀ ବଲ୍ଲଭ ମହାପାତ୍ର, ରଶ୍ମିତା ଗୋଚ୍ଛିକାର, ହାରାମଣି ମହାପାତ୍ର ପ୍ରମୁଖ ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ପାଇଁ କେନ୍ଦ୍ର ନେତୃତ୍ୱାଧୀନ ଭାଜପାକୁ ଦାୟୀ କରିଥିଲେ। ସମ୍ପାଦକ ରାୟଗୁରୁ କହିଥିଲେ, ୟେସ୍ ବ୍ୟାଙ୍କର ୮୫ ପ୍ରତିଶତ ଜମାକାରୀ ସାଧାରଣ ଜନତା। ତାଙ୍କ ଗଚ୍ଛିତ ଟଙ୍କା ଉଠାଣରେ ଆର୍‌ବିଆଇ ରୋକ୍ ଲଗାଇବା ଓ ୫୦ ହଜାର ଟଙ୍କାରେ ସୀମିତ ରଖିବା ଆଉ ଏକ ନୋଟ୍‌ବନ୍ଦୀ ସଦୃଶ। ୨୦୧୪ ପରଠାରୁ ମୋଦି ଶାସନରେ ସମସ୍ତ ବ୍ୟାଙ୍କର ଋଣ ଖିଲାପ ଓ ଅନାଦେୟ ଋଣ ୭,୭୮,୦୦୦ କୋଟି ଟଙ୍କା କର୍ପୋରେଟ ଓ ପୁଞ୍ଜିପତିଙ୍କୁ ଛାଡ଼ କରି ଅର୍ଥନୀତିକୁ ଦେବାଳିଆ କରିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ୧୮ଟି ବଡ଼ ବଡ଼ କମ୍ପାନୀ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣ ନେଇଛନ୍ତି। ଆଗାମୀ ଦିନରେ ବିଭିନ୍ନ ବ୍ୟାଙ୍କ ଦେବାଳିଆ ହେବା ଜଣାପଡୁଛି। ୟେସ୍ ବ୍ୟାଙ୍କ ଘୋଟାଲାରେ ସମ୍ପୃକ୍ତ ସମସ୍ତ ଋଣ ଖିଲାପୀଙ୍କଠାରୁ ଟଙ୍କା ଆଦାୟ, ସାଧାରଣ ଗ୍ରାହକଙ୍କ ଉପରେ ଟଙ୍କା ଉଠାଣରେ ରୋକ୍ ନ ଲଗାଇବା, ଶ୍ରୀମନ୍ଦିରର ୫୪୫ କୋଟି, ଅର୍ବାନ ବ୍ୟାଙ୍କର ୧୧ କୋଟି ଟଙ୍କା ସମେତ ସମସ୍ତ କୋ-ଅପରେଟିଭ ବ୍ୟାଙ୍କର ଗଚ୍ଛିତ ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରାଯାଇଥିଲା।

### ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା




ପୁରୀ ସ୍ଥିତ ୟେସ୍ ବ୍ୟାଙ୍କ ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ କରାଯାଉଛି।